


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୨୧ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 21 MAY 2022
Vol.No. 33 ■ No. 132 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ୮୬ ଦିନରେ ପହଁଚିଲା ୟୁକ୍ରେନ-ରୁଷିଆ ଯୁଦ୍ଧ

# ଅସ୍ତ୍ର କିଣିବା ପାଇଁ ୧୦୦ ମିଲିୟନ ଡଲାରର ସହାୟତା ଦେଲା



ନୂଆଦିଲ୍ଲୀ, ୨୦/୦୫ : ୮୬ ଦିନରେ ପହଁଚିଛି ରୁଷ-ୟୁକ୍ରେନ ଯୁଦ୍ଧ । ୟୁକ୍ରେନ ଉପରେ ଆକ୍ରମଣକୁ ଅଧିକ ତ୍ରୀବ କରୁଛି ରୁଷ । ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ରୁଷର ଆକ୍ରମଣକୁ ମୂର୍ଖତା ଓ କ୍ରୁରତା କହି ରୁଷ ରାଷ୍ଟପତିଙ୍କ ପୁଣି ନିନ୍ଦା କରିଛନ୍ତି । ସେପଟେ ୟୁକ୍ରେନ ପାଇଁ ବଡ ସେନା ସହାୟତା ଆମେରିକା ଘୋଷଣା କରିବା ସହ ବ୍ରିକ୍ସ ସମ୍ମିଳନୀରେ ଯୁଦ୍ଧ ପ୍ରସଙ୍ଗ ଉଠାଇ ନିଜ ମତାମତ ରଖିଛି ଭାରତ । ରୁଷ-ୟୁକ୍ରେନ ଯୁଦ୍ଧକୁ ଆଉ କିଛି ଦିନ ପରେ ୩ମାସ ପୂରିବାକୁ ଯାଉଛି । ଅନେକ ବୈଠକ, ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ ଯୁଦ୍ଧ ରୋକିବା ପ୍ରୟାସ ବିଫଳ ହେଉଛି । ସେପଟେ କଳେବଳେ କୌଶଳେ ୟୁକ୍ରେନକୁ କବଜା କରିବାକୁ ଜୋରଦାର ଉଦ୍ୟମ କରୁଛନ୍ତି ପୁଟିନ ବାହୀନୀ । କିନ୍ତୁ ରଷିଆ ସୈନିକଙ୍କ ସହ କଡା ମୁକାବିଲା ଜାରି ରଖିଛି ୟୁକ୍ରେନ । ଏହାରି ଭିତରେ ଏକ ବଡ ଖବର ଆସୁଛି । ଖୁବ ଶିଘ୍ର ୟୁକ୍ରେନକୁ ପୁଣି ଥରେ ବଡ ସହାୟତା କରିବ ଆମେରିକା । ଆମେରିକା ୟୁକ୍ରେନକୁ ଆଡଭାନ୍ସ ଆଟିଂ ସିପ ମିଶାଇଲ ଯୋଗାଇବ ଯାହା ରୁଷର ଲଢୁଆ ତଥା ଶକ୍ତିଶାଳୀ ଯୁଦ୍ଧ ଜାହଜ ଓ ବିମାନକୁ କ୍ଷଣିକରେ ଧ୍ୱଂସ କରିବାରେ ସମର୍ଥ ଅଟେ । ଏଥିସହ ୧୦୦ ମିଲିୟନ ଡଲାର ସହ ସେନା ସହାୟତା ଘୋଷଣା କରିଛି ଆମେରିକା । ଯଦି ଏହା ହୁଏ ତେବେ ଆଗକୁ ଯୁଦ୍ଧ ଆହୁରି ଭୟଙ୍କର ହେବାହ ସମ୍ଭାବନା ବେଶ ଅଧିକ ରହିଛି । ଯୁଦ୍ଧ ଭିତରେ ରୁଷ ରାଷ୍ଟ୍ରପତି ପୁଟିନଙ୍କ ପୁଣି ନିନ୍ଦା କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲଦମୀର ଜେଲେନସ୍କି । ସେ କହିଛନ୍ତି, ରାଷ୍ଟ୍ରପତି ପୁଟିନ ଜାଣିଶୁଣି ୟୁକ୍ରେନରେ ନରସଂହାର କରୁଛନ୍ତି । ୟୁକ୍ରେନର ନୀରିହ ଲୋକଙ୍କ ଜୀବନ ସହ ଖେଳୁଛନ୍ତି । ସେପଟେ ରୁଷ ଦାବି କରିଛି ଯେ ମାରିଓପୋଲ ଷ୍ଟିଲ ପ୍ଲାଂଟରେ ୨ ହଜାର ରୁ ବି ଅଧିକ ୟୁକ୍ରେନ ସୈନିକ ଆତ୍ମସର୍ମପଣ କରିଛନ୍ତି । ସେପଟେ ୫ଟି ଦେଶକୁ ନେଇ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ରୁଷ-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ ଉଠାଇଛି ଭାରତ । ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ସମ୍ମିଳନୀରେ ଯୁଦ୍ଧର ପ୍ରଭାବ କିପରି ସାରା ବିଶ୍ୱ ଉପରେ ପଡୁଛି ସେକଥା କହିଛନ୍ତି।। ଯୁଦ୍ଧର ପ୍ରଭାବ ମାନବ ଜାତିର ବଡ ପ୍ରଭାବ ପକାଉଛି, ବିଶ୍ୱ ବଜାରରେ ଦରଦାମ ବେଶ ବୃଦ୍ଧି ପାଉଛି । ତେଣୁ ବିକାଶଶୀଳ ଦେଶ ଏହା ଉପରେ ନଜର ଦେବା ଜରୁରୀ ବୋଲି ଜୟଶଙ୍କର ସମ୍ମିଳନୀରେ ନିଜର ମତାମତ ରଖିଛନ୍ତି । କ୍ଷେତ୍ରୀୟ ଅଖଣ୍ଡତା, ଅର୍ନ୍ତରାଷ୍ଟ୍ରୀୟ ନିୟମ ପ୍ରତି ସମ୍ମାନ ତଥା ଏହା ଉପରେ ସମୁହ ପ୍ରତିବଦ୍ଧତାକୁ ନେଇ ବ୍ରିକ୍ସ ଦେଶମାନେ ଗୁରୁତ୍ୱ ବଜାୟ ରଖିବା ଉଚିତ । ୮୬ ଦିନରେ ପହଁଚିଛି ରୁଷ-ୟୁକ୍ରେନ ଯୁଦ୍ଧ । ବ୍ରିକ୍ସ ସମ୍ମିଳନୀରେ ଯୁଦ୍ଧକୁ ନେଇ ଭାରତ ନିଜର ଟିପ୍ପଣୀ ରଖିଛି ।ସେପେଟ ଆମେରିକାର ଆକଳନ କହୁଛି ଦୀର୍ଘ ଦିନ ଧରି ଚାଲିପାରେ ଯୁଦ୍ଧ । ଏହା ଭିତରେ ଗୋଟିଏ କଥା ନିଶ୍ଚିତ କି ଯୁଦ୍ଧର ପରିଣାମ କେବଳ ରୁଷ କି ୟୁକ୍ରେନ ନୁହେଁ ସାରା ବିଶ୍ୱ ଉପରେ ବଡ ପ୍ରଭାବ ପକାଇଛି ।

# ଜେଲରୁ ବାହାରିଲେ ଇନ୍ଦ୍ରାଣୀ ମୁଖାର୍ଜୀ





ନୂଆଦିଲ୍ଲୀ, ୨୦/୦୫ : ଜେଲରୁ ବାହାରିଲେ ସୀନା ବୋରା ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ଇନ୍ଦ୍ରାଣୀ ମୁଖାର୍ଜୀ । ମୁମ୍ବାଇର ବହୁଚର୍ଚ୍ଚିତ ସୀନା ବୋରା ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ଇନ୍ଦ୍ରାଣୀ ମୁଖାର୍ଜୀ ଶୁକ୍ରବାର ଜେଲରୁ ମିକୁଳିଛନ୍ତି । ୨୦୧୫ ମସିହାରୁ ଇନ୍ଦ୍ରାଣୀ ଜେଲରେ ଥିବା ଇନ୍ଦ୍ରାଣୀଙ୍କୁ ବୁଧବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଥିଲେ । ଦୀର୍ଘଦିନ ଧରି ଜେଲରେ ଥିବା ଇନ୍ଦ୍ରାଣୀ ସର୍ତମୂଳକ ଜାମିନ ପାଇବାକୁ ହକଦାର ବୋଲି କହିଥିଲେ ସୁପ୍ରିମକୋର୍ଟ । ସେପଟେ ମାମଲାର ଅନ୍ୟତମ ଅଭିଯୁକ୍ତ ପିଟର ମୁଖାର୍ଜି ୨୦୨୦ ମସିହାରେ ଜେଲରୁ ମୁକୁଳିସାରିଛନ୍ତି । ୨୦୧୨ ମସିହାରୁ ଏହି ହତ୍ୟାକାଣ୍ଡର ତଦନ୍ତ ସିବିଆଇ କୁ ଦିଆଯାଇଥିଲା । ୨୦୧୨ ମସିହା ଏପ୍ରିଲ ୨୪ ତାରିଖରେ ଶିନା ବୋରାଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ମାମଲାରେ ମୁମ୍ବାଇ ପୁଲିସ ଇନ୍ଦ୍ରାଣୀଙ୍କୁ ଗିରଫ କରିଥିଲେ ଓ ୨୦୧୫ ମସିହାରୁ ସେ ବାଇକୁଲା ଜେଲରେ ସଜା କାଟୁଥିଲେ ଇନ୍ଦ୍ରାଣୀ ମୁଖାର୍ଜୀ ।

# ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ମ୍ୟାଚ୍ ପାଇଁ ଜୁନ୍ ୧ ରୁ ଟିକେଟ୍ ବିକ୍ରୀ



ଭୁବନେଶ୍ୱର, ୨୦/୦୫ (ନି.ପ୍ର): ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-ଟ୍ୱେଂଟି ମ୍ୟାଚ୍ ପାଇଁ ଆସନ୍ତା ଜୁନ୍ ୧ ତାରିଖରୁ ଟିକେଟ ବିକ୍ରି ଆରମ୍ଭ ହେବ। ଓସିଏ ସଂପାଦକ ସଞ୍ଜୟ ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜୁନ୍ ୧ରୁ ଅନ୍‌ଲାଇନ୍ ରେ ଟିକେଟ୍ ବିକ୍ରି ହେବ। ଏହା ପରେ ଜୁନ୍ ୯ ଓ ୧୦ରେ ଅଫ୍ ଲାଇନ୍ ରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଏହି ମ୍ୟାଚ୍ କୁ ଶୃଙ୍ଖଳିତ ପରିଚାଳନା ପାଇଁ ଶୁକ୍ରବାର ଦିନ ଓସିଏ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓସିଏ କର୍ତୃପକ୍ଷଙ୍କ ସହିତ କ୍ରୀଡ଼ା ସଚିବ ଆର୍ ଭିନୀଲ କ୍ରିଷ୍ଣା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଓ କଟକ ଡିସିପି, କଟକ ଜିଲ୍ଲା ପ୍ରଶାସନ ଓ ସିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ଥିଲେ। ପାର୍କିଂ, ସୁରକ୍ଷା ବ୍ୟବସ୍ଥା ଓ ଗ୍ୟାଲେରୀରେ ଦର୍ଶକ ବସିବା ନେଇ ଏଥିରେ ସବିଶେଷ ଆଲୋଚନା ହୋଇଥିଲା। ବୈଠକ ପରେ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ ଯେ ଏହି ମ୍ୟାଚ୍ ପାଇଁ ଖେଳାଳି ଆସିବା ଠାରୁ ଯିବା ପର୍ଯ୍ୟନ୍ତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ। ୪୦ ହଜାର ଦର୍ଶକ ଖେଳ ଦେଖିବାକୁ ଆସିବେ। ଏଣୁ ପ୍ରାୟ ୧୫ ହଜାର ଗାଡ଼ି ଏଠାକୁ ଆସିବ। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ଗାଡ଼ି ପାର୍କିଂ ପାଇଁ ବାଲିଯାତ୍ରା ପଡ଼ିଆରେ ବ୍ୟବସ୍ଥା କରାଯିବ। କରୋନା ଯୋଗୁଁ ଷ୍ଟାଡିୟମ ଗୁଡ଼ିକରେ ଦର୍ଶକଙ୍କ ▶▶ପୃଷ୍ଠା ୭

## ଆତ୍ମସମର୍ପଣ କଲେ ସିଦ୍ଧୁ



ନୂଆଦିଲ୍ଲୀ, ୨୦/୦୫ : ଆତ୍ମସମର୍ପଣ କଲେ ସିଦ୍ଧୁ । ପଞ୍ଜାବର ପୂର୍ବତନ ପିସିସି ସଭାପତି ତଥା ଅନ୍ତର୍ଜାତୀୟ କ୍ରିକେଟିୟର ନବଜୋତ ସିଂ ସିଦ୍ଧୁ ପଟିଆଲା କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ରୋଡରେଜ ମାମଲାରେ ଗତକାଲି ତାଙ୍କୁ ଏକବର୍ଷ ଜେଲ ଶୁଣାଇଥିଲେ ସୁପ୍ରିମକୋର୍ଟ । ଏହା ପରେ ସେ ଶୁକ୍ରବାର କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ୩୪ ବର୍ଷ ପୁରୁଣା ଏହି ମାମଲାରେ ରାୟ ପରେ ପୋଲିସ ତାଙ୍କୁ ଗିରଫ ନେଇ ସ୍ୱଷ୍ଟ ହୋଇଥିଲା । ତେବେ ସିଦ୍ଧୁଙ୍କ ଏକିଲ ଅଭିଶେଖ ମନୁ ସିଂଘଭି ପୁଣି ଥରେ କୋର୍ଟରେ ଆବେଦନ କରିଥିଲେ । ତେବେ କୋର୍ଟରୁ ନିରାଶ ହେବା ପରେ ପଟିଆଲା କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ।

# ବ୍ରଜରାଜନଗର ବିଧାନସଭା ଉପ ନିର୍ବାଚନ

## ୨ ଲକ୍ଷ ୧୪ ହଜାର ୮୭୮ ଜଣ ଭୋଟର ଦେବେ ଭୋଟ



ଭୁବନେଶ୍ୱର, ୨୦/୦୫ (ନି.ପ୍ର): ବ୍ରଜରାଜନଗର ବିଧାନସଭା ପାଇଁ ହେବାକୁ ଥିବା ଉପ ନିର୍ବାଚନରେ ଚଳିତ ଥର ବ୍ରଜରାଜନଗର ଉପନିର୍ବାଚନରେ ସମୁଦାୟ ୨୧୫୮୭୮ ଜଣ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ତନ୍ମଧ୍ୟରେ ୧୧୦୦୫୦ ଜଣ ପୁରୁଷ, ୧୦୪୮୧୧ ଜଣ ମହିଳା ଓ ୧୭ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ଭୋଟଗ୍ରହଣ ନିମନ୍ତେ ଆବଶ୍ୟକ ହେଉଥିବା ୩୧୯ ବାଲାଟ୍ ୟୁନିଟ୍, ୩୧୯ କଂଟ୍ରୋଲ ୟୁନିଟ୍ ଏବଂ ୪୧୯ ଭିଭିପ୍ୟାଟ୍ ମହଜୁଦ୍ ହୋଇରହିଛି। ବ୍ରଜରାଜନଗର ଉପ ନିର୍ବାଚନର ଭୋଟ୍ ଗ୍ରହଣ ପ୍ରସ୍ତୁତି ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଉପ ନିର୍ବାଚନ ପାଇଁ ୧୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । କୋଭିଡ୍-୧୯ ଦୃଷ୍ଟିକୋଣରୁ ପ୍ରତ୍ୟେକ ବୁଥ୍ ରେ ସର୍ବାଧିକ ୧୨୫୦ ଜଣ ଭୋଟର ରହିବା କାରଣରୁ ମୂଳବୁଥ୍ ବାଦ୍ ଅତିରିକ୍ତ ୨୨ ଗୋଟି ବୁଥ୍ ସ୍ଥାପନ କରାଯାଇଛି। ବର୍ତମାନ ମୋଟ ୨୭୯ ବୁଥରେ ଭୋଟ ଗ୍ରହଣ କରାଯିବ । ସେଥିମଧ୍ୟରେ ୩୦ଟି ବୁଥ୍ କୁ 'ମଡେଲ୍ ବୁଥ୍ ' କରାଯାଇଛି, ୫ଟି ପିଙ୍କ୍ ବୁଥ୍ ରହିଛି। ସେ କହିଛନ୍ତି ଯେ ୫୦ ପ୍ରତିଶତ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ ଓ ଭିଡିଓ ଗ୍ରାଫି କରାଯିବାକୁ ସୁନିଶ୍ଚିତ କରାଯିବ । ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଲୋହାନୀ କହିଛନ୍ତି ଯେ ଉପନିର୍ବାଚନ ▶▶ପୃଷ୍ଠା ୭

## ହାତୀ ମୃତ୍ୟୁ ଘଟଣାରେ ରେଳ ବିଭାଗକୁ ରିପୋର୍ଟ ମଗାଯାଇଛି : ପିସିସିଏଫ୍

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ଟ୍ରେନ୍ ଧକ୍କାରେ ୩ ହାତୀଙ୍କର ମୃତ୍ୟୁ ଘଟଣାରେ ରେଳ ବିଭାଗକୁ ରିପୋର୍ଟ ମଗାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ପିସିସିଏଫ୍ ଶଶି ପଲ। ସେ କହିଛନ୍ତି ଯେ ଏହା ହାତୀଙ୍କ ଯିବାଆସିବା ରାସ୍ତା ବୋଲି ପୂର୍ବରୁ ରେଳ ବିଭାଗକୁ ବନବିଭାଗ ଅବଗତ କରିଛି। ରେଳ ବିଭାଗ ଆବଶ୍ୟକ ପଦକ୍ଷେପ ନେଇନଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ ମାଲବୋଝେଇ ଟ୍ରେନ୍ ଧକ୍କାରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଯୋଡ଼ା ବନପାଳ ଅଧୀନସ୍ଥ ବାଂଶପାଣି ନିକଟରେ ଆଜି ୩ଟି ହାତୀଙ୍କର ମୃତ୍ୟୁ ଘଟିଛି। ଏମାନେ ଗତକାଲି ଟ୍ରେନ୍ ଧକ୍କାରେ ଗୁରୁତର ଆହତ ହୋଇଥିଲେ। ସେଥିମଧ୍ୟରୁ ଗୋଟିଏ ଛୁଆ ହାତୀର ଗତକାଲି ମୃତ୍ୟୁ ଘଟିଥିଲା। ଆଜି ଭୋରରୁ ଆଖି ବୁଜିଛନ୍ତି ଆଉ ଦୁଇ ହାତୀ।

## ବ୍ରଜରାଜନଗର ଉପନିର୍ବାଚନ ପାଇଁ ଘୁଂଚିଲା ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ବ୍ରଜରାଜନଗର ଉପନିର୍ବାଚନ ପାଇଁ ଦ୍ୱାଦଶ(ଯୁକ୍ତ ଦୁଇ) ପରୀକ୍ଷା ଘୁଂଚାଇ ଦିଆଯାଇଛି। ପରୀକ୍ଷା ଘୁଂଚିବା ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ମେ ୩୧ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ଜୁନ ୪କୁ ଘୁଂଚାଇଦିଆଯାଇଛି । ୩୧ ତାରିଖ ଦିନ କଳା ବିଭାଗର ଗଣିତ ଓ ଗୃହ ବିଜ୍ଞାନ ସହ ବିଜ୍ଞାନର ଗଣିତ ପରୀକ୍ଷା ହେବାର ଥିଲା। ତେବେ ୨୧ ତାରିଖରୁ ୨୮ ତାରିଖର ସୂଚୀ ପୂର୍ବବତ ରହିବ । ସୂଚନା ଥାଉ କି ମେ ୩୧ ତାରିଖରେ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ । ଜୁନ ୩ରେ ଭୋଟ ଗଣତି ହେବ ।

# ଆଜିଠୁ ମାଟ୍ରିକ୍ ଖାତା ମୂଲ୍ୟାୟନ

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ଆସନ୍ତାକାଲି (ଶନିବାର) ଠାରୁ ଆରମ୍ଭ ହେବ ମାଟ୍ରିକ୍ ଖାତା ମୂଲ୍ୟାୟନ। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍(ଏଚ୍‌ଏସ୍‌ଇ) ସମେତ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ମଧ୍ୟ ଶନିବାର ଠାରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟରେ ୫୮ଟି ମୂଲ୍ୟାୟନ କେନ୍ଦ୍ର ଚୟନ କରାଯାଇଛି। ପରୀକ୍ଷକମାନେ ମେ ୨୦ତାରିଖରେ ମୂଲ୍ୟାୟନ କେନ୍ଦ୍ରରେ ଯୋଗଦେଇଛନ୍ତି। ମୂଲ୍ୟାୟନ ପାଇଁ ୪୮୧ଜଣ ମୁଖ୍ୟ ପରୀକ୍ଷକ, ୯୦୦ ଡେପୁଟି ମୁଖ୍ୟ ପରୀକ୍ଷକ, ୮୯୧୯ଜଣ ସହକାରୀ ପରୀକ୍ଷକ ଓ ୯୩୦ଜଣ ସ୍କୃଟନାଇଜର୍ ଙ୍କୁ ନିଯୁକ୍ତି କରାଯାଇଛି। ମୂଲ୍ୟାୟନ କାର୍ଯ୍ୟ ୧୦ରୁ ୧୨ଦିନ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ ୨୯ ତାରିଖରୁ ମଇ ୭ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି। ତେବେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିବା ନେଇ ବିବାଦ ଦେଖାଦେଇଥିଲା। ଏହାର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି ଗଣଶିକ୍ଷା ବିଭାଗ।

# ଜ୍ଞାନବାପୀ ମସଜିଦ୍ ସର୍ଭେ ମାମଲା: ଜିଲ୍ଲା ଜଜ୍‌ଙ୍କୁ ହସ୍ତାନ୍ତର କଲେ ସୁପ୍ରିମକୋର୍ଟ



ଲକ୍ଷ୍ନୌ, ୨୦/୦୫ : ବହୁଚର୍ଚ୍ଚିତ ଜ୍ଞାନବାପୀ ମସଜିଦ୍‌ର ସର୍ଭେ କାର୍ଯ୍ୟକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ମାମଲା ଦାଏର ହୋଇଛି। ବାରାଣସି କୋର୍ଟର ନିର୍ଦ୍ଦେଶରେ ଏହି ସର୍ଭେ କାର୍ଯ୍ୟ ଚାଲୁଥିବା ବେଳେ ମାମଲାକୁ ଜିଲ୍ଲା ଜଜକୁ ହସ୍ତାନ୍ତର କରିଛନ୍ତି ସୁପ୍ରିମକୋର୍ଟ। ଜ୍ଞାନବାପୀ ମସଜିଦ୍‌ର ଭିଡିଓଗ୍ରାଫି ସର୍ଭେ ରିପୋର୍ଟ ଗୁରୁବାର ବାରାଣସି କୋର୍ଟରେ ଦାଖଲ କରାଯାଇଥିଲା। ୫ ଜଣ ହିନ୍ଦୁ ମହିଳାଙ୍କ ଭକ୍ତଙ୍କ ଆବେଦନ କ୍ରମେ ସ୍ଥାନୀୟ ତଳ କୋର୍ଟ ପକ୍ଷରୁ ସର୍ଭେ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜ୍ଞାନବାପୀ ମସଜିଦ୍ ସଂଲଗ୍ନ ହିନ୍ଦୁ ମୂର୍ତ୍ତି ଥିବା ମହିଳା ଭକ୍ତ ଗଣ ଦାବି କରି ସେଠିକାର ତାଲା ଖୋଲି ସେମାନଙ୍କୁ ପୂଜାର୍ଚ୍ଚନା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ଏହି ମାମଲାର ବିଚାର ବାରାଣସି କୋର୍ଟରେ ଚାଲୁଥିବା ବେଳେ ଶୁକ୍ରବାର ଏହାକୁ ଜିଲ୍ଲା ଜଜଙ୍କୁ ହସ୍ତାନ୍ତ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ସେହିପରି ମସଜିଦ୍‌ର ଧାର୍ମିକ ରୀତିନୀତି ପାଳନ ନେଇ ସୁରକ୍ଷିତ ବଜାୟ ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଜ୍ଞାନବାପୀ ମସଜିଦ ବିବାଦ ମାମଲାରେ ବାରାଣସି କୋର୍ଟଙ୍କ ଶୁଣାଣି ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଥିଲେ । ଏ ସମ୍ପର୍କିତ କୌଣସି ଆଦେଶ ନଦେବାକୁ ସର୍ବୋଚ୍ଚ ଅଦାଲତ ବାରଣାସୀ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୁହାଯାଉଛି ଭଗବାନ ଶିବଙ୍କ ବାହାନ ବୃଷବ ଠାବ ହୋଇଥିବା ଶିବଲିଙ୍ଗ ଆଡକୁ ଚାହିଁ ରହିଛନ୍ତି । ତେଣୁ ସେଠାରେ ▶▶ପୃଷ୍ଠା ୭

# ତାରାତାରିଣୀ ଦର୍ଶନ କଲେ ଅପରାଜିତା : କର୍ମୀଙ୍କ ଗାଡିକୁ ନଛାଡିବାରୁ ପାଦରେ ଚାଲି ଚାଲି ଗଲେ




ଭୁବନେଶ୍ୱର, ୨୦/୦୫ (ନି.ପ୍ର): କର୍ମୀମାନଙ୍କ ସହ ପାଦରେ ଚାଲି ଚାଲି ଯାଇ ମା ତାରାତାରେଣୀଙ୍କ ଦର୍ଶନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । ପାହାଡ ତଳୁ ପ୍ରାୟ ୪କିଲୋମିଟର ଚାଲି ଚାଲି ଯାଇ ମାଙ୍କ ଦର୍ଶନ କରିଛନ୍ତି ଅପରାଜିତା । ସୂଚନା ଅନୁସାରେ ଅପରାଜିତା କର୍ମୀଙ୍କ ସହ କାରରେ ଯାଇ ତାରାତାରେଣୀ ଗେଟ୍ ସମ୍ମୁଖରେ ପହଁଚିଥିଲେ । ହେଲେ, ଅଧିକ ଗାଡି ଦେଖି ତାଙ୍କୁ ଅଟକାଇଥିଲା ପ୍ରଶାସନ । ଦୁଇଟି ଗାଡିକୁ ଅନୁମତି ଥିବାରୁ ସାଂସଦ କେବଳ ଦୁଇଟି ଗାଡି ନେଇ ଯାଇପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ଏବଂ ଅନ୍ୟ କର୍ମୀମାନେ ବସ୍ ଯୋଗେ ଉପରକୁ ଯିବାକୁ ପ୍ରଶାସନ କହିଥିଲା । ହେଲେ, ପ୍ରଶାସନର ଏହି ସର୍ତରେ ରାଜି ହୋଇନଥିଲେ ଅପରାଜିତା । ସେ ତାଙ୍କ କର୍ମୀଙ୍କ ସହ ଯିବେ ବୋଲି କହିଥିଲେ । ଆଉ ଶେଷରେ ଚାଲି ଚାଲି ଯାଇଥିଲେ । ଅନ୍ୟପଟେ ଟୁଇଟ୍ କରି ଗଞ୍ଜାମ ଜିଲ୍ଲାପାଳ ସଫେଇ ରଖିଛନ୍ତି । ଟୁଇଟ୍ କରି ଜିଲ୍ଲାପାଳ ଲେଖିଛନ୍ତି, ମାଙ୍କ ଦର୍ଶନ ପାଇଁ ସାଂସଦଙ୍କୁ ଅନୁମତି ଦିଆଗଲା ନାହିଁ ବୋଲି ଯାହା କୁହାଯାଉଛି ତାହା ମିଛ । ସାଂସଦଙ୍କ ସହ ଦୁଇଟି ଗାଡିକୁ ଯିବା ପାଇଁ ଅନୁମତି ଦିଆଯାଇଥିଲା । ଅନୁମତି ଅନୁସାରେ ଦୁଇଟି ଗାଡିରେ ଯାଇ ମାଙ୍କ ଦର୍ଶନ କରିବାକୁ ସାଂସଦଙ୍କୁ ଅନୁରୋଧ କରାଯାଇଥିଲା । କିନ୍ତୁ ସେ ମନ୍ଦିରକୁ ଚାଲି ଚାଲି ଯାଇଥିଲେ ।

# ଓବିସିଙ୍କୁ ସଂରକ୍ଷଣ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ : ବିଜେପି

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ରାଜ୍ୟରେ ଓବିସିଙ୍କୁ ସଂରକ୍ଷଣ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ । ସଂରକ୍ଷଣ ପ୍ରସଙ୍ଗରେ ପୂର୍ବରୁ ଭୁଆଁ ବୁଲାଉଥିବା ରାଜ୍ୟ ସରକାର ବର୍ତମାନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ମନ୍ଦ ଉଦ୍ଦେଶ୍ୟ ରଖିଥିବା ରାଜ୍ୟ ସରକାର ୫୪ ପ୍ରତିଶତ ଓବିସିବର୍ଗଙ୍କୁ କେବଳ ଅଣଦେଖା କରୁନାହିଁ ବରଂ ତାଙ୍କୁ ସାମ୍ବିଧାନିକ ଅଧିକାର, ଶିକ୍ଷା, ଚାକିରୀରୁ ଆଦି କ୍ଷେତ୍ରରେ ବଂଚିତ ରଖୁଛନ୍ତି । ରାଜ୍ୟ ସରକାରଙ୍କ ବାସ୍ତବରେ ଓବିସିଙ୍କ ବିକାଶ ପାଇଁ କୌଣସି ଇଚ୍ଛାଶକ୍ତି ନାହିଁ ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ,ଓବିସି କମିଶନ ଗୋଟିଏ ସାମ୍ବିଧାନିକ ପଦବୀ ଏବଂ ସେ ନିରପେକ୍ଷତା ଅବଲମ୍ବନ କରିବା ଉଚିତ୍ । ରାଜ୍ୟରେ ଥିବା ଓବିସିବର୍ଗଙ୍କ ସ୍ୱାର୍ଥର ସୁରକ୍ଷା ତାଙ୍କ ପାଇଁ ପ୍ରାଥମିକତା ହେବା ଉଚିତ୍ । ମାତ୍ର ବହୁ ବିଳମ୍ବରେ ନିଯୁକ୍ତ ହୋଇଥିବା ଏବଂ ରାଜ୍ୟ ସରକାରଙ୍କ ହାତରେ କଣ୍ଢେଇ ସାଜିଥିବା ରାଜ୍ୟ ଓବିସି କମିଶନ କରୁଛନ୍ତି କଣ? ଓବିସି ବର୍ଗଙ୍କ ସ୍ୱାର୍ଥକୁ ବଳି ପକାଇ କାହା ସ୍ୱାର୍ଥରେ କମିଶନ କାର୍ଯ୍ୟ କରୁଛନ୍ତି ? ରାଜ୍ୟରେ ଥିବା ▶▶ପୃଷ୍ଠା ୭

# କନ୍ଧମାଳରେ ପୁଣି ଲାଗିଲା ମାଓ ବ୍ୟାନର ଓ ପୋଷ୍ଟର

କନ୍ଧମାଳ,୨୦/୦୫ (ନି.ପ୍ର): କିଛି ଦିନର ନିରବତା ପରେ କନ୍ଧମାଳରେ ମାଓ ସଙ୍ଗଠନ ପୁଣି ନିଜର ସ୍ଥିତି ଜାହିର କରିଥିବା ଜଣାପଡ଼ିଛି । ଗତକାଲି ଜିଲ୍ଲାର ବାଲିଗୁଡ଼ା ଥାନା ଲଣ୍ଡା ଗାଁ, ଖମଣଖୋଲ ଓ ତୁମୁଡ଼ିବନ୍ଧ ଥାନା କୁର୍ତ୍ତମଗଡ଼ ଅଂଚଳ ଓ ଗୋଛାପଡ଼ା ଥାନା ଅଂଚଳରେ ମାଓ ସଂଗଠନ ପକ୍ଷରୁ ପୋଷ୍ଟର ବ୍ୟାନର ଲଗା ହୋଇଥିଲା। ଆଜି ପୁଣି କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅଂଚଳରେ ବାଂସଧାରା ଘୁମୁସର ନାଗାବଳୀ (ବା.ଘୁ.ନା) ଡିଭିଜନ ପକ୍ଷରୁ ବିଭିନ୍ନ ଯାଗାରେ, ବ୍ୟାନର ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି। ଲଗାଯାଇଥିବା ବ୍ୟାନର ଓ ପୋଷ୍ଟର ଗୁଡିକରେ, ଦରଦାମ ବୃଦ୍ଧି ଓ ପୋଲିସ୍ ଦମନଲୀଳା ପ୍ରତିବାଦରେ ମଇ ୨୦ ତାରିଖରେ ୨୪ ଘଂଟିଆ ଓଡ଼ିଶା ବନ୍ଦକୁ ସଫଳ କରିବାକୁ ବ୍ୟାନର, ପୋଷ୍ଟର ମାଧ୍ୟମରେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ମାଓ ସଂଗଠନ । ଅନ୍ୟପଟେ ଶ୍ରୀଲଙ୍କାରେ ଆନ୍ଦୋଳନରତ ଜନତାଙ୍କୁ ଦମନ କରିବା ପାଇଁ ସେନା ପଠାଇବା କାର୍ଯ୍ୟକୁ ଭାରତ ସରକାରଙ୍କ ବିସ୍ତାର ବାଦ ବୋଲି ଆଖ୍ୟା ଦିଆଯିବା ସହ ମୋଦି ସରକାର ମୁର୍ଦ୍ଦାବାଦ୍, କରୋନା ମହାମାରୀ ସମାଜବାଦୀଙ୍କ ଯୁଦ୍ଧ ଯୋଗୁଁ ସବୁ ଜିନିଷର ଦରଦାମ ବୃଦ୍ଧି କରିଥିବା ମୋଦି ଓ ନବୀନ ସରକାର ମୁର୍ଦ୍ଦାବାଦ୍ ବୋଲି ପୋଷ୍ଟରରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଛି । ସେପଟେ ଘଟଣା ପରେ ଜିଲ୍ଲାରେ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

# ଠିକାଦାର ପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଲାଙ୍ଗିର,୨୦/୦୫ (ନି.ପ୍ର): ଆଜି ପୂର୍ବାହ୍ନରେ ବଲାଙ୍ଗିର ଠିକାଦାର ପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଲକ୍ଷ୍ମୀ ବଗର୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବଲାଙ୍ଗିର ଏବିଇଓ ଉତ୍ତମ କୁମାର ନାଏକ ଯୋଗଦେଇ ଥିଲାବେଳେ ସମ୍ମାନିତ ଅତିଥି ରୂପେ ସ୍କୁଲ ପରିଚାଳନା କମିଟୀ ର ଉପସଭାପତି ନାରାୟଣ ରଣା ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ରାମଚନ୍ଦ୍ର ପୁରୋହିତ ଯୋଗଦେଇ ପିଲା ମାନଙ୍କୁ ଉତ୍ତମ ରୂପେ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସଭାଟିକୁ ଶିକ୍ଷୟିତ୍ରୀ କ୍ୟୋତ୍ସ୍ନାରାଣୀ ତ୍ରିପାଠୀ ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲର ପୂର୍ବତନ ଶିକ୍ଷୟତ୍ରୀ ଜାହ୍ନବୀ ହୋତା ଓ କାଂଚନ ମାଳା ବିଶ୍ୱାଳଙ୍କୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ଆଗରୁ ଅନୁଷ୍ଠିତ ପ୍ରତିଯୋଗିତା ଭିତରେ ଗୀତ ଆବୃତି, ଗଳ୍ପ କଥନ, ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗୀତା ଓ ଡ୍ରଇଂର କୃତି ଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ୧ ରୁ ୮ମ ଶ୍ରେଣି ମଧ୍ୟରେ ୪ ଗୋଟି ଗ୍ରୁପ କରାଯାଇଥିଲା। ପରିଚାଳନା କମିଟି ସଭାପତି ସରସ୍ୱତୀ ଛତ୍ରୀଆ ବିଆର୍ଟ ଗୋମତୀ ସାହୁ ସ୍କୁଲର ସମସ୍ତ ଶିକ୍ଷୟତ୍ରୀ ଯୋଗଦେଇ ଥିଲାବେଳେ ବିଦ୍ୟାଳୟ ଅଭିଭାବକ ପିତା ମାତା ମାନେ ଉପସ୍ଥିତି ଥିଲେ । ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଲଖନା ଜୟକିଷାନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

ନୂଆପଡା,୨୦/୦୫ (ନି.ପ୍ର): ନୂଆପଡା ଜିଲ୍ଲାପାଳ ସ୍ୱାଧୀନ୍ଦେ ସିଂ ଆଜି କୋମନା ବ୍ଲକର ଲଖନା ଜୟକିଷାନ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ । ସୂଚନା ମୁତାବକ, ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଓଡିଶାର ସମସ୍ତ ହାଇସ୍କୁଲକୁ ୫-ଟିରେ ସାମିଲ କରାଯାଇଛି । ବିଦ୍ୟାଳୟ ଗୁଡିକୁ ସ୍ମାର୍ଟ କରିବା ସହ ଚଳିତ ମାସ ଶେଷ ତାରିଖ ପର୍ଯ୍ୟନ୍ତ ଓଡିଶାର ସମସ୍ତ ସ୍ମାର୍ଟ ବିଦ୍ୟାଳୟର କଂଟ୍ରାକ୍ସଂନ କାମ ଯଥାଶୀଘ୍ର ସମ୍ପୂର୍ଣ୍ଣ ହେବ ସେନେଇ ଗତକାଲି ଶିକ୍ଷା ସଚିବ ଏକ ବାର୍ତ୍ତାଳାପ କରିଥିଲେ । ଏନେଇ ଆଜି ନୂଆପଡା ଜିଲ୍ଲାପାଳ ସ୍ୱାଧୀନ୍ଦେ ସିଂ କୋମନା ବ୍ଲକ ଅନ୍ତର୍ଗତ ଲଖନା ପଚାଂୟତର ଜୟ କିଷାନ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ବିଦ୍ୟାଳୟରେ କଂଟ୍ରାକ୍ସଂନ ଚାଲୁଥିବା ବେଳେ ବିଦ୍ୟାଳୟରେ ଥିବା କୋଠରୀ ଗୁଡିକୁ ଜିଲାପାଳ ବୁଲି ଦେଖିବା ସହ କାମକୁ ଶୀଘ୍ର ଶେଷ କରିବାକୁ ଅଧିକାରୀଙ୍କୁ ତାଗିଦ କରିଥିଲେ । ଏହା ବ୍ୟତୀତ ବିଦ୍ୟାଳୟର ଜମି ପଟ୍ଟା ଓ ଖେଳ ପଡିଆଟି ବିଦ୍ୟାଳୟ ନାମରେ ଅନ୍ତର୍ଭୁକ୍ତ ଅଛି କି ନାହିଁ, ସେହିଭଳି ବିଦ୍ୟାଳୟରେ ପିଇବା ପାଣି ସମସ୍ୟା ନେଇ ମଧ୍ୟ ଜିଲାପାଳ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ । ଜିଲାପାଳଙ୍କ ସହିତ ଜେଇ ଶ୍ରୀ କୁମୁଡ଼ା, କୋମନା ବିଡ଼ିଓ ଏସ. ରଣା, ଲଖନା ପିଓ ଭାନୁଶ୍ତସେନା, ଜିଆରଏସ ସୁରେନ୍ଦ୍ର ଦାସ, କୁସ ଜୈନ ସାମିଲ ଥିଲେ ।

# ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ, ୧୩୦୫ ଟଙ୍କାର ଜରିମାନା ଆଦାୟ

ନୂଆପଡ଼ା,୨୦/୦୫ (ନି.ପ୍ର): ଖଡ଼ିଆଳ ତହସିଲ ଆବର୍ତନ ଦଳ ସହ ତୁକଳା ରାଜସ୍ୱ ନିରୀକ୍ଷକ ଦିଲୀପ ମାଝୀ ଏବଂ ସରଧାପୁର ରାଜସ୍ୱ ନିରୀକ୍ଷକ ହିମାଂଶୁ କଟା, ଆର ଏସ, ରେଖରାମ ଚନ୍ଦ୍ରକାର ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଗୋଟିଏ ହାଇୱା ଏବଂ ୩ ଗୋଟି ଟ୍ରାକ୍ଟର ଜବତ କରି ଜୋରିମାନା ବାବଦକୁ ୯୧୩୦୫/- ଟଙ୍କା ଆଦାୟ ହୋଇଛି। ଖଡ଼ିଆଳ ତହସିଲଦାର ସିନ୍ଧୁସୁତା ପାତ୍ର, ଅତିରିକ୍ତ ତହସିଲଦାର ଭୁପେନ୍ଦ୍ର ସିଂ ପ୍ରମୁଖ ତତ୍ୱବଧାନରେ ଚଢ଼ାଉ କାର୍ଯ୍ୟ ଜାରି ରହିଥିଲା। ୩ ଗୋଟି ହାଇୱା କାଗଜାତ ଯାଞ୍ଚ ଏବଂ ପ୍ରକୃତ ରସିଦ ଦେଖିବା ପରେ ତାଙ୍କୁ ଛାଡି ଦିଆଯାଇଥିଲା। ବ୍ୟାପକ ମାତ୍ରାରେ ଧରପଗଡ଼ ହେବା ସହ ବେଆଇନ ବାଲି ଚୋରା ଚାଲାଣକୁ ରୋକିବା ପାଇଁ ପ୍ରୟାସ ମାତ୍ର ଅଟେ।

# କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ଗଞ୍ଜାମ,୨୦/୦୫ (ନି.ପ୍ର):- ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ତପ୍ତପାଣି ଘାଟି ମୃଗବିହାର ଠାରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ୨ ଜଣ ଯୁବକ ଲୁହାଗୁଡ଼ି ଠାରୁ ଜକରା ପଲ୍ଲୀ ଅଭିମୁଖେ ବାଇକରେ ଯାତ୍ରା କରୁଥିବା ବେଳେ ଆଜି ସକାଳ ୯ଟା ସମୟରେ ମୃଗବିହାର ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ସହିତ ବାଇକ୍ ର ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତ ବ୍ୟକ୍ତି ଜଣକ ହେଲେ ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ହାଲାପଙ୍କା ଗ୍ରାମର ଦିବାକର ରଇତ ଏବଂ ଗୁରୁତର ବ୍ୟକ୍ତି ଜଣକ ହେଲେ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଜକରାପଲ୍ଲୀ କାଳୀ ବୋରାଇ ଗ୍ରାମର ସଂଜୀବ ଶବର ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ ପାଟପୁର ପୋଲିସ ଏବଂ ଅଗ୍ନିଶମ ବାହିନୀ ସହ ୧୦୮ ଆମ୍ବୁଲାନ୍ସ ପହଂଚି ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ବ୍ରହ୍ମପୁର ସ୍ଥିତ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡିଛି ।

# ଶ୍ରମଦାନରେ ସଫା ହେଲା ମାଟିଆଭଟା ଗ୍ରାମ ପୋଖରୀ

ବଲାଙ୍ଗିର,୨୦/୦୫ (ନି.ପ୍ର):ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ମାଟିଆଭଟା ଗାଁରେ ଥିବା ଏକ ମାତ୍ର ପୋଖରୀ ଦୀର୍ଘଦିନ ଧରି ପଦ୍ମଫୁଲ, ଅଳିଆ ଆର୍ବଜନାରେ ପରିପୂର୍ଣ୍ଣ ହୋଇ ପୋଖରୀ ପାଣି ଦୂଷିତ ହୋଇଯାଇଥିଲା । ପୋଖରୀ ପାଣିକୁ ବ୍ୟବହାର କରିବା ଓ ଗାଧୋଇବା ଫଳରେ ଅନେକ ଲୋକେ ଚର୍ମରୋଗରେ ଆକ୍ରାନ୍ତ ହେବା ସାଙ୍ଗକୁ ଅନେକ ରୋଗରେ ଆକ୍ରାନ୍ତ ହୋଇଥିଲେ । ପୋଖରୀରେ ଜଳଦ ଓ ପଦ୍ମଫୁଲ ଅଳିଆ ଆର୍ବଜନାରେ ପରିପୂର୍ଣ୍ଣ ହେଇଥିବାରୁ ଗାଁ ଲୋକେ ଗାଧୋଇବାରେ ମଧ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଆଜି ମହାତ୍ମାଗାନ୍ଧୀ ମନରେଗା ଶ୍ରମିକମାନେ ଏହାକୁ ଉପଲବ୍ଧି କରି ପୋଖରୀରେ ପଡି ରହିଥିବା ପ୍ଲାଷ୍ଟିକ, ପଦ୍ମଫୁଲ ଓ ଅଳିଆ ଆବର୍ଜନାକୁ ସଫା କରିଛନ୍ତି । ମାଟିଆଭଟା ଗାଁର ଲୋକେ ଏକମାତ୍ର ପୋଖରୀ ଉପରେ ନିର୍ଭରଶୀଳ କରିଛନ୍ତି । ପୋଖରୀକୁ ସଫା କରିବାକୁ ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା । ଶେଷରେ କେହି ନଶୁଣିବାରୁ ଶ୍ରମିକମାନେ ନିଜେ କୋରାଡି, ଦାଆ, ସରଞ୍ଜାମ ଧରି ସଫେଇ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାଟିଆଭଟା ମନରେଗା ଶ୍ରମିକ ଗୃପ ସଦସ୍ୟ ଶିବ ବରିହା, ଶଙ୍କର ବରିହା, ଗୋପାଳ ବରିହା, ଦେହେରୁ ଷାଣ୍ଢ, ମଦନ ସାହୁ, ମହିପାଳ ସାହୁ, ସହଦେବ ବରିହା, ମୋନଜ ବିଦ୍ଧାଣୀ, ଜଗତ ସରିଆ, ଗଣ୍ତାରାମ ବରିହା, ଜଗା ବିଦ୍ଧାଣୀ, ସମାଜସେବୀ ଚିତ୍ତରଞ୍ଜନ ଜ୍ୟୋତିଷ, ଗାଁର ସଭାପତି ଓ ଅନ୍ୟାନ୍ୟ ସଦସ୍ୟମାନେ ପ୍ରମୁଖ ସାମିଲ ହୋଇ ଉପସ୍ଥିତ ଥିଲେ । ଶ୍ରମିକ ମାନଙ୍କ ଏପରି ମହତ୍ କାମକୁ ସାଧାରଣ ରେ ପ୍ରଶଂସା କରାଯାଇଛି ।

# ବିରଳ ଅସ୍ତ୍ରୋପ୍ରଚାର : ମୂତ୍ରାଶୟ ଥଳିରୁ ବାହାରିଲା ୧୨ ଶହ ଗ୍ରାମର ପଥର

ମାଲକାନଗିରି,୨୦/୦୫ (ନି.ପ୍ର): - ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଏକ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ଦଶରଥ ଖିଲ ନାମକ ବ୍ୟକ୍ତିଙ୍କ ମୂତ୍ରାଶୟ ଥଳିରୁ ଅସ୍ତ୍ରୋପଚାର ଦ୍ୱାରା ୧୨ ଶହ ଗ୍ରାମର ପଥର ବାହାର ବାହାର କରାଯାଇଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଆରଏସି ୧୧ ଗ୍ରାମର ଦଶରଥ ଖିଲ ଦୀର୍ଘ ଦିନ ହେବ ତଳିପେଟ ଓ ଅଂଟାରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଦିନକୁ ଦିନ ଯନ୍ତ୍ରଣା ଅଧିକ ହେବାରୁ ଚିକିତ୍ସା ପାଇଁ ସେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିଲେ । ଡା. ସପନ ଦିଣ୍ଡାଙ୍କ ତତ୍ୱାବଧାନରେ ସମସ୍ତ ପରୀକ୍ଷା ନିରୀକ୍ଷଣ ପରେ ମୂତ୍ରାଶୟରେ ପଥର ଥିବା ଜଣାପଡିଥିଲା। ଆଜି ଡା ଦିଣ୍ଡା ଙ୍କ ନେତୃତ୍ୱରେ ମେଡିକାଲ ଏକ ଟିମ୍ ଦ୍ୱାରା ଅସ୍ତ୍ରୋପଚାର କରାଯାଇ ମୂତ୍ରାଶୟ ଥଳିରୁ ୧୨ ଶହ ଗ୍ରାମର ପଥର ବାହାର କରିଥିଲେ। ଆଜି ଏହି ଅସ୍ତ୍ରୋପଚାର ସମୟରେ ଡା. ନିହାର ତ୍ରିପାଠୀ , ଡା. ଦୁର୍ଗା ପ୍ରସାଦ ପଣ୍ଡା ଓ ଦୁଇ ନର୍ସ ପାପନବାଲା , ବନିତା ମୁଣ୍ଡ ସହଯୋଗ କରିଥିଲେ।

# ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ : ବନ୍ୟା ବାତ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ବଲାଙ୍ଗିର,୨୦/୦୫ (ନି.ପ୍ର): ଗତକାଲି ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ବୈଠକ ଜିଲାପାଳ ଚଂଚଲ୍ ରାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ ଦେବକୀ ସାହୁ, କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା, ବଲାଙ୍ଗିର ବିଧାୟକ ପ୍ରତିନିଧି ମନିଷ କୁମାର ମିଶ୍ର, ଲୋଇସିଙ୍ଗା ବିଧାୟକ ପ୍ରତିନିଧି ଦେବୀଲାଲ ମିଶ୍ର, ବଲାଙ୍ଗିର ପୌର ପରିଷଦର ଅଧକ୍ଷ ନିକା ସାହୁ, କଂଟାବାଞ୍ଜି ଏନଏସି ଅଧକ୍ଷ ବରିୟମ ସିଂହ ସାଲୁଜା, ତୁଷୁରା ଏନଏସି ଅଧକ୍ଷ ଅଜୟ ଜୟସ୍ୱାଲ, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲିପ କୁମାର ପଟେଲ୍, ପିଡିଡିଆରଡିଏ ସୁଶାନ୍ତ କୁମାର ସିଂହ, ପି.ଡି. ସହରାଞ୍ଚଳ ସୁଦର୍ଶନ ସାଏ , ଟିଟିଲାଗଡ଼ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପାଟଣାଗଡ଼ ଉପଜିଲ୍ଲାପାଳ ଦାଖଲ ବିଦୟା ନନ୍ଦ ସେଠି, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ବି ଡି ଓ , ଅଗ୍ନିଶମ ଏବଂ ଓଡ୍ରାଫ୍ ର ଅଧିକାରୀ, ତହସିଲଦାର ମାନେ ଉପସ୍ଥିତ ଥିଲେ। ବୈଠକରେ ସମ୍ଭାବ୍ଯ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହିତ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର୍ କର୍ମଚାରୀ ମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶ୍ରୀ ଲାଗୁରୀ ବୈଠକରେ ଆଲୋଚ୍ୟ ବିଷୟ ବସ୍ତୁ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତି ପ୍ରକାରେ ଜୁନ ମାସ ୧ ତାରିଖ ଠାରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲା କାର୍ଯ୍ୟାଳୟ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ସମସ୍ତ ବ୍ଲକ ତହସିଲ ଓ ଜରୁରୀ ସେବା ଯୋଗାଉଥିବା କାର୍ଯ୍ୟାଳୟ ଗୁଡିକରେ କଂଟ୍ରୋଲ ରୁମ୍ ଖୋଲାଯିବ । ଜିଲ୍ଲାର ବନ୍ୟା ପ୍ରବଣ ଅଂଚଳ ତଥା ତଳି ଅଂଚଳରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଜନସାଧାରଣଙ୍କୁ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଗୁଡିକ ଚିହ୍ନଟ କରି ପ୍ରସ୍ତୁତ କରି ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ପାଣି ଜମି ରହୁଥିବା ସ୍ଥାନ ଗୁଡିକ ଚିହ୍ନଟ କରି ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା, ବର୍ଷା ପୂର୍ବରୁ ସମସ୍ତ ନାଳ ଗୁଡିକ ସଫା କରିବା, ପୌର ପରିଷଦ ଅନ୍ତର୍ଗତ ଲକ୍ଷ୍ମୀଜୋରର ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳ ଯୋଗାଣକୁ ସୁବନ୍ଦୋବସ୍ତ କରିବା ସହ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ ପାଇପ୍ ଜଳଯୋଗାଣ କୂପ ଇତ୍ୟାଦିକୁ ବିଶୁଦ୍ଧିକରଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣରେ ଔଷଧ ହାଲୋଜେନ ବଟିକା, ବ୍ଲିଚିଙ୍ଗ ପାଉଡର ଇତ୍ୟାଦି ମହଜୁଦ୍ କରି ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏତଦ୍ ବ୍ୟତୀତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସାପ କାମୁଡ଼ା ଇଞ୍ଜେକସନ ଉପଲବ୍ଧ କରିବା ଉପରେ ସେ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ଯ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଔଷଧ ମହଜୁଦ ରଖିବାକୁ ସେ ସିଡିଭିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟା ପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଓ ପର୍ଯ୍ୟାପ୍ତ ପରିମାଣରେ ବାଲି ବସ୍ତା ମହଜୁଦ ରଖିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଗମ ଅଂଚଳରେ ଅତ୍ୟାବଶ୍ୟକ ସମାଗ୍ରୀ ଚୁଡା, ଚାଉଳ, କିରୋସିନି, ଦିଆସିଲ୍, ମହମବତୀ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଜରୁରୀକାଳୀନ ଅଧିକାରୀ ରିନା କୁମାରୀ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାନା ସମ୍ମୁଖରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ମାଲକାନଗିରି, ୧୯ ମଇ (ହି.ସ.)- ଥାନା ସମ୍ମୁଖରେ ଅଭିଯୋଗକାରୀଙ୍କ ଆତ୍ମହତ୍ୟା ଉଦ୍ୟମ । କିରୋସିନି ଢାଳି ଆତ୍ମହତ୍ୟା ଉଦ୍ୟମ କଲେ ମହିଳା । ମାଲକାନଗିରି ଜିଲ୍ଲା ଆଦର୍ଶ ଥାନା ସମ୍ମୁଖରେ ଦେଖିବାକୁ ମିଳିଛି ଏଭଳି ଘଟଣା। ପୋଲିସଠୁ ନ୍ୟାୟ ନ ପାଇ ନିରାଶ ହୋଇ ଏ ପଦକ୍ଷେପ ନେଇଛନ୍ତି ଗଙ୍ଗଲା ପଞ୍ଚାୟତରେ ବାସ କରୁଥିବା ଭଗୁ ହନ୍ତାଳଙ୍କ ପତ୍ନୀ । ଗତ ୨ ତାରିଖରେ ଭଗୁ ହନ୍ତାଳଙ୍କ ଦଶାହ କାର୍ଯ୍ୟ ଚାଲିଥିଲା ବେଳେ ତାଙ୍କର କିଛି ଭାଇ ଭଗୁଙ୍କ ପତ୍ନୀ ଓ ଭାଉଜଙ୍କୁ ମାଡ଼ ମାରିଥିଲେ । ଏନେଇ ଥାନାରେ ଅଭିଯୋଗ ହୋଇଥିଲା । କିନ୍ତୁ, ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଅଭିଯୁକ୍ତଙ୍କ ଘରେ ବସି ଚା' ପିଇଥିଲେ । ଯାହାର ପ୍ରତିବାଦରେ ଆଜି ଥାନା ସମ୍ମୁଖରେ ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଅଭିଯୋଗକାରୀ ।

# ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ନେଇ ସହଯୋଗ କାମନା

ଝାରସୁଗୁଡ଼ା :୧୯ ମଇ(ହିସ) ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନିୟମାବଳୀ ଅନୁସାରେ ସମସ୍ତ ଖର୍ଚ୍ଚର ହିସାବ ରଖିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବା ଦିଗରେ ସତର୍କତା ଅବଲମ୍ବନ କରିବାକୁ ୦୬ - ବ୍ରଜରାଜନଗର ବିଧାନସଭା ଉପ ନିର୍ବାଚନ ନିମନ୍ତେ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଏନ୍ . ଅଶୋକ ବାବୁ ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କୁ ପରାମର୍ଶ ଦେବା ସହ ମୁକ୍ତ , ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ନେଇ ସହଯୋଗ କାମନା କରିଛନ୍ତି । ବନହରପାଲିସ୍ଥିତ ଓ ପି ଜି ସି ବିଶ୍ରାମ ଗୃହଠାରେ ବ୍ରଜରାଜନଗର ବିଧାନସଭା ଉପ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ତଥା ପ୍ରତିନିଧିମାନଙ୍କ ସହ ଏକ ବୈଠକରେ ଆଲୋଚନା କରି ପର୍ଯ୍ୟବେକ୍ଷକ ଶ୍ରୀ ଅଶୋକ ବାବୁ ନିର୍ବାଚନରେ ଖର୍ଚ୍ଚର ହିସାବ ଓ ଆନୁସଙ୍ଗିକ ରସିଦ , ପୃଥକ ବ୍ୟାଙ୍କ ଜମା ଖାତା , ନିର୍ବାଚନୀ ସଭା ଓ ଶୋଭାଯାତ୍ରା ପାଇଁ ଆବଶ୍ୟକୀୟ ଅନୁମତି ପ୍ରସଙ୍ଗରେ ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ପୁଲିସ ନୋଡାଲ ଅଧିକାରୀ , ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ କିମ୍ବା ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନିକଟରେ ଅଭିଯୋଗ ଦାଖଲ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ଏହି ବୈଠକରେ ନୋଡାଲ ଅଧିକାରୀ ( ଖର୍ଚ୍ଚ ) ତୁଳାଧର ଭୋଇ ,ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସତୀଶ ରଞ୍ଜନ ଜାଲ , ଆକାଉଣ୍ଟିଙ୍ଗ୍ ଟିମ୍ ମୁଖ୍ୟ ଶିବ ପ୍ରସାଦ ଭୋଇ , ପର୍ଯ୍ୟବେକ୍ଷକଙ୍କ ଲିଆସନିଂ ଅଧିକାରୀ ଜୟନ୍ତ ବାଦି ଓ ବିଭିନ୍ନ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ମହାନଗର ନିଗମ ସମାରୋହରେ ସମ୍ମାନିତ ଡ଼ଃ ନୃସିଂହାନନ୍ଦ ମହାପାତ୍ର

କନ୍ଧମାଳ,୨୦/୦୫ (ନି.ପ୍ର):ଫୁଲବାଣୀର ବିଶିଷ୍ଟ ସାହିତ୍ୟିକ ଡ଼ଃ ନୃସିଂହାନନ୍ଦ ମହାପାତ୍ର ବ୍ରହ୍ମପୁର ର ମା ତାରାତାରିଣୀ ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ । ଖଲିକୋଟ ଖେଳପଡିଆରେ ଅନୁଷ୍ଠିତ ମହାନଗର ସମାରୋହ କାର୍ଯ୍ୟକ୍ରମରେ ସଂସଦ ତାର ସ୍ୱତନ୍ତ୍ର କବିତା ପାଠ ତଥା ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିଥିଲା। ଏଥିରେ ବ୍ରହ୍ମପୁର ର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଥିଲାବେଳେ କବି ସୁଶାନ୍ତ ଦାସ,ସାହିତ୍ୟିକ ଶରତ ଚନ୍ଦ୍ର ପଣ୍ଡା,କବି ସଂହିତା ମହାନ୍ତି,କବି ଭାସ୍କର ରାଉତ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଥିଲେ। ଯୁବ ସଂଯୋଜକ ରାଇମୋହନ ନନ୍ଦଙ୍କ ସଂଯୋଜନାରେ ଉପସ୍ଥିତ କବି ମାନେ କବିତା ପାଠ କରିଥିଲେ । ଡ଼ଃ ନୃସିଂହକ୍ଷନନ୍ଦଙ୍କ ଲିଖିତ ବହି ଭାରତୀୟ ମହାମନିଷୀ ଗଣ ସେଠାରେ ଉନ୍ମୋଚିତ ହୋଇଥିଲା ବେଳେ ଉପସ୍ଥିତ ଅତିଥିମାନେ ତାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ପ୍ରଶଂସା କରିଥିଲେ।

# ହତ୍ୟା ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ କର୍ଲାପଡ଼ା ପୋଲିସ ଫାଣ୍ଡି ଘେରାଉ

ଭବାନୀପାଟଣା ,୨୦/୦୫ (ନି.ପ୍ର): ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କର୍ଲାପଡାରେ ଘଟିଥିବା ଏକ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଗ୍ରାମବାସୀମାନେ ଫାଣ୍ଡି ଘେରାଉ କରିଛନ୍ତି। ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅଧିନସ୍ଥ ପଣ୍ଡି ଗାଁ, କର୍ଲାପଡ଼ା ଫାଣ୍ଡି ଅଧୀନ ରେ ଗତ ୧୫ ତାରଇଖ ସକାଳେ ଘାସିରାମ ଟକରିଆକୁ ମରେଦେବ ଟାକ୍ରି କୌଣସି କାରଣରୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣାକୁ ପ୍ରାୟ ୫ଦିନ ବିତିଗଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅପରପକ୍ଷରେ ମୁଖ୍ୟ ଅଭିଯୁକ୍ତ ଆଜି ସକାଳେ ଆତ୍ମ ସମର୍ପଣ କରିଥିଲେ। ତେବେ ଅଭିଯୁକ୍ତର ସହଯୋଗୀ ମାନେ ଗ୍ରାମରେ ଖୁଲୁମ ଖୁଲା ବୁଲୁଛନ୍ତି ଏବଂ ଧମକାଉଛନ୍ତି। ମୁଖ୍ୟ ଅଭିଯୁକ୍ତର ସହଯୋଗୀ ଭାଇମାନେ ସୁରେନ୍ଦ୍ର ଟାକ୍ରି, ଉମାଶଙ୍କର ଟାକ୍ରି, ଧନଞ୍ଜୟ ଟାକ୍ରି କୁ ପୋଲିସ ଗିରଫ କରିବାରେ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ଘଟଣାକୁ ନେଇ ଶହ ଶହ ଗ୍ରାମବାସୀ ଗୁରୁବାର ଦିନ କର୍ଲାପଡ଼ା ପୋଲିସ ଫାଣ୍ଡି ଘେରାଉ କରିଥିଲେ। ପ୍ରାୟ ୧ଘଂଟା ବିଳମ୍ବରେ ସଦର ଆଇ.ଆଇ.ସି. ଙ୍କ ସହ କେତେକ ପୋଲିସ କର୍ମଚାରୀ ଆସିଥିଲେ ଏବଂ ଆନ୍ଦୋଳନକାରୀ ଜନତାଙ୍କୁ ବୁଝାସୁଝା କରୁଥିଲେ। ଏବିଷୟରେ ଆଇ.ଆଇ.ସି. କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ । ଆନ୍ଦୋଳନକାରୀମାନେ ପୋଲିସ ଏଦିଗରେ ଯଥା ଶୀଘ୍ର ପଦକ୍ଷେପ ଗ୍ରହଣ ନ କଲେ ଅନଶନ, ଆତ୍ମାହୁତି ଦେବାସହ ରାଜରାସ୍ତା ଅବରୋଧ କରିବୁ ବୋଲି ଚେତାବନୀ ଦେଇଛନ୍ତି।

# କନିଷ୍ଠ ଯନ୍ତ୍ରୀଙ୍କ ହତ୍ୟାକାରୀକୁ ଗିରଫ ଦାବିରେ ଡିପ୍ଲୋମା ଇଞ୍ଜିନିୟର ସେବାସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରାରେ ପ୍ରତିବାଦ

ବଲାଙ୍ଗିର,୨୦/୦୫ (ନି.ପ୍ର): ଓଡିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ବଲାଙ୍ଗିର ଶାଖା ପକ୍ଷରୁ ଗତକାଲି ସଂନ୍ଧ୍ୟା ୭ଟା ସମୟରେ ହାତିଶାଳପଡ଼ା ସ୍ଥିତ ଓଡିଶା ଭବନଠାରୁ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ସ୍ୱର୍ଗତ ଇଂ. ସୁରେଶ ଚନ୍ଦ୍ର ସାହୁଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ସହ ସ୍ୱର୍ଗତ ସାହୁଙ୍କ ଅପମୃତ୍ୟୁ ମାମଲାର ଉଚିତ ତଦନ୍ତ ଓ ନ୍ୟାୟ ନିମନ୍ତେ ଦାବୀ ଉପସ୍ଥାପନା କରିଥିଲେ । ଏଥିରେ ସଂଘର ସଭାପତି ଇଂ ଏ. ସିମାଦ୍ରୀ ଦୋରା, ଉପସଭାପତି ଇଂ ଖୋଲେନ ସିଂ, ସମ୍ପାଦକ ଇଂ ବଳରାସ ପାତ୍ର ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଏଥିରେ ସଂଘର ସଦସ୍ୟ ଏବଂ ଜିଲ୍ଲାର ଇଞ୍ଜିନିୟରିଂ ଡିପାର୍ଟମେଂଟର ଶତାଧିକ କର୍ମୀ ଯୋଗଦାନ କରିଥିଲେ । ପ୍ରକାଶ ଯେ, ପାଟଣାଗଡ଼ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଇଂ. ସୁରେଶ ଚନ୍ଦ୍ର ସାହୁଙ୍କ ମୃତଶରୀର ବନକା ବିହାର ଗାଁ ନିକଟ କପା କିଆରିରୁ ଉଦ୍ଧାର କରାଯାଇଥିଲା । ଇଂ. ସାହୁଙ୍କ ପରିବାର ପକ୍ଷରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଥିଲା । ହତ୍ୟାର ୧୨ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଦୋଷୀକୁ ଗିରଫ କରିନଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ହତ୍ୟାକାରୀକୁ ତୁରନ୍ତ ଗିରଫ କରାଯାଉ ନହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# କୋଟଗଡ ବ୍ଲକ୍ ଅଧ୍ୟକ୍ଷା ଓ ସାଂସଦ ପ୍ରତିନିଧିଙ୍କ ମଧ୍ୟରେ ବାକ୍ ବିତଣ୍ଡା

କନ୍ଧମାଳ,୨୦/୦୫ (ନି.ପ୍ର): ବୁଧବାର କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ପରିସରରେ ପ୍ରଥମ ପଚାଂୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭ ପୂର୍ବରୁ କୋଟଗଡ଼ ସାଂସଦ ପ୍ରତିନିଧି ମନୋଜ ସାବତ ଓ ବ୍ଲକ ଅଧ୍ୟକ୍ଷା ପିଙ୍କି କହଁରଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ପ୍ରବଳ ବଚସା ହେବା ପରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ବିଡିଓ କୈଳାସ ମୁର୍ମୁ ଏଥିରେ ହସ୍ତକ୍ଷେପ କରି ଉଭୟଙ୍କୁ ବୁଝାସୁଝା କରିଥିଲେ । ବୈଠକ ପ୍ରଥମରୁ ସାଂସଦ ପ୍ରତିନିଧି ଓ ବିଧାୟକ ପ୍ରତିନିଧିଙ୍କ ମଧ୍ୟରେ ଡାଇସରେ ବସିବାକୁ ନେଇ ଯୁକ୍ତିତର୍କ ହୋଇଥିଲା । ସାଂସଦ ପ୍ରତିନିଧିଙ୍କୁ ବୈଠକରେ ବସିବା ପାଇଁ କିଏ ଅନୁମତି ଦେଲା ବୋଲି କୋଟଗଡ଼ ବିଡିଓ କୈଳାସ ଚନ୍ଦ୍ର ମୁର୍ମୁଙ୍କୁ ପ୍ରଶ୍ନ କରିଥିଲେ ବ୍ଲକ ଅଧ୍ୟକ୍ଷା ପିଙ୍କି କହଁର । ଏହାକୁ ନେଇ ପ୍ରବଳ ଯୁକ୍ତିତର୍କ ଓ ହୋ-ହଲ୍ଲା ମଧ୍ୟରେ ବୈଠକ ଆରମ୍ଭ ହୋଇଥିଲା। ଏହି ବୈଠକରେ କୋଟଗଡ଼ ଜିଲ୍ଲା ପରିଷଦ ସଦସ୍ୟ ଜିରିମୟ ସୁନାମାଝି, ବ୍ଲକ ଉପାଧ୍ୟକ୍ଷ ଶ୍ରୀମତୀ ପୁଷ୍ପାଞ୍ଜଳି ଭଟ, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ସୋରେନଙ୍କ ସମେତ କୋଟଗଡ଼ ବ୍ଲକର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଓ ପ୍ରତ୍ୟେକ ପଚାଂୟତର ସରପଂଚ, ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ । ଏହି ବୈଠକକୁ ନେଇ କୋଟଗଡ଼ ବ୍ଲକ୍ ପରିସରରେ କଂଗ୍ରେସ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଏନେଇ କୋଟଗଡ଼ ବିଡ଼ିଓ କିମ୍ବା ବ୍ଲକ ଅଧ୍ୟକ୍ଷା କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଘସିପୁରା,୨୦/୦୫ (ନି.ପ୍ର): ବେକରେ ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି। ସୂଚନାରୁ ଜଣାଯାଏ, କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ବଡ଼ରମ୍ଭାସ ଗ୍ରାମର ନିରାକାର ସାହୁଙ୍କ ପୁଅ ବାପୁନ ସାହୁ ବୁଧବାର ରାତିରେ ବାହା ଘର ଭୋଜି ଖାଇ ଯାଇଥିଲେ । ଫେରିବା ପରେ ନିଜ ଶୋଇବା ଘରେ ଶୋଇଥିଲେ । ପରିବାର ଲୋକ ସକାଳୁ ଦେଖିବା ବେଳକୁ ବାପୁନ ଶୋଇବା ଘରେ ରଶିଲଗାଇ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ । ପରିବାର ଲୋକେବାପୁନକୁ ଉଦ୍ଧାର କରି ତୁରନ୍ତ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିବାରରେ କୈଣସି ପ୍ରକାର ଝଗଡା ହୋଇ ନ ଥିବା ପରିବାର ଲୋକ କହୁଥିବା ବେଳେ ଆତ୍ମହତ୍ୟାର କାରଣ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳିପାରି ନାହିଁ । ତେବେ ପାରିବାରିକ କଳହକୁ କେନ୍ଦ୍ରକରି ଏପରି ଘଟିଥିବା ନେଇ ସନ୍ଦେହ କରାଯାଉଛି । ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି କରିଛି ।

# ପଟ୍ଟାମୁଣ୍ଡାଇ ବାଇପାସରେ ଉଜ୍ୱଳ ଆଲୋକ ବ୍ୟବସ୍ଥା ଉଦଘାଟିତ

ପଟ୍ଟାମୁଣ୍ଡାଇ,୨୦/୦୫ (ନି.ପ୍ର): ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବାଇପାସ ବିଜୁ ପଟ୍ଟନାୟକ ଛକ ଠାରେ ଗତକାଲି ସନ୍ଧ୍ୟାରେ ଉଜ୍ୱଳ ଆଲୋକ ବ୍ୟବସ୍ଥା ଉଦଘାଟିତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଉଜ୍ୱଳ ଆଲୋକ ବ୍ୟବସ୍ଥାର ଉଦଘାଟନ କରିଥିଲେ। ବେଲତଳ ନଳିନୀ ରାଇସ ମିଲ ଠାରୁ ପତ୍ରପୁର ଘାଟ ପର୍ଯ୍ୟନ୍ତ କଟକ - ଚାନ୍ଦବାଲି ରାସ୍ତା ଆଲୋକିକରଣ କରାଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ସମ୍ପାଦକ ଗୁଡୁ ବିଶ୍ୱାଳ, ଗ୍ରୀନ ଫିଲ୍ଡ ଇଂଜିନିୟର ଧିରେନକୃଷ୍ଣ ଭୋଳା, ସିଏମଏମ ପରିଚାଳକ ମାମୀନୀ ପଣ୍ଡା, କାଉନସିଲର ସ୍ୱର୍ଶ୍ରୀ ଗୋପୀବଲ୍ଲଭ ନାୟକ, ମୃତ୍ୟୁଞ୍ଜୟ ପାଢ଼ୀ, ସୁବାଷ ମଲିକ, ପ୍ରଶାନ୍ତ ବାରିକ, ସୁଧାମୟ ମଲିକ, ସାନିଆ ପରଭିନ,ଝରଣା ବେହେରା, ଜିଲ୍ଲା ବିଜେଡି ସମ୍ପାଦକ ଶ୍ରୀକାନ୍ତ ରାଉତ, ଜିଲ୍ଲା ଯୁବ ବିଜେଡି ଉପସଭାପତି ସୁରେଶ ସାହୁ,ଯୁବନେତା ଦିଲ୍ଲୀପ ସାହୁ, ବାପି ସାମଲ, ମଳୟ ମଲିକ ଜୟକୃଷ୍ଣ ରାଉତ, ଲୋକନାଥ ପାତ୍ର,ପିଣ୍ଟୁ ସେଠୀ,ପ୍ରମୁଖ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ଅଭୟ ଦାଶ, ପ୍ରଫୁଲ୍ଲ ଦାଶ,ରାଜକିଶୋର ଦାସ,ମୁନି ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।




# ପୋଡ଼ା ବାସନ ସଫା ହୋଇଯିବ

*ରୋଷେଇ କରୁଥିବାବେଳେ ବ୍ୟସ୍ତତା ତଥା ଅନ୍ୟମନସ୍କତା ଯୋଗୁ ବେଳେବେଳେ ବାସନ ପୋଡ଼ିଯାଏ । ଏଥିରେ ଲାଗିଥିବା ପୋଡ଼ା ଖାଦ୍ୟ ସାମଗ୍ରୀ ଯୋଗୁ ଏହାକୁ ସଫା କରିବା କାଠିକର ପାଠ ହୁଏ । ହାତପାଆନ୍ତାରେ ଥିବା କେତେକ ଜିନିଷ ବ୍ୟବହାର କରି ପୋଡ଼ା ବାସନ ସହଜରେ ସଫା କରିପାରିବେ ।*

♦ ୨ କପ୍ ପାଣି ୧ଚାମଚ ବେକିଂ ସୋଡ଼ା, ୨ଚାମଚ ଲେମ୍ବୁରସ ପକାଇ ମମିନିଟ୍ ଫୁଟାନ୍ତୁ । ଏବେ ସ୍କ୍ରବରେ ଘଷିଦେଲେ ପୋଡ଼ାଦାଗ ଚାଲିଯିବ ।

♦ ପୋଡ଼ା ବାସନରେ ଲୁଣ ଏବଂ ପାଣି ପକାଇ ପ୍ରାୟ ଚାରିମିନିଟ୍ ଫୁଟାନ୍ତୁ । ଏହାପରେ ଥଣ୍ଡାକରି ବାସନ ଧୋଉଥିବା ବ୍ରସରେ ଘଷିଦେଲେ ପୋଡ଼ାଦାଗ ଚାଲିଯିବ ।

♦ ପୋଡ଼ା ବାସନରେ ଲୁଣ ଏବଂ ପାଣି ପକାଇ ପ୍ରାୟ ଚାରିମିନିଟ ଫୁଟାନ୍ତୁ ଏହାପରେ ଥଣ୍ଡା କରି ବାସନ ଧୋଉଥିବା ବ୍ରସରେ ଘଷିଦେଲେ ପୋଡ଼ାଦାଗ ଛାଡ଼ିଯାଏ । ।

♦ ରୂପା ବାସନକୁ ସଫା କରିବା ଲାଗି ବ୍ୟବହାର କରାଯାଉଥିବା ଟମାଟୋ ରସ ସାଧାରଣ ବାସନ ପୋଡ଼ିଗଲେ ବି ସଫା କରିବାକୁ ଭଲ କାମ ଦିଏ । ପୋଡା ବାସନରେ ଟମାଟୋ ରସ ଓ ପାଣି ମିଶାଇ ଗରମ କରନ୍ତୁ । ଏହାପରେ ଘଷିଦେଲେ ସଫା ହୋଇଯିବ । ଟମାଟୋ କ୍ୟାଚଅପ୍ ପକାଇବାକୁ ଚାହିଁଲେ ଏହାକୁ ପୋଡ଼ା ବାସନରେ ଲଗାଇ କିଛି ସମୟ ରଖିଦେବେ । ପରେ ସ୍କ୍ରବରେ ଘଷି ସଫା କରିଦେବେ ।

♦ କେଇଖଣ୍ଡ ପିଆଜ ପକାଇ ପାଣି ଦେଇ ଭଲଭାବେ ଫୁଟାଇଦେବେ । ପୋଡ଼ା ଦାଗ ଆପେ ଚାଲିଯାଇଥାଏ । ଗୋଟିଏ ଲେମ୍ବୁ ଫାଳ କରି ଏହାକୁ ବାସନର ପୋଡ଼ାଦାଗ ଉପରେ ଘଷନ୍ତୁ । ଇଚ୍ଛା କଲେ ଲେମ୍ବୁ, ଏବଂ ୩କପ୍ ପାଣି ପକାଇ ବାସନରେ ଫୁଟାନ୍ତୁ । ଏହାପରେ ସଫା କଲେ ପୋଡ଼ା ଅଂଶ ବାହାରିଯିବ ।

# ପ୍ରକୃତି ସେବାରେ କାରାଗାର

କାରାଗାର ବା ଜେଲ ନାଁ ନାଁ ଶୁଣିଲା ମାତ୍ରେ ଆଖି ଆଗରେ ଅନ୍ଧାରୁଆ ବନ୍ଦ କୋଠରିର ଚିତ୍ର ଦେଖାଯାଏ । ଏଠାରେ ରହିବା ନିଶ୍ଚିତ ଭାବେ କଷ୍ଟକର । ତେବେ ସ୍ୱିଡେନର ଏହି ଜେଲରେ ବନ୍ଦୀମାନେ ପ୍ରକୃତି ସହିତ ରହିଥିବା ପରି ଅନୁଭବ କରନ୍ତି । ଏହାର ଛାତ ଉପରେ ୧୧୦୦ ବର୍ଗମିଟର ଅଞ୍ଚଳରେ ଗଛ ଲଗାଯାଇଛି ଯାହା ଅଟ୍ଟାଳିକାକୁ ଥଣ୍ଡା ରଖିବାରେ ସହାୟକ ହୋଇଥାଏ । ଆଠଟି ବର୍ଗର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ଏକ ଡିସପୋଜାଲ ରୁମ ନିର୍ମାଣ କରାଯାଇଛି । ତେବଲନ ୪ନାମକ ଏକ ଅଟ୍ଟାଳିକାକୁ ୨୦୧୦ ମସିହାରେ ସ୍ୱିସ୍ କମ୍ପାନୀ ବାସେ କିଣିଥିଲା । ପରେ ଏହାକୁ ଜେଲରେ ପରିଣତ କରିଦିଆଯାଇଛି । ଏହାର ନାମ ରଖାଯାଇଛି ସ୍ୱସ୍ ଜେଲ ଏବଂ ପ୍ରୋବେସନ ସର୍ଭିସ୍ । ଜେଲର ବାରାକଗୁଡ଼ିକ ଏପରି ନିର୍ମାଣ କରାଯାଇଛି ଯେ ପାଣି ଖୁବ କମ ବ୍ୟବହାର ହୁଏ । ଜେଲରେ ବ୍ୟବହାର ହେଉଥିବା ଫ୍ରିଜ ମଧ କମ ବିଦ୍ୟୁତଶକ୍ତି ଆବଶ୍ୟକ କରେ । ସମଗ୍ର ଜେଲରେ ଥିବା ଏଲଡି ଲାଇଟଗୁଡ଼ିକ ଏକ ସେଣ୍ଟ୍ରାଲ ସଭିଲାନ୍ସ ସିଷ୍ଟମ ଦ୍ୱାରା ପରିଚାଳିତ । ସମ୍ପୂର୍ଣ୍ଣ ଅଟ୍ଟାଳିକା ଏକ ସ୍ୱୟଂକ୍ରିୟ ବାୟୁ ଚଳାଚଳ ବ୍ୟବସ୍ଥା ଦ୍ୱାରା ଥଣ୍ଡା ଏବଂ ଉଷୁମ କରାଯାଏ । ଜେଲର ରୋଷେଇଘରୁ ବାହାରୁଥିବା ଆବର୍ଜନାରୁ ବାୟୋଗ୍ୟାସ ପ୍ରସ୍ତୁତ କରିଥାନ୍ତି । ଏଠାକାର ୧୨% ଖାଦ୍ୟସାମଗ୍ରୀ ଜୈବିକ ପ୍ରକିୟାରେ ଉତ୍ପାଦନ କରାଯାଉଛି ସପ୍ତାହକୁ ଦୁଇଦିନ ଏଠାରେ କଏଦୀମାନଙ୍କୁ ନିରାମିଷ ଖାଦ୍ୟ ଦିଆଯାଏ । ପରିବେଶର ସୁରକ୍ଷା କରୁଥିବାରୁ ଏହି ଜେଲକୁ ୨୦୧୯ ବିୟମ ପବ୍ଲିକ ପ୍ରୋଜେକ୍ଟସ ଇନୟୁଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରଦାନକାରୀ ସଂସ୍ଥାର ଅଧକ୍ଷ ଏଲନ ୟେଟ୍ସ୍ୱଦଙ୍କ କହିବା ଅନୁସାରେ, ଜେଲରେ ସୁରକ୍ଷା ଅପେକ୍ଷା ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ନରୱେର ବୋସ୍ତୀୟ ଜେଲ ମଧ ସୌରଶକ୍ତି ପରିଚାଳିତ ଏବଂ ଏଠାରେ ପ୍ରତ୍ୟେକ ବ୍ୟବସ୍ଥା ନବୀକରଣ ଯୋଗ୍ୟ ।





# ଚପଲ ପିନ୍ଧିବା ମନା



ଖରା ହେଉ କି ବର୍ଷା ବିନା ଚପଲରେ ବାହାରକୁ ଯିବା ଲାଗି ମନ ହୁଏ ନାହିଁ । ଏଠାରେ କିନ୍ତୁ ଗ୍ରାମବାସୀ ଗାଁ ଭିତରେ ଆଦୌ ଚପଲ ପିନ୍ଧନ୍ତି ନାହିଁ । ଏଥିପାଇଁ ଧନୀ-ଦରିଦ୍ରର ବାଛବିଚାର ନଥାଏ । ଏପରିକି ବାହାରର କେହି ଲୋକ ତାଙ୍କ ଗାଁ ଭିତରକୁ ଚପଲ ପିନ୍ ଚାଲିଆସିଲେ ବି ସେମାନେ ବିରକ୍ତ ହୋଇଥାନ୍ତି । ତାମିଲନାଡୁର ମଦୁରାଇଠାରୁ ୨୦କିଲୋମିଟର ଦୂରରେ ଏହି ଗାଁ ରହିଛି । ଗାଁର ନାମ କଲିମାୟନ। ବର୍ଷ ବର୍ଷ ଧରି ଗାଁର ଛୋଟଠାରୁ ବୁଢ଼ା ପର୍ଯ୍ୟନ୍ତ କେହି ବି ଚପଲ ପିନ୍ଧି ଗାଁ ଭିତରେ ଚାଲନ୍ତି ନାହିଁ । କେହି ଏହି ନିୟମର ଅବମାନନା କଲେ ତାଙ୍କୁ କଠୋର ଦଣ୍ଡ ମିଳିଥାଏ । ଗ୍ରାମବାସୀମାନେ କାହିଁ କେଉଁକାଳରୁ ଅପାଛି ନାମକ ଦେବତାଙ୍କୁ ପୂଜା କରିଆସୁଛନ୍ତି । ଏହି ଦେବତା ସମଗ୍ର ଗ୍ରାମର ସୁରକ୍ଷା କରୁଛନ୍ତି ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଦେବ୍‌ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ଲାଗି ଗ୍ରାମ ସୀମା ମଧରେ ଜୋତା, ଚପଲ ପିନ୍ଧିବା ବାରଣ କରାଯାଇଛି । ପିଢ଼ି ପରେ ପିଢ଼ି ସେମାନେ ଏହି ପରମ୍ପରା ପାଳନ କରିଆସୁଥିବା ବେଳେ ଯଦି ବାହାରକୁ ଯିବାକୁ ହୁଏ, ତେବେ ଗ୍ରାମର ସୀମା ବାହାରକୁ ଯିବା ପରେ ହିଁ ସେମାନେ ସାଙ୍ଗରେ ନେଇ ଥିବା ଜୋତା କି ଚପଲ ପିନ୍ଧିଥାନ୍ତି ।

# ଧନିଆ

**ଖାଦ୍ୟକୁ ସ୍ୱାଦିଷ୍ଟ ଏବଂ ବାସ୍ନାଯୁକ୍ତ କରିବା ପାଇଁ ଧନିଆ ବ୍ୟବହାର କରାଯାଏ । ଏମିତି କୌଣସି ରୋଷେଇ ଘର ନାହିଁ ଯେଉଁଠି ଧନିଆ ନଥିବ ବା ଏମିତି କୌଣସି ଗୃହିଣୀ ନଥିବେ ଯିଏ ଖାଦ୍ୟ ପ୍ରସ୍ତୁତିରେ ଧନିଆ ବ୍ୟବହାର କରୁ ନଥିବେ । ତେବେ ଏମିତି କମ ଗୃହିଣୀ ଥିବେ ଯେଉଁମାନେ ଏହାର ଔଷଧୀୟ ଗୁଣ ସହିତ ପରିଚିତ ଥିବେ । ଆସନ୍ତୁ ଜାଣିବା ଧନିଆର ବିଶେଷ ଗୁଣଗୁଡ଼ିକ ସମ୍ପର୍କରେ ।**



■ ଆଖି ପୋଡୁଥିଲେ ମିଶ୍ରି ପାନ ମହୁରି ସହିତ ସମାନ ପରିମାଣର ଧନିଆ ମଞ୍ଜିକୁ ମିଶାଇ ଗୁଣ୍ଡ କରନ୍ତୁ ଏବଂ ଖାଇସାରିବା ପରେ ୧/୨ ଚାମଚ ଖାଆନ୍ତୁ ।ପେଟରେ ଗ୍ୟାସ ହେଉଥିଲେ ଦୁଇ କପ ପାଣିରେ ସମାନ ପରିମାଣରେ ଜିରା, ଧନିଆ, ଚା ଗୁଣ୍ଡ ଓ ପାନ ମହୁରି ପକାଇ ତାକୁ ଅଳ୍ପଆଞ୍ଚରେ ଫୁଟାନ୍ତୁ । ପରେ ସେଥିରେ ଅଳ୍ପ ଚିନି ପକାନ୍ତୁ । ଚିନି ପରିବର୍ତ୍ତେ ମହୁ ପକାଇଲେ ଆହୁରି ଭଲ । ଏହାପରେ ତାକୁ ପିଅନ୍ତୁ । ଏଥିରେ ଏହି ସମସ୍ୟା ଦୂର ହେବ । ଏହା ନିୟମିତ ପିଇଲେ ପାଚନ କ୍ରିୟା ଠିକ୍ ହେବ ।



■ ପଥୁରି ରୋଗ କ୍ଷେତ୍ରରେ ମଧ ଧନିଆ ଅତ୍ୟନ୍ତ ଉପକାରୀ । କଅଁଳ ଧନିଆ ପତ୍ରକୁ ପାଣିରେ ପକାଇ ଫୁଟାନ୍ତୁ । ତାକୁ ଅର୍ଦ୍ଧା କରି ସକାଳେ ଖାଲି ପେଟରେ ପିଅନ୍ତୁ ।
ବ୍ରଣ ଛାଡ଼ିଯିବା ପରେ ଯେଉଁ କଳା ଦାଗ ରହିଯାଏ ତାକୁ ଛଡ଼ାଇବାରେ ମଧ ଧନିଆ କାମ ଦିଏ । ଧନିଆକୁ ବାଟି ସେଥିରେ ହଳଦୀ ମିଶାଇ ପେଷ୍ଟ ପରି କରନ୍ତୁ ଏବଂ ତାକୁ ଦିନକୁ ଦୁଇଥର ମୁହଁରେ ଲଗାନ୍ତୁ ।

■ ଧନିଆରେ ଆଣ୍ଟିସେପଟିକ ଗୁଣ ରହିଛି । ତେଣୁ ମୁହଁରେ କୌଣସି କ୍ଷତ ହୋଇଥିଲେ ତାକୁ ଛଡ଼ାଇବାରେ ଏହା ସାହାଯ୍ୟ କରେ । ଏଥିପଶଇଁ କଅଁଳ ଧନିଆ ପତ୍ରକୁ ବାଟି କ୍ଷତ ସ୍ଥାନରେ ଲଗାନ୍ତୁ ।


■ ନିଦ ହେଉ ନଥିଲେ ଆପଣ ଏହାକୁ ବ୍ୟବହାର କରିପାରିବେ । ଧନିଆ ସହିତ ମିଶ୍ରି ମିଶାଇ ଚଟଣି କରନ୍ତୁ । ଦିନକୁ ଦୁଇଥର ଏହି ଚଟଣି ଖାନ୍ତୁ । ନିୟମିତ ଖାଇଲେ ନିଦ ସମସ୍ୟା ଦୂର ହେବ ।

■ ବେଳେବେଳେ ପେଟ ଗରମରୁ ବାରମ୍ୱାର ଝାଡ଼ା ଲାଗେ । ଏଥିରୁ ମୁକ୍ତି ପାଇବା ପାଇଁ ୫୦ ଗ୍ରାମ ଧନିଆପତ୍ରକୁ ଭଲ ଭାବରେ ବାଟି ଦିନ୍ତୁ । ତାପର ତାକୁ ପାଣି ମିଶାଇ ସର୍ବତ ପରି ପିଅନ୍ତୁ ।

■ ନର୍ଭସ ସିଷ୍ଟମ ଦୁର୍ବଳ ଥିବା ବ୍ୟକ୍ତି ପ୍ରତିଦିନ ଧନିଆପତ୍ର ଖାଇବା ଉଚିତ ।
ଧନିଆ ପିତ୍ତ ଜନିତ ଫୁଲା, କୁଣ୍ଡିଆ, ପ୍ରଭୃତି ମଧ ଠିକ କରେ । ଧନିଆ ଗୁଣ୍ଡ ସହିତ ମହୁ ମିଶାଇ ଲଗାନ୍ତୁ ।

■ ଆଣ୍ଠୁଗଣ୍ଠି ବ୍ୟଥା ଉପଶମ କରିବାରେ ଧନିଆ । ବଟା ଧନିଆରେ ନଡ଼ିଆ ତେଲ କିମ୍ବା ଆପଣ ବ୍ୟବହାର କରୁଥିବା ବ୍ୟଥା ଉପଶମ କାରୀ ଅଏଣ୍ଟମେଣ୍ଟ ଲଗାଇ ବ୍ୟଥା ହେଉଥିବା ସ୍ଥାନରେ ଲଗାନ୍ତୁ ।

# ଛିଙ୍କ ଶୁଭଙ୍କର



ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଏବେ ବି ଅନେକେ ଅନ୍ଧବିଶ୍ୱାସକୁ ଧରି ରଖିଛନ୍ତି । କୌଣସି କାମ ଆରମ୍ଭ କରିବା ପୂର୍ବରୁ ଶୁଭ ଏବଂ ଅଶୁଭ ସୂଚନାକୁ ଜଗି ଚଳୁଛନ୍ତି । ଏହି କ୍ରମରେ ଛିଙ୍କିବା ଏକ ଅଶୁଭ ଲକ୍ଷଣ ବୋଲି ସେମାନଙ୍କ ମନରେ ବସା ବାନ୍ଧି ରହିଛି । ତେବେ ଜ୍ୟୋତିଷ ଶାସ୍ତ୍ରରେ ଛିଙ୍କିବା ସବୁବେଳେ ଅଶୁଭ ବୋଲି କୁହାଯାଇନାହିଁ । କୌଣସି ଜରୁରୀ କାମରେ ବାହାରକୁ ଯାଉଥିବାବେଳେ କେହି ପଛରୁ ଛିଙ୍କିଦେଲେ କାମରେ ସହଜରେ ସଫଳତା ମିଳିବ ବୋଲି ଜାରିବେ । ନୂଆ ପୋଷାକ ପିନ୍ଧୁଥିବା ବେଳେ କେହି ଛିଙ୍କିଲେ ଏହା ଦ୍ୱିଗୁଣ ଖୁସି ମିଳିବାର ସଙ୍କେତ ଦେଇଥାଏ । ଅର୍ଥାତ୍ ଖୁବ ଶୀଘ୍ର ଆଉ ଏକ ନୂଆ ପୋଷାକ ମିଳିପାରେ । ଶୁଭ କାମ କରିବା ସମୟରେ ଛିଙ୍କ ଆସିଲେ କାମ ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟିର ଆଶଙ୍କା ଆସେ । ଯଦି ଗୋଟିଏ ଛିଙ୍କ ପରେ ଆଉ ଗୋଟିଏ ଛିଙ୍କ ଆସେ, ଏହା ଶୁଭ ବୋଲି ଧରାଯାଏ । ଚିକିତ୍ସା ପାଇଁ ଡାକ୍ତରଖାନା ଯାଉଥିଲା ବେଳେ ଛିଙ୍କ ଆସିଲେ ଏହା ଶୁଭ ଏବଂ ତୁରନ୍ତ ଆରୋଗ୍ୟ ହେବାର ସୂଚନା । ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ନିଜେ କିମ୍ବା ଅନ୍ୟ କେହି ଛିଙ୍କିଲେ ସ୍ୱାଦିଷ୍ଟ ଓ ମନପସନ୍ଦର ଖାଦ୍ୟ ମିଳିପାରେ ।

# ଏକାଥରେ ଷୋହଳ ଶାବକ



ଗୋଟିଏ କୁକୁର ଅତିବେଶୀରେ ୪-୬ଟି ଶାବକ ଜନ୍ମ ଦେଇପାରେ । ହେଲେ, ବ୍ରିଟେନର ଜ ଣେ ସୈନିକଙ୍କ ପୋଷା କୁକୁର ରଟଭିଲର ପ୍ରଜାତିର ରକ୍ସି ଯେତେବେଳେ ଏକକାଳୀନ ୧୬ଟି ଶାବକ ଜନ୍ମ ଦେଇଥିଲା, ସେ ଆଚର୍ଯ୍ୟ ହୋଇଯାଇଥିଲେ । ରକ୍ସିର ଗର୍ଭ ସ୍କାନ କରାଯିବାରେ ସେଥିରେ ୬ଟି ଶାବକ ଥିବା ଦେଖାଯାଇଥିଲା । ଆଉ ୧୦ଟି କେଉଁଠି ରହିଯାଇଥିଲେ । ଏତେ ଗୁଡ଼ିଏ ଶାବକଙ୍କୁ ପାଳିବା ଲାଗି ମା’ କୁକୁର କିମ୍ବା ତାର ମାଲିକ ପ୍ରସ୍ତୁତ ନଥିଲେ । ତେଣୁ ସେମାନଙ୍କୁ ଆରମ୍ଭରେ ଖୁବ ସମସ୍ୟା ଭୋଗିବାକୁ ହେଲା । ୩୨ ବର୍ଷୀୟ ସୈନିକ ମାର୍କ ମାର୍ଶଲ ତାଙ୍କ ପତ୍ନୀ ଲାରା ଏବଂ ୫ପିଲାଙ୍କ ସହିତ ପ୍ରେଷ୍ଟନଠାରେ ସେନା ବାରାକରେ ଏକ ଚାରୋଟି ବେଡରୁମ ଥିବା ଘରେ ରହନ୍ତି । ସେମାନଙ୍କର ଏକ ନବଜାତ ଶିଶୁ ମଧ ଥିଲା । ଏହା ସହିତ ୧୬ଟି କୁକୁର ଛୁଆ ମିଶିଯିବାରୁ ସମସ୍ୟା ହେବା ସ୍ୱାଭାବିକ । ମାର୍ଚ୍ଚ ୧୨ ତାରିଖ ୫ଟା ୪୫ ରକ୍ସିକୁ ପ୍ରସୂତି ଗୃହ ପଠାଇଯାଇଥିଲା । ସେଠାରେ ସେ ୧୬ଟି ଶାବକ ଜନ୍ମ ଦେଇଥିଲା ଯାହାକୁ ଦେଖି ଡାକ୍ତରମାନେ ମଧ ଆଷ୍ଚର୍ଯ୍ୟ ହେଲେ । ରକ୍ସି ପାଇଁ ପୂରା ସାମରିକ ନିୟମ ଲାଗୁ କରିଛନ୍ତି ମାର୍କ । ସେ ପ୍ରଥମେ ଆଠଟି ଶାବକଙ୍କୁ ୪୦ମିନିଟ୍ ପାଇଁ କ୍ଷୀର ଦିଏ । ଏହାପରେ ଘଣ୍ଟାଏ ବିଶ୍ରାମ ନେବା ପରେ ଆଉ ଆଠଟି ଶାବକଙ୍କୁ 1ର ଦେଇଥା, । ପାଖାପାଖି ଆଠ ସପ୍ତାହର ହୋଇସାରିଥିବା ରକ୍ସିର ପିଲାମାନେ ମାଲିକଙ୍କ ତତ୍ତ୍ୱାବଧାନରେ ବେଶ୍ ଖୁସି ଅଛନ୍ତି । ରକ୍ସିକୁ ସୁସ୍ଥ ରଖିବା ପାଇଁ ମାର୍କ ଓ ଲାରା ମଧ ବିଭିନ୍ନ ଉପାୟ କରୁଛନ୍ତି । ଶାବକମାନଙ୍କୁ ପଶୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ବିଶେଷ କ୍ଷୀର ପିଇବାକୁ ଦିଆଯାଉଛି ଫଳରେ ରକ୍ସିକୁ ବେଶୀ କଷ୍ଟ ପଡୁନାହିଁ ।

# ଆଖିକୁ ଆରାମ ମିଳିବ

**ଖରାଦିନେ ଆଖି ସବୁଠାରୁ ବେଶୀ ଯତ୍ନ ଆବଶ୍ୟକ କରେ । ସୂର୍ଯ୍ୟତାପ ଅସହ୍ୟ ହେଉଥିବାରୁ ଆଖିର ଉପଯୁକ୍ତ ସୁରକ୍ଷା ନନେଲେ ଏଥିରେ ପ୍ରବଳ ଯନ୍ତ୍ରଣା ହୁଏ । ଏପରି କେତେକ ଉପାୟ କଲେ ଆଖି ଆରାମ ପାଇବ । ଦିନକୁ ଅତି କମରେ ୩-୪ ଥର ଆଖିକୁ ଧୀରେଧୀରେ ପାଣିଛିଟା ମାରି ଧୁଅନ୍ତୁ । ଧୂଳି, ମଇଳା ବାହାରିବା ସହ ସଂକ୍ରମଣରୁ ଆଖି ସୁରକ୍ଷିତ ରହିବ ଏବଂ ଥଣ୍ଡା ଲାଗିବ ।**



- ଅତିବାଇଗଣୀ ରଶ୍ମି ପ୍ରଭାବରେ ଆଖି ଉପରେ ଥିବା ସୁରକ୍ଷାଦାୟକ ଲୁହ କୋଷ କ୍ଷତିଗ୍ରସ୍ତ ହୋଇଥାଏ । ଏହା ଆଖି ପତ୍ରିକା ପ୍ରତିକ୍ଷତିକାରକ ଥିବାରୁ ସନଗ୍ଲାସ ପିନ୍ଧିବା ଉଚିତ ।
- ଆଖିରେ କିଛି ପଡ଼ିଯାଇଥିଲେ ରଗଡ଼ିବା ବଦଳରେ ସଫା ରୁମାଲ କିମ୍ବା କପଡ଼ାରେ ହାଲକା କରି ବାହାର କରନ୍ତୁ । ଏହାପରେ ଥଣ୍ଡା ପାଣିର ଧୋଇବେ ।
- ପର୍ଯ୍ୟାପ୍ତ ନିଦ ଆଖିକୁ ଆରାମ ଦିଏ ଏବଂ ସତେଜ ରଖେ । ତେଣୁ ଅତି କମରେ ୮-୯ଘଣ୍ଟା ଶୋଇବା ଉଚିତ । ଇଚ୍ଛା କଲେ ଦିନ ଓ ରାତି ଉଭୟ ବେଳାର ସମୟ ଏଥିରେ ମିଶାଇ ପାରିବେ ।
- ଗରମରୁ ରକ୍ଷା ପାଇବା ଲାଗି ଅନେକେ ସନ୍ତରଣ କରିବାକୁ ପସନ୍ଦ କରନ୍ତି । ସ୍ୱିମିଂପୁଲକୁ ଚଷମା ପିନ୍ଧି ଯିବେ, ନଚେତ ସଂକ୍ରମଣ ହୋଇପାରେ ।
- ଆଖିକୁ ଆରାମ ହେବା ଲାଗି ହାଲକା ମାଲିସ୍ କରିପାରନ୍ତି । ଗୋଲଗୋଲ କାକୁଡ଼ି କଟା କିମ୍ବା ଗୋଲାପ ଜଳରେ ତୁମଳା ଭିଜାଇ ଆଖି ଉପରେ ରଖିଲେ ଆରାମ ମିଳେ ।
- ଖରାଦିନେ କେବେ ଏସି ସାମନାରେ ବସନ୍ତୁ ନାହିଁ । ମାଂସପେଶୀ ସଙ୍କୁଚିତ କରିଦିଏ ଯାହା ଫଳରେ ଆଖି କୁଣ୍ଡେଇ ହୋଇ ଯନ୍ତ୍ରଣା ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପଡ଼ୋଶୀଙ୍କ ସହ ନୂଆ ସମ୍ପର୍କ...

ଭାରତ-ନେପାଳ ସଂପର୍କ ପୁଣି ଥରେ ସ୍ୱାଭାବିକତା ଦିଗରେ ମୁହାଁଇବା ପରି ପ୍ରତୀୟମାନ ହୁଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ବୈଶାଖ ପୂର୍ଣ୍ଣମୀ ଦିନ ଭଗବାନ ବୁଦ୍ଧଙ୍କ ଜନ୍ମସ୍ଥାନ ଲୁମ୍ବିନୀ ଉଦ୍ୟାନ ଗସ୍ତ କରିବା ଅବସରରେ ସେ ତାଙ୍କର ନେପାଳ ପ୍ରତିପକ୍ଷ ଶେର ବାହାଦୁର ଦେଉବାଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ଉପରେ ବିସ୍ତୃତ । ଆଲୋଚନା କରିଛନ୍ତି । ଦୀର୍ଘ କେତେ ବର୍ଷ ପରେ ପଣି ଥରେ ନେପାଳରେ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରିବା ନିମନ୍ତେ ସେ ଦେଶ ସରକାର ଭାରତକୁ ଆମନ୍ତ୍ରଣ ଜଣାଇଛି । ୨୦୧୪ ମସିହାରେ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ଏନଡିଏ ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରଠାରୁ ପ୍ରତିବେଶୀ ରାଷ୍ଟ୍ରମାନଙ୍କ ପାଇଁ ଭାରତ ସଦାବେଳେ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ପୋଷଣ କରିଆସିଛି । ନେପାଳ ସେଥି ମଧ୍ୟରେ ଅନ୍ୟତମ । ଐତିହାସିକ ତଥା ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଏବଂ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ଢେର ପୁରୁଣା ଏବଂ ତାହା ସମୟ ସହିତ ପରୀକ୍ଷିତ ହୋଇଆସିଛି । କିନ୍ତୁ ନେପାଳରେ ରାଜତନ୍ତ୍ରର ପତନ ପରେ କାଠମାଣ୍ଡୁରେ ଯେଉଁଭଳି ଭାବେ ଗୋଟିକ ପରେ ଗୋଟିଏ ସରକାରର ଉତ୍ଥାନ ଓ ପତନ ଘଟିଚାଲିଛି ସେଥିରେ ଏହି ଦ୍ୱିପାକ୍ଷିକ ସମ୍ପର୍କରେ ସମୟାନ୍ତରେ ଶିଥିଳତା ଦେଖାଦେଇଛି । ଉଦାହରଣ ଭାବେ କେ. ପି. ଶର୍ମା ଓଲିଙ୍କ ପ୍ରଧାନମନ୍ତ୍ରିତ୍ କାଳକୁ ଗ୍ରହଣ କରାଯାଇପାରେ । ଶ୍ରୀ ଓଲିଙ୍କ ଭାରତ ବିରୋଧୀ ମନୋଭାବ ନୂଆଦିଲ୍ଲୀ ଓ କାଠମାଣ୍ଡୁ ମଧ୍ୟରେ ସ୍ୱାଭାବିକ ସଂପର୍କକୁ ପାଣିଚିଆ କରିଦେଇଥିଲା । ଏପରିକି ସେ ଖୋଲାଖୋଲି ଭାବେ ଭାରତକୁ ସମାଲୋଚନା କରିବାକୁ ସୁଦ୍ଧା ପଶ୍ଚାତ୍‌ପଦ ହୋଇନଥିଲେ । ଅପରପକ୍ଷେ ତାଙ୍କର ମାତ୍ରାଧିକ ଚୀନ୍ ପ୍ରୀତି ତାଙ୍କ ସରକାରର ପତନର କାରଣ ପାଲଟିଥିଲା । ଭାରତ-ନେପାଳ ସମ୍ପର୍କକୁ ତିକ୍ତ କରି କାଠମାଣ୍ଡୁକୁ ନିଜ ହାତମୁଠାରେ ରଖିବା ସକାଶେ ଚୀନ୍ ସଦାସର୍ବଦା ପ୍ରୟାସ କରିଆସିଛି । ତାହା ଶ୍ରୀ ଓଲିଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ହିଁ ଆଂଶିକ ଭାବେ ସଫଳ ହୋଇଥିଲା । ଚୀନ୍ ତାର ବିଆରଆଇ (ବେଲ୍ ଆଣ୍ଡ ରୋଡ୍ ଇନିସିଏଟିଭ) ନିମନ୍ତେ ନେପାଳରେ ପୁଞ୍ଜି ନିବେଶ କରିଥିଲା । କିନ୍ତୁ ଏଭଳି ଋଣ ଯେ ବେକିଂର ଏକ ଜନ୍ତା, ଯେଉଁଥିରୁ ନେପାଳ ଭଳି କ୍ଷୁଦ୍ର ରାଷ୍ଟ୍ରମାନେ କଦାପି ମୁକୁଳି ପାରିବେନାହିଁ ଏବଂ ସେହି ଫାଶ ଜରିଆରେ ଚୀନ୍ ସେସବୁ ରାଷ୍ଟ୍ରମାନଙ୍କରେ ନିଜର ଆଧିପତ୍ୟ ବିସ୍ତାର କରିବ ତାହା ଅନ୍ୟ କୌଣସିଠାରେ ନହେଲେ ସୁଦ୍ଧା ଶ୍ରୀଲଙ୍କା କ୍ଷେତ୍ରରେ ଏବେ ସମଗ୍ର ବିଶ୍ୱ ପାଇଁ ଏକ ଚେତାବନୀ ଭାବେ ଦୃଶ୍ୟ ହୋଇଛି । ନେପାଳରେ ଓଲିଙ୍କ ସରକାରର ପତନ ଏବଂ ତାଙ୍କ ସ୍ଥାନରେ ଶେର ବାହାଦୁର ଦେଉବାଙ୍କ ସରକାର ଗଠନ ପରେ ଭାରତ-ନେପାଳ ସମ୍ପର୍କ ପୁଣି ଥରେ ସ୍ୱାଭାବିକତା ଦିଗରେ ଆଗେଇବାରେ ଲାଗିଛି । ଶ୍ରୀ ମୋଦି ନିଜ ପ୍ରଧାନମନ୍ତ୍ରିତ୍ୱ କାଳରେ ପଞ୍ଚମଥର ପାଇଁ ନେପାଳ ଗସ୍ତ କରିବା ସହ ସେଠାକାର ଜନସାଧାରଣଙ୍କ ସହ ଭାବ ବିନିମୟ କରିବା, ଧାର୍ମିକ ଓ ସାଂସ୍କୃତିକ ସ୍ଥଳୀ ପରିଦର୍ଶନ କରିବା ଏବଂ ସେ ଦେଶରେ ବିଭିନ୍ନ ପ୍ରକଳ୍ପମାନ କାର୍ଯ୍ୟକାରୀ କରିବା ନିମନ୍ତେ ତତ୍ପରତା ପ୍ରକାଶ କରିଛନ୍ତି । କେବଳ ଶକ୍ତି ଉତ୍ପାଦନ କେନ୍ଦ୍ର ଭଳି ଭିତ୍ତିଭୂମି ପ୍ରକଳ୍ପ ନୁହେଁ, ବୌଦ୍ଧ ଧର୍ମପୀଠ ଠାରୁ ଆରମ୍ଭ କରି ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଏବଂ ସେ ଦେଶରେ ସଡ଼କ ନିର୍ମାଣ, ରେଳପଥର ବିକାଶ ଏବଂ ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପରେ ଭାରତ ସହଯୋଗର ହାତ ବଢ଼ାଇବା ବୋଲି ନିର୍ଭର ପ୍ରତିଶୃତି ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଭାରତ ସଦାସର୍ବଦା ପ୍ରତିବେଶୀ ରାଷ୍ଟ୍ରମାନଙ୍କ ପ୍ରତି ସହଯୋଗର ମନୋଭାବ ପୋଷଣ କରିଆସିଛି । ଅତୀତରେ ଆଫଗାନିସ୍ତାନ ଠାରୁ ନେଇ ଭୁଟାନ ଏବଂ ପରବର୍ତ୍ତୀ କାଳରେ ବାଂଲାଦେଶ, ମରିସସଠାରୁ ନେଇ ଶ୍ରୀଲଙ୍କା ଏବଂ ଏବେ ନେପାଳ କ୍ଷେତ୍ରରେ ତାହା ପ୍ରମାଣିତ ହୋଇଛି । ଇତିପୂର୍ବରୁ କରୋନା କାଳରେ ଭାରତ ଏହିସବୁ ରାଷ୍ଟ୍ରମାନଙ୍କୁ ସଂକ୍ରମଣ ରୋକିବା ଏବଂ ପ୍ରତିଷେଧକ ଟିକା ଯୋଗାଣ କ୍ଷେତ୍ରରେ ସୁଦ୍ଧା ସହଯୋଗର ହାତ ବଢ଼ାଇଛି । ନେପାଳକୁ ଭାରତର ସହଯୋଗର ତାଲିକା ଫର୍ଦ୍ଦ ବେଶ୍ ଲମ୍ବା । କେବଳ ସେତିକି ନୁହେଁ, ଅନ୍ୟ ଯେକୌଣସି ପ୍ରତିବେଶୀ ରାଷ୍ଟ୍ରଙ୍କ ତୁଳନାରେ ଭାରତ ଏବଂ ନେପାଳ ମଧ୍ୟରେ ସୀମା କଟକଣା ସବୁଠାରୁ କୋହଳ ଏବଂ ପ୍ରତି ମାସରେ ଦୁଇ ଦେଶ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ଆତଯାତ ଲାଗିରହିଥାଏ । କରୋନା ମହାମାରୀ ଏବେ ସମସ୍ତଙ୍କୁ ଚେତାବନୀ ଦେଇଛି ଯେକୌଣସି ପ୍ରାକୃତିକ ଆପଦାକୁ କଦାପି ଏକାକୀ ମୁକାବିଲା କରିହେବନାହିଁ । ସେଥିପାଇଁ ପ୍ରତିବେଶୀ ରାଷ୍ଟ୍ରଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରକ୍ଷା ଓ ବିପଦ ବେଳେ ପରସ୍ପର ନିକଟରେ ଠିଆହେବା ଏକାନ୍ତ ଜରୁରି । ଭାରତ-ନେପାଳ ସମ୍ପର୍କ ସେଇ ମାର୍ଗକୁ ଲେଉଟିବା ଏ ଦିଗରେ ଏକ ଶୁଭ ସଂକେତ ପରି ପ୍ରତୀୟମାନ ହୁଏ ।

## ଅଜନଲାର ଓଡିଆ ସହିଦ



ସୌମେନ୍ଦ୍ର ଜେନା

ଇଂରେଜ ଶାସନ ବିରୋଧୀ ସଂଗ୍ରାମରେ ଓଡିଶାର ଭୂମିକା ରହିଥିଲେ ହେଁ ସେ ସବୁର ପ୍ରକୃତ ଆଲୋଚନା ଆଜିଯାଏ ବ୍ୟବସ୍ଥିତ ଢଙ୍ଗରେ ହୋଇପାରିନାହିଁ । ଠିକ୍ ସେମିତି ଏହି ସଂଗ୍ରାମରେ ସହିଦ ହୋଇଥିବା ଓଡିଆବୀରଙ୍କ ସଂପର୍କରେ ମଧ ଯେପରି ତଥ୍ୟ ସବୁ ସଂକଳିତ ହେବା କଥା ତାହା ଆଜିଯାଏ ସମ୍ଭବ ହୋଇପାରିନାହିଁ । ସିପାହୀ ଆନ୍ଦୋଳନ କାଳରେ ଅଜନଲାର ଓଡିଆ ସହିଦଙ୍କ ବିଷୟ ସେଥିରୁ ଗୋଟିଏ । ସିପାହୀ ଆନ୍ଦୋଳନ କୋଲକାତା ନିକଟସ୍ଥ ବାରାକପୋର କ୍ୟାଣ୍ଟନମେଣ୍ଟନ୍‌ରୁ ୨୯ମାର୍ଚ୍ଚ ୧୮୫୭ରେ ଆରମ୍ଭ ହୋଇଥିଲା । ସିପାହୀ ମଙ୍ଗଳ ପାଣ୍ଡେଙ୍କ ଆହ୍ୱାନ କ୍ରମେ ଭିନ୍ନ ଭିନ୍ନ କ୍ୟାଣ୍ଟନମେଣ୍ଟରେ ରହୁଥିବା ସିପାହୀମାନେ ଇଂରେଜ ଶାସନର ବ୍ୟବସ୍ଥାକୁ ବିରୋଧ କରୁଥିଲେ । ସେତେବେଳେ ପଞ୍ଜାବର ମିଆଁମିରଠାରେ (ଆଜି ପାକିସ୍ଥାନରେ) ୨୬ ବେଙ୍ଗଲ ଇନ୍‌ଫାଣ୍ଟ୍ରି ରେଜିମେଣ୍ଟର ଛାଉଣୀ ରହିଥିଲା । ଏହି ରେଜିମେଣ୍ଟରେ ଓଡିଶା, ବିହାର, ବଙ୍ଗଳା ଏବଂ ପୂର୍ବ ଉତ୍ତର ପ୍ରଦେଶର ଯବାନମାନେ ରହିଥିଲେ । ୩୦ ଜୁଲାଇ ୧୮୫୭ରେ ମିଆଁମିର କ୍ୟାଣ୍ଟନମେଣ୍ଟ (ଲାହୋର)ର ପ୍ରାୟ ୬୦୦ରୁ ଅଧିକ ଯବାନ ଇଂରେଜ ସରକାରଙ୍କ ବ୍ୟବସ୍ଥାକୁ ବିରୋଧ କରି କ୍ୟାଣ୍ଟନମେଣ୍ଟ ଛାଡି ଚାଲିଆସିଥିଲେ । ସେମାନେ ପଞ୍ଜାବର ଅମୃତସର ନିକଟସ୍ଥ ଅଜନଲାଠାରୁ ପ୍ରାୟ ୭ କିଲୋମିଟର ଦୂରବର୍ତ୍ତୀ ଗ୍ରାମ ଦଡିୟାଁଠାରେ ପହଞ୍ଚିଥିଲେ । ଏହି ଖବର ତତ୍କାଳୀନ ଡେପୁଟୀ କମିଶନର ଥିବା ଫ୍ରେଡେରିକ ହେନ୍‌ରୀ କୁପର ପାଇଥିଲେ । ସେ ତତ୍‌କାଳ ସେହି ଯବାନମାନଙ୍କୁ ଗଣହତ୍ୟା କରିବା ପାଇଁ ଆଦେଶ ଦେଇଥିଲେ । ନଦୀକୂଳରେ ଅନେକଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ପ୍ରାୟ ୨୦୦ରୁ ଅଧିକ ଜଣ ଯବାନଙ୍କୁ ଜାବିତାବସ୍ଥାରେ ଗିରଫ କରାଯାଇ ଅଜନଲାକୁ ଅଣାଯାଇଥିଲା । ଏତେ ସଂଖ୍ୟକ ଯବାନଙ୍କୁ ଯେଉଁ ଛୋଟ ଘରେ ରଖାଯାଇଥିଲା ସେଠାରେ ଗଣହତ୍ୟାର ପୂର୍ବରାତିରେ ପ୍ରାୟ ୪୦ରୁ ଅଧିକ ଯବାନ ଅଣନିଶ୍ୱାସୀ ହୋଇ ମୃତ୍ୟୁବରଣ କରିଥିଲେ । ଅନ୍ୟମାନଙ୍କୁ ପରଦିନ ଗୁଳି କରାଯାଇ ଅଥବା ଜାବିତାବସ୍ଥାରେ ହାତ ବାନ୍ଧି ସେଠାରେ ଥିବା ଏକ ପୁରୁଣା କୂପରେ ସେମାନଙ୍କୁ ପକାଇ ଦେଇ ମାଟି ଘୋଡାଇ ଦିଆଯାଇଥିଲା । ଏହି ଘଟଣାକୁ ତତ୍‌କାଳୀନ ପୁଲିସର ଡେପୁଟୀ କମିଶନର ଫ୍ରେଡେରିକ ନିଜର ପୁସ୍ତକ ଦି କ୍ରାଇସିସ୍ ଇନ୍ ଦି ପଞ୍ଜାବ ଫ୍ରମ ଦ ଟେନ୍‌ଥ ଅଫ ମେ ଅନ୍‌ଟିଲ୍ ଦି ଫଲ୍ ଅଫ୍ ଦିଲ୍ଲୀ (୧୮୫୮)ରେ ଉଲ୍ଲେଖ କରିଥିଲେ । ମାତ୍ର କେଇ ଗଜ ଦୂରରେ ଥିବା ଶୁଖିଲା କୂଅରେ ସେମାନଙ୍କ ଶରୀରଗୁଡିକୁ ପୋତି ପକାଇବାକୁ ସେ ଆଦେଶ ଦେଇଥିଲେ । ପରବର୍ତ୍ତୀ କାଳରେ ସେହି କୂଅ ଉପରେ ମାଟି ଗଦା ହୋଇ ଜଙ୍ଗଲ ସୃଷ୍ଟି ହୋଇଥିଲା । ସେହି ଜମିରେ ଏକ ଗୁରୁଦ୍ୱାର ମଧ ପରବର୍ତ୍ତୀ କାଳରେ ନିର୍ମିତ ହୋଇଥିଲା । କଳା ଲୋକଙ୍କ କୂପ ବା କାଲିୟାଁ ୱାଲା ଖୁ ବିଷୟକୁ ଲୋକେ ପ୍ରାୟ ୧୬୫ ବର୍ଷ ଧରି ଭୁଲିଯାଇଥିଲେ, ଗଣହତ୍ୟାର ଚିହ୍ନ ବର୍ଣ୍ଣ ରହିନଥିଲା । କିନ୍ତୁ ଫ୍ରେଡେରିକଙ୍କ ପୁସ୍ତକର ବର୍ଣ୍ଣନା ସ୍ଥାନୀୟ କୁରୁକ୍ଷେତ୍ରର ଜଣେ ଐତିହାସିକ ସୁରିନ୍ଦର କୋଚରଙ୍କୁ ଚିନ୍ତିତ କରିଥିଲା । ଏପରିକି ଏକ କୂଅ ସେଠାରେ କେଉଁଠି ରହିଛି ବୋଲି ସେ ଅନୁମାନ କରି ଖୋଜାଖୋଜି କରିବା ପରେ ଗୁରଦ୍ୱାର ଜମି ତଳେ ତାହା ଥିବା ଜାଣିବାକୁ ପାଇଥିଲେ । ତେଣୁ ସେ ଗୁରୁଦ୍ୱାର ଲୋକମାନଙ୍କୁ ଏ ସଂପର୍କରେ ବୁଝାଇଲେ । ଗୁରୁଦ୍ୱାର ପରିଚାଳନା କମିଟିର ଲୋକେ ପ୍ରଥମେ କୋଚରଙ୍କ କଥାକୁ ବିଶ୍ୱାସ କରିପାରିନଥିଲେ । ଏହା ୨୦୦୯ ମସିହାର କଥା । ବହୁ ଆଲୋଚନା ଏବଂ ପ୍ରମାଣ ଦେବାପରେ ଉତ୍‌ଖନନ ପାଇଁ ଗୁରୁଦ୍ୱାରକୁ ସ୍ଥାନାନ୍ତରିତ କରିବା ଦରକାର ଥିଲା । ଏସବୁ ହେବାପରେ ୨୮ ଫେବୃଆରୀ ୨୦୧୪ରେ ସୁରିନ୍ଦର କୋଚରଙ୍କ ସହଯୋଗୀମାନେ କୂପ ମଧ୍ୟରୁ ୨୨ଟି ଶରୀରର ଅଂଶବିଶେଷ ପାଇଥିଲେ । ପରବର୍ତ୍ତୀ ତିନିଦିନ ମଧ୍ୟରେ ମୋଟ ୯୦ଟି ମଣିଷ ଖପୁରୀ, ୧୭୦ଦାନ୍ତ ମାଢ଼ିର ହାଡ, ୫୦୦୦ଦାନ୍ତ, ଅଳଙ୍କାର, ତତ୍‌କାଳୀନ ମୁଦ୍ରା, ସେନା ମେଡାଲ ଆଦି ପାଇଥିଲେ । ପ୍ରଥମେ ଏହାକୁ କାହାଣୀ ବୋଲି ମନେକରୁଥିବା ଲୋକଙ୍କ ମନରେ ବିଶ୍ୱାସ ଜନ୍ମିଥିଲା । ଫଳରେ ସମସ୍ତେ ଏହାକୁ ସାହାଯ୍ୟ କରିଥିଲେ । ସେବେଠାରୁ ସୁରେନ୍ଦ୍ର କୋଚର ଏବଂ ଗୁରୁଦ୍ୱାର ଲୋକେ ସେହିସବୁ ଶରୀରର ଅଂଶବିଶେଷକୁ ଆଜିଯାଏଁ ସାଇତି ରଖିଛନ୍ତି । ମୃତ ଯବାନମାନଙ୍କ ପରିଚୟ ପ୍ରକାଶ କରାଯିବା ସହ ସେମାନଙ୍କୁ ସହିଦର ସମ୍ମାନ ଦିଆଯିବା ଲାଗି ମଧ ଦାବି କରିଛନ୍ତି ।

ଦେଖିବାକୁ ଗଲେ ଇତି ମଧ୍ୟରେ ପ୍ରାୟ ୮ବର୍ଷ ଅତିବାହିତ ହୋଇଯାଇଥିଲେ ମଧ ବ୍ରିଟିସଙ୍କ ବଙ୍ଗଳା ଇନଫାଣ୍ଟ୍ରିରେ ଯବାନଥିବା ରାଜ୍ୟ ବିହାର, ଓଡିଶା, ବଙ୍ଗଳା ଏବଂ ଉତ୍ତର ପ୍ରଦେଶ ସରକାରଙ୍କ ମନରେ ଏଥିପାଇଁ ସେପରି ବିଶେଷ ଆଗ୍ରହ ଥିଲାପରି ମନେହୁଏ ନାହିଁ । ତାହା ଯଦି ହୋଇଥାନ୍ତା ତେବେ ଉକ୍ତ ଉତ୍‌ଖନନ ପରବର୍ତ୍ତୀ ସଂରକ୍ଷଣ, ପରୀକ୍ଷା ଏବଂ ସ୍ୱୀକୃତି ପାଇଁ ଏହିସବୁ ରାଜ୍ୟ ତତ୍ପର ହୋଇ କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଥାନ୍ତେ । ସେହି କାର୍ଯ୍ୟ ପାଇଁ ଅର୍ଥ ପ୍ରଦାନ କରିଥାନ୍ତେ । ନିଜ ରାଜ୍ୟର ଐତିହାସିକମାନଙ୍କୁ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଧିକ ଗବେଷଣା ପାଇଁ କହିଥାନ୍ତେ । କିନ୍ତୁ ଏହି ଚାରିଗୋଟି ରାଜ୍ୟର ସରକାରମାନେ ଦାରୁଭୂତ ମୁରାରୀ ସଦୃଶ ଆଜିଯାଏଁ ଆଖିକାନ ବନ୍ଦ କରି ବସିଛନ୍ତି । କେବଳ ଏଥିପାଇଁ କେନ୍ଦ୍ର ହିଁ ଦାୟୀ ବୋଲି ଯଦି ରାଜ୍ୟ ସରକାର ବିଚାର କରୁଥିବେ ତାହା ଆପଣାର ଅପାରଗତାକୁ ହିଁ ସୂଚାଇବ ସିନା ଅନ୍ୟ କିଛି ନୁହେଁ ।

ଅଜନଲା ଯବାନଙ୍କ ଗଣହତ୍ୟାରେ ଯେଉଁମାନେ ଶିକାର ହୋଇଥିଲେ ସେମାନେ ଥିଲେ ଅଣଶିଖ ଏବଂ ଅଣ ମୁସଲମାନ । ଅତି ଯୋଜନାବଦ୍ଧ ଭାବେ ୧ ଅଗଷ୍ଟ ୧୮୫୭ ସକାଳେ କୁପର ମୁସଲମାନ ଘୋଡାସବାର ଯବାନମାନଙ୍କୁ ଇଦ୍.ଅଲ-ଅଦା ପାଳନ କରିବା ପାଇଁ ଅମୃତସରକୁ ପଠାଇଦେଲେ । ପ୍ରକୃତ ଘଟଣା ଦେଖିଲାପରେ କାଳେ ସେମାନେ ସହରରେ ଅଧିକ ପ୍ରଚାର କରି ବିରୋଧୀ ହେବେ ସେହି ଭୟରେ କୁପର ସେମାନଙ୍କୁ ଅଜନଲାରେ ରଖିବାକୁ ଚାହୁଁନଥିଲେ । ମୁସଲମାନ ଯବାନଙ୍କୁ ବିଦା କରିଦେଲା ପରେ କୁପର ନିଜର ବିଶ୍ୱସ୍ତ ଶିଖ ଯବାନମାନଙ୍କୁ ବନ୍ଦୀଙ୍କ ମଧ୍ୟରୁ ଦଶଜଣ କରି ଗୋଟିଏ ଗୋଟିଏ ଦଳରେ ଆଣି ହାଜର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବନ୍ଦୀମାନଙ୍କୁ ପରସ୍ପର ସହ ବନ୍ଧାଯାଇ ହତ୍ୟାକାରୀ ଦଳ ସମ୍ମୁଖକୁ ଅଣାଗଲା । କୌଣସି ପ୍ରକାର ବିଚାର ବିନା ଦିନ ୧୦ଟା ସୁଦ୍ଧା ୨୩୭ ଜଣ ସିପାହୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ହତ୍ୟା କରାଯିବା ପରେ ଗ୍ରାମର ସଫେଇକାର୍ଯ୍ୟ କରୁଥିବା ଲୋକମାନଙ୍କ ଦ୍ୱାରା କୂପରେ ପକାଇ ଦିଆଯାଇଥିଲା । ଅବଶିଷ୍ଟ ୪୫ଜଣଙ୍କୁ ହତ୍ୟା କରାଯିବାର ଥିଲା । ସେମାନଙ୍କୁ ବନ୍ଦୀ କୋଠରୀରେ ରଖାଯାଇଥିଲା । କିନ୍ତୁ ସେମାନଙ୍କୁ ଆଣିବା ପାଇଁ ବନ୍ଦୀ କୋଠରୀର ଦ୍ୱାର ଖୋଲିବା ବେଳକୁ ପ୍ରାୟ ସମସ୍ତେ ଅଣନିଶ୍ୱାସୀ ହୋଇ ମୃତ୍ୟୁବରଣ କରିସାରିଥିଲେ । ଏହାର କାରଣ ଛୋଟ କୋଠରୀରେ ପବନ ଯିବାକୁ ଗୋଟିଏ ମାତ୍ର ଲୁହା ଜାଲି ଲଗାଥିବା ଛୋଟ ଜଳା ଝରକା ଥିଲା । କୋଠରୀର ଦ୍ୱାର ବନ୍ଦ ହେବା ପରେ ଘର ଭିତରେ ପ୍ରଚଣ୍ଡ ଗରମ ହେଉଥିଲା । ତେଣୁ ଭିତରର ଗରମ ସହ ବାୟୁ ଚଳାଚଳ ବ୍ୟବସ୍ଥା ନଥିବା ହେତୁ ସବୁ ସିପାହୀ ଅଣନିଶ୍ୱାସୀ ହୋଇ ମୃତ୍ୟୁବରଣ କରିଥିଲେ । କୁପରଙ୍କ ଏ ପ୍ରକାର ବର୍ବରତାକୁ ପଞ୍ଜାବର ତତ୍‌କାଳୀନ ମୁଖ୍ୟ କମିଶନର ଜନ୍ ଲରେନ୍ସ, ଗଭର୍ଣ୍ଣର ଜେନେରାଲ ଚାର୍ଲ୍ସ କାନିଂ, ବିଚାର ବିଭାଗୀୟ କମିଶନର (ପଞ୍ଜାବ) ରବର୍ଟ ମଣ୍ଟେଗୋମରୀ ଆଦି ଦୃଢ ସମର୍ଥନ କରିଥିଲେ । ଏହି ହତ୍ୟାକାଣ୍ଡ ସକାଳବେଳା ଘଟିଥିଲା । ସ୍ଥାନୀୟ ଲୋକମାନଙ୍କ ସମ୍ମୁଖରେ ଘଟିଥିଲା । ସେମାନଙ୍କୁ ସିପାହୀମାନଙ୍କ ଦୋଷ ସଂପର୍କରେ ପୂର୍ବରୁ ଜଣାଇ ଦିଆଯାଇଥିଲା ।

୨୦୧୮ରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ଜମିନ୍ଦର ସିଂହ ଶେରାୱତ ଅଜନଲାରୁ ମିଳିଥିବା ଦେହାବଶେଷର ଡିଏନ୍‌ଏ ପରୀକ୍ଷା କରାଇଥିଲେ । ପୁରୁଣା ଡିଏନ୍‌ଏର ପରୀକ୍ଷା ଦାୟିତ୍ୱରେ ଥିବା ଡକ୍ଟର ନୀରଜ ରାୟ ବହୁ ପରିଶ୍ରମ କରି ସେଗୁଡିକର ପରୀକ୍ଷାରୁ ସେହି ଲୋକେ ଭାତ ଖାଉଥିବା ଗୋଷ୍ଠୀର ଅଧିକ ରହିଥିବା ପ୍ରମାଣ ପାଇଥିଲେ । ତେଣୁ ଯବାନ ମାନେ ଓଡିଶା, ବିହାର, ବଙ୍ଗଳା ଓ ପୂର୍ବ ଉତ୍ତରପ୍ରଦେଶର ବୋଲି ମନେ କରାଯାଇଥିଲା । ୧୮୫୭ ପୂର୍ବର ମୁଦ୍ରା ଯୋଗୁ ସେମାନେ ୧୮୫୭ର ସିପାହୀ ବୋଲି ଅଧିକ ବିଶ୍ୱାସ କରିବାକୁ ହେଲା । ତେଣୁ ସିପାହୀମାନେ ୨୬ ନେଟିଭ ବେଙ୍ଗଲ ଇନ୍‌ଫାଣ୍ଟ୍ରି ବାଟାଲିଅନର ବୋଲି ଗ୍ରହଣ କରିବାକୁ ବାଧ୍ୟ କଲା ।

ଫ୍ରେଡେରିକଙ୍କ ବର୍ଣ୍ଣନା ଅନୁଯାୟୀ ମିଆଁମିର ଯବାନମାନଙ୍କୁ ୨୩ମାଇଲ ଦୂରରେ ଧରାଯାଇଥିଲା । ପୂର୍ବରୁ କେତେକଙ୍କୁ ପୁଲିସ ଥାନା ବନ୍ଦୀ ଭାବେ ରଖାଯାଇଥିଲା । ସମସ୍ତଙ୍କୁ ଫାଶୀ ଦେବାକୁ ସ୍ଥିର ହୋଇଥିଲା । ଫାଶୀ ଦଉଡି ମଧ ଯୋଗାଡ କରାଯାଇଥିଲା । କିନ୍ତୁ କେତେକ ବନ୍ଦୀ ଖସିଯିବା ପରେ ପୁନର୍ବାର ସେମାନଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ସଂଖ୍ୟା ୨୮୨ ଥିବା ହେତୁ ସମସ୍ତଙ୍କ ପାଇଁ ଦଉଡି ପର୍ଯ୍ୟାପ୍ତ ହେବନାହିଁ ବୋଲି ମନେ କରାଯାଇ ଗୁଳିମାରି ହତ୍ୟା କରାଯାଇଥିଲା । ପୁଲିସଥାନାରୁ ୧୦୦ଗଜ ଦୂରରେ ଥିବା ଏକ ପାଣି ନଥିବା କୂଅ ମଧ୍ୟରେ ଶବଗୁଡିକୁ ପକାଯିବା ଲାଗି ସ୍ଥିର ହୋଇଥିଲା । ଶବଗୁଡିକୁ ଗୋଟିକ ଉପରେ ଗୋଟିଏ କରି ପକାଯିବା ଯୋଗୁ ବଡ କୂଅଟି ଭର୍ତ୍ତି ହୋଇଯାଇଥିଲା । ତେଣୁ ଅଧିକ ମାଟି ପକାଇବାକୁ ହୋଇନଥିଲା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ମୃତ ଶିଳ୍ପର ଛାଇ



ରାଜୀବ ଗୋପାଳ ସ୍ୱାଇଁ

ଶିଳ୍ପାୟନ ବିନା ପ୍ରଗତିର ଚିତ୍ର ସଂପୂର୍ଣ୍ଣ ନୁହେଁ । ଲକ୍ଷକଲେ ଜଣା ପଡେ, ପୃଥିବୀରେ ଉଭୟ ସାମରିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଶକ୍ତିଶାଳୀ ରାଷ୍ଟ୍ର ଗୁଡିକ ବେଶ ଶିଳ୍ପୋନ୍ନତ । ଶିଳ୍ପ ପ୍ରତିଷ୍ଠା ହେଲେ ପ୍ରାକୃତିକ ସଂପଦର ସୁବିନିଯୋଗ ହୁଏ ଓ କର୍ମସଂସ୍ଥାନ ସୃଷ୍ଟି ହୁଏ । ନୂଆ ସହର ଓ ବିଭିନ୍ନ ପ୍ରତିଷ୍ଠାନମାନ ଗଢି ଉଠନ୍ତି । ବାଣିଜ୍ୟ ବ୍ୟବସାୟ ବଢିବା ଦ୍ୱାରା ଦେଶର ଆର୍ଥିକ ସ୍ଥିତି ସୁଦୃଢ ହୁଏ । କଳକାରଖାନାରେ ନିଯୁକ୍ତି ପାଇ ଲୋକମାନଙ୍କର ଆର୍ଥିକମାନଣ୍ଡ ଉନ୍ନତ ହୁଏ ଓ ସେମାନେ ଉତ୍ତମ ଜୀବନ ଯାପନ କରନ୍ତି ।

ଦେଶ ସ୍ୱାଧୀନ ହେବା ପୂର୍ବରୁ ଓଡିଆ ଜାତିପ୍ରାଣ ମଧୁବାବୁ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରିଥିଲେ । ଏହି ପ୍ରତିଷ୍ଠାନ ଦ୍ୱାରା ଜୋତା ଓ ଚମଡାଜାତ ଦ୍ରବ୍ୟ ଉତ୍ପାଦିତ ହେଉଥିଲା । ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ଏହି ପ୍ରତିଷ୍ଠାନର ମୂଳ ଉଦ୍ଦେଶ୍ୟ ଥିଲା । ମଧୁବାବୁ ଅନୁଭବ କରିଥିଲେ ଯେ, ଦେଶ ଓ ଜାତିର ସମୃଦ୍ଧିରେ ଶିଳ୍ପାୟନର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ସେହିପରି ଓଡିଶାର ବରପୁତ୍ର ସ୍ୱର୍ଗତ ବିଜୁବାବୁ ବି ଏହିପରି ସ୍ୱପ୍ନ ଦେଖିଥିଲେ । ତାଙ୍କ ସମୟରେ ବେଶ କେତେ ଗୁଡିଏ ଶିଳ୍ପ କାରଖାନା ବି ଗଢି ଉଠିଥିଲା ।

ସମୟ ସହିତ ଅନେକ କିଛି ବଦଳିଛି । ପରିକଳ୍ପିତ ଅନେକ କଳକାରଖାନା ମଧ୍ୟରୁ କିଛି କାରାଖାନା ଓଡିଶାର ବିଭିନ୍ନ ପ୍ରାନ୍ତରେ ରୂପରେଖ ନେଇଛନ୍ତି ତ ଆଉ କେତେକ କାଗଜ କଲମରେ ସୀମିତ ରହିଯାଇଛନ୍ତି । ଯେଉଁ କେତକ ଶିଳ୍ପ ଚିନ୍ତନ ମନ୍ଥନ ଓ କାଗଜ କଲମରୁ ବାହାରି ରୂପରେଖ ଲଭିଛନ୍ତି, ସେମାନେ ମଧ୍ୟ ନାନା ରକମର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଯେମିତିକି, ଜମି ଅଧିଗ୍ରହଣ, ବିସ୍ଥାପନର ସମସ୍ୟା, ଲୋକଙ୍କର ବିଭିନ୍ନ ଦାବି ନେଇ ସବୁବେଳେ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ତା ଭିତରେ ବି ଅନେକ କାରଖାନା ଠିଆ ହୋଇ ଉତ୍ପାଦନ ଆରମ୍ଭ କରିଛନ୍ତି । କିନ୍ତୁ ଆବଶ୍ୟକ ମୁତାବିକ କଂଚାମାଲ୍ ନମିଳିବା, ବିଶ୍ୱ ବଜାରରେ ନିଜ ନିଜର ଉତ୍ପାଦ ଗୁଡିକୁ ନେଇ ପ୍ରତିଯୋଗିତା ନକରିପାରିବା, ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ସହିତ, ଶ୍ରମିକ ଆନ୍ଦୋଳନ ପରି ଅନେକ କାରଣରୁ ବହୁ ସଂଖ୍ୟକ ଶିଳ୍ପକାରଖାନା ଏକରକମ ରୁଗ୍‌ଣ ସ୍ତରକୁ ଠେଲି ହୋଇଯାଇଛନ୍ତି ।

ରୁଗ୍‌ଣ ହୋଇଯାଉଥିବା ଶିଳ୍ପ ଓ ତାହାର ପ୍ରଭାବ କୁ ଲକ୍ଷକରି ଭାରତ ସରକାର କମ୍ପାନୀ ଅଧିନିୟମ ୨୦୧୩ (୨୦୧୩ର ୧୮) ଧାରା ୪୦୮ ଓ ୪୬୮ ସହିତ ପଠିତ ଧାରା ୪୬୯ର ପ୍ରୟୋଗ କରି ଜାତୀୟ କମ୍ପାନୀ ବିଧି ଅଧିକରଣ ନିୟମ ତିଆରି କଲେ । ଯାହା ଏନ.ସି.ଏଲ୍.ଟି ନାମରେ ପରିଚିତ ।


ଏହିକ୍ରମରେ ଏନ.ସି.ଏଲ୍.ଟି ରେ ଠିଆ ହୋଇଥିବା ସଂସ୍ଥା ଗୁଡିକ ମଧ୍ୟରୁ ଯେଉଁମାନଙ୍କ ପାଇଁ କ୍ରେତା ମିଳିଲେ ଓ ସେମାନଙ୍କର ଉତ୍ପାଦନ ପ୍ରକ୍ରିୟା ଚାଲୁ ରହିଲା, ସେଗୁଡିକ ପ୍ରାୟତଃ ବଂଚିଗଲେ । ସେମାନଙ୍କ ସହିତ ଯୋଡି ହୋଇଥିବା ବ୍ୟକ୍ତି ବିଶେଷ ତଥା ଅଂଚଳବାସୀଙ୍କ ଆଶା ମଧ୍ୟ ଉଜ୍ଜୀବୀତ ରହିଲା । କିନ୍ତୁ ଦେଖାଯାଏ, ରୁଗ୍‌ଣ ହୋଇ ପଡିଥିବା ଓ ଏନ.ସି.ଏଲ୍.ଟି ରେ ଥିବା ଅଧିକାଂଶ ଶିଳ୍ପ ପାଇଁ କୌଣସି ସହମତି ସମ୍ଭବ ହୋଇପାରୁ ନାହିଁ । ଏହା ବେଶ ରହସ୍ୟମୟ ମଧ୍ୟ । ଫଳତଃ ସେହିପରି ଶିଳ୍ପ ଗୁଡିକ ଦିନଦିନ ଧରି ବନ୍ଦ ହୋଇପଡୁଛନ୍ତି । ଯଦ୍ୱାରା ସେହି ଶିଳ୍ପାଂଚଳରେ ବ୍ୟାପକ କୁପ୍ରଭାବ ପଡୁଛି । ଶିଳ୍ପ ପାଇଁ ଜମି ଦେଇଥିବା ଓ ଏହାକୁ ପାଥେୟକରି ନିଜ ନିଜର ସ୍ୱପ୍ନ ବୁଣିଥିବା ମଣିଷ ଗୁଡିକ ଅଚାନକ ରାଜରାସ୍ତାକୁ ଚାଲି ଆସୁଛନ୍ତି । ସେତେବେଳେ, ସେମାନଙ୍କ ହାତରେ ନା ରହୁଛି ଜମି, ନା ରହୁଛି ଅର୍ଥ, ନା ରୋଜଗାର ପାଇଁ ମାଧ୍ୟମ । ଶିଳ୍ପାୟନରେ ପରିବର୍ତ୍ତିତ ଚାଷଜମି ଗୁଡିକ, ଆଉଥରେ ଚାଷଜମିରେ ରୂପାନ୍ତର ପ୍ରକ୍ରିୟା ପ୍ରାୟତଃ ଅସମ୍ଭବ ଥିବାରୁ ସେହି ସଂସ୍ଥାମାନଙ୍କ ସହିତ ଜଡିତ, ବ୍ୟକ୍ତି ସମୂହଙ୍କ ପାଇଁ ସବୁରାସ୍ତା ଅବରୁଦ୍ଧ ହୋଇଗଲା ବେଳେ, ସେମାନେ ହତାଶ ହୋଇଯିବା ସ୍ୱାଭାବିକ ।

ଏମିତି ଏକ ଘଡିସନ୍ଧି ସମୟରେ ବାଡ ଫସଲ ଖାଇଲା ପରି କିଛି ଅସାଧୁ ମେଂଟ କାରଖାନାରୁ ଫାଇଦା ଉଠାନ୍ତି । ଚୋରି ଆରମ୍ଭ ହୁଏ । ସମୟ ସହିତ ଏହାର ଚେର ଏତେ ସୁଦୃଢ ହୁଏ ଯେ, ଅପରାଧ ମାନସିକତାଧାରୀ, ଏହାକୁ ନିଜର ଅଧିକାର ବୋଲି ଭାବିନିଏ । କେବେଦିନେ ସ୍ୱପ୍ନର ତାରକସି ବୁଣୁଥିବା ଶିଳ୍ପଟି, ଲୋକଙ୍କ ପାଇଁ ଉଜୁଡା ବନର ସୁନାଖଣି ପାଲଟିଯାଏ ।

ଏକ କ୍ଷୁଦ୍ର ଭଉଁରୀ ଧୀରେ ଧୀରେ ସମଗ୍ର ଅଂଚଳ ଓ ବ୍ୟକ୍ତି ମାନସିକତାରେ ଆଣିଦିଏ ପରିବର୍ତ୍ତନ । ଚାହୁଁ ନଚାହୁଁ ହୋଇ ସେହି କାଳ ଗର୍ତ୍ତକୁ ଅନେକ ଟାଣି ହୋଇଯାନ୍ତି । ଏମିତିକି ବିଦ୍ୟାଳୟ ଯାଉଥିବା ପଢୁଆ ପିଲା ବି ସେହି ଆକର୍ଷଣରୁ ବାଦ ପଡେ ନାହିଁ । ନିଜର ଚପଳମତୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ସେ ଆଉ ବାପା-ମାଆଙ୍କ ପାଖରେ ହାତ ପାତିବା ଦରକାର ପଡେ ନାହିଁ । ହଠାତ୍ ସାଧା ସିଧା କୈଶୋର ଜୀବନ ରାସ୍ତାରୁ ବେରାସ୍ତା ହୋଇଯାଏ । ଖରାପ ସାଙ୍ଗ ଓ ଖରାପ ଅଭ୍ୟାସ ତାର ନିତିଦିନିଆ ହୁଅନ୍ତି । ପାଠପଢା ତୁଳିକି ଯାଏ । ବାପା-ମାଆ, ସମାଜ ପାଲଟିଯାଏ ନିରବ ଓ କିଂକର୍ତ୍ତବ୍ୟମୁଢ । ଏହି ଶ୍ରେଣୀର ପିଲାମାନେ ଧୀରେ ଧୀରେ ବାପା-ମାଆଙ୍କ ହାତରୁ ଖସି ସାରିଥାନ୍ତି । କ୍ରମଶଃ ତା ବାଟରେ ଉଚ୍ଛୃଙ୍ଖଳ ହେଉଥାଏ ଜୀବନ । ଆଇନ ଶୃଙ୍ଖଳାର ମଙ୍ଗୁଆଳମାନେ ଏହି ଦୃଶ୍ୟ ଦେଖିବି ନିରବଦ୍ରଷ୍ଟା ପାଲଟନ୍ତି । ଅପରାଧର ଚେର ଏତେ ବଳିଷ୍ଠ ହୋଇଯାଇଥାଏ ଯେ, ପ୍ରଶାସନିକ ଅଧିକାରୀମାନେ କୌଣସି ପଦକ୍ଷେପ ନେଇ ପାରନ୍ତି ନାହିଁ । କାରଣ ସେମାନଙ୍କ ଅଧସ୍ତନମାନଙ୍କୁ ବି ଅପରାଧପ୍ରବଣତା କାବୁକରି ରଖିଥାଏ । ସୁଚିନ୍ତିତ ପଦକ୍ଷେପ, ରୂପରେଖ ନେବା ପୂର୍ବରୁ ଅପରାଧୀଙ୍କ ପାଖରେ ଏହାର ପୂର୍ଣ୍ଣ ବିବରଣୀ ପହଂଚି ଯାଏ । କିଛି କରିବାର ଇଛା ରଖିଥିବା ଅଧିକାରୀମାନେ ନିରୁତ୍ସାହିତ ହୋଇଯାନ୍ତି ।

ମୃତଶିଳ୍ପ, ଅପରାଧୀମାନଙ୍କ ଚରାଭୁଇଁ ପାଲଟି ଯିବାରୁ, ତା ପାଖଦେଇ ଯାଉଥିବା ରାସ୍ତା ବିପଦସଂକୁଳ ହୋଇପଡେ । ବିଭିନ୍ନ ସମୟରେ ତାହା ଅନେକ ଅଘଟଣର ମୁକସାକ୍ଷୀ ପାଲଟୁଥାନ୍ତି । ଯେଉଁ ଶିଳ୍ପକୁ ନେଇ ମଣିଷ କେବେଦିନେ, ନିଜ ପିଲାମାନଙ୍କର ସୁରକ୍ଷିତ ଭବିଷ୍ୟତ ଓ ଉତ୍ତମ ଜୀବନ ଯାପନର ସ୍ୱପ୍ନ ଦେଖିଥିଲା, ତାହା ପାଇଁ ସେ ହିଂସ୍ର ଓ ଭୟର ବାତାବଣ ଭିତରେ ବଂଚେ । ସେହିପରି ଏକ ପରିବେଶ ରୁ ବୁଦ୍ଧିଜୀବୀ ଓ ଭଲ ଲୋକମାନେ ଅଣନିଃଶ୍ୱାସୀ ହୋଇ ପଳାୟନ କରନ୍ତି । ବୟସ୍କମାନେ ହୁଅନ୍ତି ଉପେକ୍ଷିତ । ସେମାନଙ୍କର ଅନୁପସ୍ଥିତିରେ ପରିବେଶ ଅଧିକ ବିଷାକ୍ତ ହୋଇଚାଲେ । ବାଳ ଅପରାଧ ବଢେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### ଇଚ୍ଛାମନ

ବିନୟ ମିଶ୍ର

ଇଚ୍ଛା ଆଉ ମନ।
ଦୁଇଟି ଅଲଗା ଧନ।
ଇଚ୍ଛା ଯେବେ ହୁଏ ମନ ହୁଏ ନାହିଁ
ଲାଗେ ଭାରି ହୀନିମାନ।

ଇଚ୍ଛା ଆଉ ମନ।
ଇଚ୍ଛା ହେଲେ ମନ ମନା କରିଦିଏ
କରିବାକୁ ସମାଧାନ।

ଇଚ୍ଛା ଆଉ ମନ।
ମନ କଲେ ଇଚ୍ଛା ପାଖ ମାଡ଼େ ନାହିଁ
ପର ହୁଏ ନିଜ ଜନ।

ଇଚ୍ଛା ଆଉ ମନ।
ମନ ଇଚ୍ଛା ଯଦି କାମ କରୁଥିବ
ମିଳେ ଖାଲି ଅପମାନ।

ଇଚ୍ଛା ଆଉ ମନ।
ମନକୁ ବୁଝାଇ ଇଚ୍ଛା ବଳିଗଲେ
ଅଳ୍ପକେ ସରଇ ଧନ।

ଇଚ୍ଛା ଆଉ ମନ।
ମନ କଲେ ଇଚ୍ଛା ଦାନ ଖଇରାତ
କରଇ ଅକ୍ଷମ ଜନ।

ଇଚ୍ଛା ଆଉ ମନ।
ଦୁଇଟା ଉପରେ ନିୟନ୍ତ୍ରଣ କହ
ରଖିଛି କେଉଁ ସଜ୍ଜନ ?

ଇଚ୍ଛା ଆଉ ମନ।
ମନକୁ ଇଚ୍ଛାକୁ ମିତ ଦେଲେ କରି
ବିବେକ ବିଚାର ମାନ।

ଇଚ୍ଛା ଆଉ ମନ।
ପରହିତେ ଯେବେ ଲାଗଇ ଏ ଦୁଇ
ସଂସାରେ ମିଳେ ସମ୍ମାନ।

ଇଚ୍ଛା ଆଉ ମନ।
ରୋଗୀ ରାଗୀ ବଇରାଗୀ ଟିଣା ମସ୍କା
ପାଇଟିରେ ନାହିଁ ଜନ।

ଇଚ୍ଛା ଆଉ ମନ।
ମାଇପ ମରାକୁ ଚାଲୁଆ ଗାଡୁଆ
ଚଞ୍ଚା ଅଛଞ୍ଚା ସମାନ।

ଇଚ୍ଛା ଆଉ ମନ।
ଆୟତରେ ନାହିଁ ହାରଇ ମଣିଷ
କାହିଁ ଅବା ନିୟନ୍ତ୍ରଣ।

ନିଆଳ, ଖୋର୍ଦ୍ଧା

### ହରି ନାମ ପାଇଁ ସମୟ କାହିଁ ?

ଅନନ୍ତ କୁମାର

ଜୀବନର ଡଙ୍ଗା ବହି ଚାଲିଛି
ଅଥଳ ନଇ ହେଇ
ବ୍ୟସ୍ତ ବହୁଳ ସଂସାରରେ ଆଜି
ସମୟ କାହାରି ନାହିଁ ?

ମଠ ଭାଗବତ ଟୁଙ୍ଗୀ
ଆଜି ତାଲା ଝୁଲୁଛି
ରାମ ନାମ ଜପ ଛାଡି
ଡିସ୍କୋ ନାଚ ଚାଲୁଛି,

ଗାଁ ମୁଣ୍ଡେ ଗ୍ରାମ ଦେବତୀ ପାଶେ
ଶୁଭୁ ନାହିଁ ଢୋଲିଆର ବାଜା,
ସଞ୍ଜ ସଳିତା ଧୂପ କାଠିରେ
ଗାଁ ଠାକୁରାଣୀ ପାଉନି ପୂଜା

ପର୍ବ ପର୍ବାଣି ଭୁଲି ଗଲାଣି ମଣିଷ
ଗଲାଣି ଭୁଲି ସଂସ୍କୃତି ପରମ୍ପରା,
ଦୂରେଇ ଗଲାଣି ଭକ୍ତି ଭାବ ମନରୁ
ଗାଆଁ ରେ ନାହିଁ ଆଉ ଭାଇଚାରା,

ଭଜନ କୀର୍ତ୍ତନ ଖଞ୍ଜଣି ବାଜା
ବାଜୁ ନାହିଁ ଗାଁ ଗାଁରେ
ପାଲା ପ୍ରବଚନ କଳା ନାଟକ
ଦିଶୁ ନାହିଁ ସମାଜରେ,

ମୋବାଇଲ ଲାପଟପ ଟିଭି
ସଭିଙ୍କୁ କରିଲା ବାଇ
ଗାଁ ମନ୍ଦିର ମଠେ ଆଜି ଖାଲି
ବସିବାକୁ କେହି ନାହିଁ,

କେମିତି କହିବି କେମିତି କହିବି
କହିଲେ ହେବ ବଡ ପୋଥି
ଖତ ଖାଇଗଲାଣି ବୁଦ୍ଧି ବିବେକ
ହଜି ଗଲା ସବୁ ସଂସ୍କୃତି

ଅଧା ଲଙ୍ଗଳା ନାଚ ପାଖେ ଆଜି
ଲାଗୁଛି ଗହଳ ଚହଳ
ନାମ ପ୍ରବଚନ ହରିନାମ ପାଇଁ
ମଣିଷ ପାଖରେ ନାହିଁ ବେଳ,

କି ଯୁଗ ପହଞ୍ଚିଲା, ହରିନାମ ପାଇଁ
ସମୟ ନାହିଁ,

ତିହିଡି, ଭଦ୍ରକ,
ମୋ: ୮୩୩୯୯୩୯୯୨୯

### ଏ ସହର ଆଜି ଲାଗେ ନୂଆ ନୂଆ

ଦିବାକର ନାୟକ

ପୁ-ଏ ସହର ଆଜି ଲାଗେ ନୂଆ ନୂଆ
ଦିଶେ ପୁଣି ଭାରି ସୁନ୍ଦର
ନା-ଆମ ଏ ହୃଦୟେ ମମତା ଭରିଲା
ଜୀବନକୁ କରି ମଧୁର ।

ପୁ-ଆମ ପାଇଁ ପରା ପାତିଅଛି ଛାତି
ଦିନଠାରୁ ଏଠି ଭଲଲାଗେ ରାତି
ନା-ଅବଶ ତନୁରେ ଖେଳେ ଶିହରଣ
ଆପଣାପଣରେ ଛୁଏଁ ସମୀରଣ
ପୁ-ତୁମରି ଲାଜୁକୀ ଆଖିରେ ଦେଖେ ମୁଁ
ଶତ ସପନର ଶିଙ୍ଗାର..
ଦ୍ୱୈତ-ଏ ସହର ଆଜି ନୂଆ ନୂଆ ଲାଗେ
ଦିଶେ ପୁଣି ଭାରି ସୁନ୍ଦର ।

ନା-ଉପବନ ଆଜି ମୁରୁକି ହସୁଛି
ଯୂଇ ଜାଇ ହେନା ମହକ ଭାସୁଛି
ପୁ-ନିରୋଳା ଏ ବେଳା ଶାନ୍ତ ସରଳ
ଦୁଇ ପ୍ରାଣ ଏଠି ପ୍ରେମରେ ପାଗଳ

ନା-ଆମ ମିଠା ମିଠା ପ୍ରୀତି-ଗୀତି ସୁରେ
ଝୁମି ଉଠେ ସାରା ସହର...
ଦ୍ୱୈତ-ଏ ସହର ଆଜି
ଲାଗେ ନୂଆ ନୂଆ
ଦିଶେ ପୁଣି ଭାରି ସୁନ୍ଦର ।

ପାଟପୁର, କନିସି-୭୬୧ ୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬ ୧୯୯୮୧

### ଫଗୁଣ ପ୍ରେମର ଚିଠି

ଜିତୁ ପ୍ରଧାନ

ଅଠର ଫଗୁଣ ମୋ ପାଇଁ ବିତିଛି
କେତେଯେ ଆହୁରି ବାକି
ପ୍ରେମିକା ପାଇଁ ମୋ ଷୋହଳ ଫଗୁଣ
ବସନ୍ତେ ରହିଛି ଛକି
ରଙ୍ଗଠୁ ସୁନ୍ଦର ମୋ ପ୍ରିୟାର ମୁହଁ
ପ୍ରେମ ରଙ୍ଗ ବୋଲି ହୋଇ
ସୁନ୍ଦର ସୌନ୍ଦର୍ଯ୍ୟ କୌଶିକ ପ୍ରତିମା
ବରଷା ପାରେନା ଧୋଇ
କେମିତି ହୁଅନ୍ତା ବସନ୍ତ ରଙ୍ଗର
ପାଖରେ ଥାଆନ୍ତ ବସି
ଫଗୁଣର ଏହି ପ୍ରେମ ରଙ୍ଗ ବୋଳି
ହସରେ ଯାଆନ୍ତେ ମିଶି
ସତର ଫଗୁଣେ ପାଇ ଥିଲି ଚିଠି
ପ୍ରେମ ଆଳଳାପର ପତ୍ର
ତମେତ ଲେଖିଲ ତୁମ ପାଇଁ ମୁହିଁ
ବନ୍ଧୁ ସର୍ବ ଶଖା ମିତ୍ର
ତୁମ କଥା ଭାବି ବିତି ଯାଏ ମୋର
ହୃଦ ବିରହର ବ୍ୟଥା
ଫଗୁଣ ଫଗୁ ରୁ ଅନେକ ସୁନ୍ଦର
ତୁମ ଓଠର ସେକଥା
ତାହାଠୁ ସୁନ୍ଦର ତମର ହୃଦୟ
ମୁଖ ତ ଅଳସି ଫୁଲ
ଏମିତି ପ୍ରେମିକ, ପ୍ରେମିକାକୁ ମୋର
ଦେଇନି ପ୍ରେମର ମୂଲ
ଫଗୁଣ ଫଗୁରେ ଭିଜିମୁ ପାରୁନି
ତୁମ ବିଛେଦରେ ପ୍ରିୟା
ପ୍ରେମ ସିଂହରଣ ଖେଳୁନି ମୋ ମନେ
ନୂଆ ବି ଲାଗୁନି ନୂଆ
ପତ୍ର ପାଇ ମୋତେ ପତ୍ର ଟିଏ ଦେବ
ଷୋ'ଳ ଫଗୁଣରେ ଆଜି
ତୁମ ଅପେକ୍ଷା ରେ ରହିଲି ଗୋ ପ୍ରିୟା
ପ୍ରେମ ସ୍ରୋତରେ ମୁଁ ଭିଜି ।

+୩, ଦ୍ୱିତୀୟ ବର୍ଷ କଳା,
ନୟାଗଡ଼ ସ୍ୱୟଂଶାସିତ
ମହାବିଦ୍ୟାଳୟ, ନୟାଗଡ଼
ମୋ - ୭୬୮୧୦୪୮୬୪





# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୪୧)

## ଭାତୃଭକ୍ତ ଭରତ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଭରତ, କୁଳଗୁରୁ ବଶିଷ୍ଠ ଓ ଅନ୍ୟମାନଙ୍କୁ ବୁଝାଇବାରେ ଶ୍ରୀରାମ ସଫଳ ହୋଇଥିଲେ । ପିତୃ ସତ୍ୟ ପାଳନ କରି ସେ ଚଉଦ ବର୍ଷ ପରେ ଅଯୋଧ୍ୟାକୁ ଫେରିବେ- ଏକଥା ପ୍ରଭୁ ଶ୍ରୀରାମ ଭରତଙ୍କୁ କହିଥିଲେ । ସେସ ଭରତଙ୍କୁ ଅଯୋଧ୍ୟାକୁ ସୁଚାରୁ ରୂପେ ଶାସନ କରିବାକୁ ଉପଦେଶ ଦେଇଥିଲେ । ରତ୍ନାକର ଗର୍ଗବଟୁଙ୍କ ରାମାୟଣରେ ଅତି ଭାବାଗର୍ଭକ ଶ୍ରୀରାମଙ୍କ କଥା-

‘ମୁଁ ବନେ ରହିବି ତୁହି ପାଳ ଯାଇ ଦେଶ
ପିତୃ ସତ୍ୟ ରକ୍ଷାକର ଚଉଦ ବରଷ ।
ପୁଣି ଆମ୍ଭେ ଚାରିଭାଇ ଏକତ୍ରେ ମିଳିବା
ସୁଖେ ରହି ଆନନ୍ଦରେ ପରଜା ପାଳିବା ।’



ଭରତ ଜ୍ୟେଷ୍ଠଭ୍ରାତା ଶ୍ରୀରାମଙ୍କ ବାକ୍ୟକୁ ଟାଳି ପାରିଲେନି । ଶ୍ରୀରାମଙ୍କ ଠାରୁ ତାଙ୍କ ପାଦୁକାକୁ ମସ୍ତକ ଉପରେ ରଖି ସେ ଅଯୋଧ୍ୟା ଯିବାକୁ ପ୍ରସ୍ତୁତ ହୋଇଗଲେ ।

ଧୀରେ ଧୀରେ ଏକଥା ସମସ୍ତେ ଜାଣି ଗଲେ ଯେ ଶ୍ରୀରାମ ଏବେ ଅଯୋଧ୍ୟାକୁ ଫେରିବେନି । ସମସ୍ତଙ୍କର ମନ ଦୁଃଖ ହେଲା । ମାତ୍ର ସେମାନେ ପିତୃଭକ୍ତ ଶ୍ରୀରାମଙ୍କ ପ୍ରଶଂସା କଲେ ।

ଭରତ କୁଳଗୁଲୁ ବଶିଷ୍ଟ, ଅନୁଜ ଶତ୍ରୁଘ୍ନ ଓ ମାତା କୌଶଲ୍ୟା ଓ ସୁମିତ୍ରା ଓ ସୈନ୍ୟମାନଙ୍କ ସହିତ ଅଯୋଧ୍ୟା ଫେରିଆସିଲେ । ବାଟରେ ଫେରିଲା ବେଳେ ସେମାନେ ଭରଦ୍ୱାଜ ମୁନିଙ୍କୁ ଦେଖାକଲେ ଓ ଗୁହନ ଶନରଙ୍କୁ ମଧ୍ୟ ଦେଖାଗଲେ ।

ଅଯୋଧ୍ୟାରେ ପହଁଞ୍ଚି ଭରତ କୁଳଗୁରୁଙ୍କ ସାକ୍ଷାତ କଲେ ଓ ଏ କଥା କହିଲେ - ‘ହେ ମୁନିବର, ଅଯୋଧ୍ୟା ରାଜ୍ୟ ଜ୍ୟେଷ୍ଠ ଭ୍ରାତା ଶ୍ରୀରାମଙ୍କର । ଅଯୋଧ୍ୟା ସିଂହାସନ ମଧ୍ୟ ତାଙ୍କର । ତେଣୁ ମୁଁ ସେ ସିଂହାସନ ଉପରେ ବସି ପାରିବିନି । ଶ୍ରୀରାମ ଆସିବା ପର୍ଯ୍ୟନ୍ତ ସେହି ସିଂହାସନ ଖାଲି ରହିବ । ଅଯୋଧ୍ୟା ନାରୀ ସମୀପରେ ଥିବା ନନ୍ଦିଗ୍ରାମରେ ମୁଁ ରହି ଅଯୋଧ୍ୟାରେ ଶାସନ ସମ୍ଭାଳିବି । ଯେଉଁମାନେ ଆଗ୍ରହୀ ହେବେ, ସେମାନେ ମୋ ସହିତ ଆସି ନନ୍ଦିଗ୍ରାମରେ ରହିପାରିବେ ।

ଭରତଙ୍କ କଥା ଶୁଣି କୁଳଗୁରୁ ବଶିଷ୍ଠ ବହୁତ ଖୁସି ହେଲେ ଓ ନନ୍ଦିଗ୍ରାମକୁ ଯିବାକୁ ଭରତ ଓ ଅନ୍ୟମାନେ ପ୍ରସ୍ତୁତ ହୋଇଗଲେ । ତାଙ୍କ ସାଂଗରେ ସୈନ୍ୟ ସାମନ୍ତ ମଧ୍ୟ ବାହାରିଲେ । ମାତାମାନଙ୍କ ରହିବା ଲାଗି ଭରତ ସେଠାରେ ଏକ ନଅର ନିର୍ମାଣ କରାଇଲେ । କେବଳ ସେତିକି ନୁହେଁ, ସେଠାରେ ସେ ଏକ ସୁନ୍ଦର ରତ୍ନ ସିଂହାସନ ନିର୍ମାଣ କରାଇଲେ ।

ରତ୍ନ ସିଂହାସନ ନିର୍ମାଣ କରି ତା’ ଉପରେ ଶ୍ରୀରାମଙ୍କ ପାଦୁକା ଦ୍ୱୟକୁ ସ୍ଥାପନ କଲେ ଓ ରାଜବିଧ ଅନୁସାରେ ସେଠାରେ ଏକ ଛତ୍ର ଟୋଳାଇଲେ । ପାଦୁକା ଦୁଇଟିକୁ ପ୍ରଭୁ ଶ୍ରୀରାମଙ୍କ ମାନ୍ୟତା ଦେଲେ ଭରତ ଓ ରାଜ୍ୟର ସମସ୍ତ କାର୍ଯ୍ୟ ସେଇ ପାଦୁକାଙ୍କ ଆଗରେ ଆରମ୍ଭ କଲେ । ଏପରି ଭାତୃଭକ୍ତି ଆଉ କେଉଁଠାରେ ଦେଖିବାକୁ ମିଳିବନି ।

କେବଳ ସେତିକିରେ ତାଙ୍କ ମନ ସନ୍ତୁଷ୍ଟ ହେଲାନି- ସେ ଭାଇ ଶ୍ରୀରାମଙ୍କ ପରି ମସ୍ତକରେ ଜଟା ବାନ୍ଧିଲେ ଓ ଫଳମୂଳ ଆହାର କଲେ । ରାଜ ପ୍ରସାଦର ସମସ୍ତ ସୁଖ ତ୍ୟାଗ କରି ସେ ରାମଙ୍କ ପରି ବନବାସୀ ଜୀବନ ବଂଚିଲେ । ଭରତଙ୍କ ପରି ସାନଭାଇ ଶତୃଘ୍ନ ମଧ ଜଣେ ବନବାସୀଙ୍କ ଜୀବନ ବଂଚୁଥିଲେ ଓ ଅଗ୍ରଜ ଭରତଙ୍କ ପାଖରେ ରହୁଥିଲେ ।

ପିତୃସତ୍ୟ ପାଳନ କରି ଶ୍ରୀରାମ ଚଉଦ ବର୍ଷ ବନକୁ ଗଲେ ଓ ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ବନଚାରୀଙ୍କ ଜୀବନ ବଂଚିଲେ । ମାତ୍ର ଭରତ ସବୁ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗ କରି ନନ୍ଦିଗ୍ରାମରେ ସିଂହାସନରେ ଭ୍ରାତା ଶ୍ରୀରାମଙ୍କ ପାଦୁକା ସ୍ଥାପନ କରି ଅଯୋଧ୍ୟାରେ ଶାସନଭାର ସମ୍ଭାଳିଲେ । ଧନ୍ୟ ଭରତ । ଧନ୍ୟ ତୁମର ଭାତୃଶକ୍ତି ।

ରାମାୟଣର ପ୍ରତ୍ୟେକ ଚରିତ୍ର ମହନୀୟ । ଯଦିଓ କୈକେୟୀ ଓ ମନ୍ଥରା ଚରିତ୍ରକୁ ଲୋକମାନେ ନିନ୍ଦା କରିଥାନ୍ତି, ସେମାନଙ୍କର କିଛି ବିଶେଷ ଭୂମିକା ଥିଲା । ଏହା ଦେବତାମାନଙ୍କ ଯୋଜନା ଅନୁସାରେ ଥିଲା । ରାମ ବନବାସ ନ ଯାଇଥିଲେ ରାବଣ ସୀତାମାତାଙ୍କୁ ହରଣ କରି ନଥାନ୍ତେ କିମ୍ବା ରାମ-ରାବଣ ଯୁଦ୍ଧ ହୋଇ ନଥାନ୍ତା । ରାବଣ ବଧ ହୋଇଥାନ୍ତା କିପରି ?

ପିଲାମାନେ ଏଇଠି ଅଯୋଧ୍ୟା କାଣ୍ଡର କଥାବସ୍ତୁ ସରିଲା । ଆମେ ଆଗକୁ ଅରଣ୍ୟକ କାଣ୍ଡ କଥା ଶୁଣିବା ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ । ଶ୍ରୋତାମାନେ ଖୁସିରେ ନିଜ ନିଜ ଘରକୁ ଗଲେ ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

# କବିତା
ତୁମ ପାଇଁ

## ଟିକି ଟିକି ତାରା ଫୁଲ

### ବେଣୁଧର ସୂତାର



ଆମେ ଟିକି ତାରାଫୁଲ
ଏମାଟିର ସପନ
ମାଆ ମାଟି ମମତାର
ଭାବମୟ ବନ୍ଧନ
ଆମ ମାଟି ଆମ ପାଇଁ
ସରଗର ସମାନ
ମାଟି ନୁହେଁ ମାଆ ଆମ
ବଇକୁଣ୍ଠ ଭୁବନ
ଆମେ ଟିକି ତାରାଫୁଲ ।

ଚରଣ ଯା ଧୋଉଅଛି
ନୀଳ ଜଳ ସିନ୍ଧୁରେ
ଯା ବକ୍ଷରେ ବହୁଅଛି
ଅମୃତର ବିନ୍ଦୁରେ
ଯା କୋଳରେ ଜନମିଲେ
ଗାନ୍ଧୀ ଗୋପବନ୍ଧୁରେ
ସୁନା ଫଳେ ଏ ମାଟିରେ
ମାଟି ଯାର ଚନ୍ଦନ
ଆମେ ଟିକି ତାରାଫୁଲ ।

ମାଆତ ଦେଇଛି ମୁଖେ
ମିଠା ମିଠା ଭାଷାରେ
ମମତା ମଧୁର ଧାରା
ହରିନିଏ ତୃଷାରେ
ଯା ଆଲୋକ ପବନରେ
ହୃଦେ ଭରେ ସ୍ପନ୍ଦନ
ଆମେ ଟିକି ତାରାଫୁଲ ।

ଆମେ ଶିଶୁ ଅଟୁପରା
ଆଗାମୀର ଯୁବକ
ଶିକ୍ଷା ଦୀକ୍ଷା ଲଭି ହେବୁ
ମାଆ ମାଟି ସେବକ
ଏ ମାଟିର ବରପୁତ୍ର
କେତେ କବି ଭାବୁକ
ମାଆ ଗୁଣ ଗାଇ ପଦ
କରିଛନ୍ତି ବନ୍ଦନ
ଆମେ ଟିକି ତାରାଫୁଲ ।

ଏଇ ମାଟି ଛୁଇଁ ଆମେ
କରିବାରେ ଶପଥ
ସତ୍ୟ ଧର୍ମ ନ୍ୟାୟ ପଥୁ
ନ ହେବାରେ ବିପଥ
ଶାନ୍ତି ମୈତ୍ରୀ ପ୍ରଗତିର
ଚାରୁ ଚିନ୍ତା ଚେତନ
ଏକତାର ରାହା ଆମ
ଭାବ ପ୍ରୀତି ବନ୍ଧନ
ମାଆ ମାନ ରଖିବାରେ
ସମର୍ପଣ ଜୀବନ
ଆମେ ଟିକି ତାରାଫୁଲ ।

+କେଶଦୁରାପାଳ, କେନ୍ଦୁଝର

## କଥାଟିଏ ମୋର ଶୁଣିବ

### ଧୀରେନ୍ଦ୍ର ମଲ୍ଲିକ



ଗୁରୁଜୀ କହିଲେ ଆରେ ପିଲା ମାନେ
କଥାଟିଏ ମୋର ଶୁଣିବ,
ଭୁଲିଯିବ ନାହିଁ ମନେ ରଖିଥିବ
ଅଦରକାରୀ ନ ମଣିବ।

ବିଦ୍ୟାଳୟ ଯେବେ ଆସୁଛ ସଭିଏଁ
ଆସିବ ଗୋଟିଏ ଧାଡିରେ ,
ଠେଲା ପେଲା ନାହିଁ ଶାନ୍ତିରେ ବସିବ
ଶୃଙ୍ଖଳାରେ ଯିବ ପଢିରେ।

କଳି କି ଝଗଡା ଲାଗିବନି କେବେ
ସାମାନ୍ୟ କଥାକୁ ନେଇକି,
ବୁଝାମଣା ଭାବ ରଖିବ ସର୍ବଦା
ମିଠା ମିଠା କଥା କହିକି।

ପରିଷ୍କାର ରଖି ପୋଷାକ ତୁମର
ବିଦ୍ୟାଳୟ ନିତି ଆସିବ,
ଚୁଟି ନଖ ବଢ଼ ରଖିବନି ଜମା
ନାନା ରୋଗ ବ୍ୟାଧି ଗ୍ରାସିବ।

ନିର୍ମଳ ଚିତ୍ତରେ ପଢିବ ସ୍ଥିରରେ
ଉଚ୍ଚସ୍ୱରେ କଥା ହେବନି,
ଜାତି ଧର୍ମ ବର୍ଣ୍ଣ ଭେଦ ଭାବ ରଖି
କାହା ମନେ ଦୁଃଖ ଦେବନି।

ହିଂସା ଆଚରଣ ବିନାଶ କାରଣ
ଦୁରେଇ ରହିବ ତାହାଠୁ,
ପରିଶ୍ରମ କରି ବଞ୍ଚିବ ସମାଜେ
ଋଣ କରିବନି କାହାଠୁ।

ଅମଙ୍ଗଳ କେବେ ଚାହିଁବନି କା’ର
ସଭିଙ୍କୁ ମଣିବ ନିଜର,
ବିପଦରେ ଯଦି ସାହାଯ୍ୟ କେ ଲୋଡ଼େ
ତୁରନ୍ତ ହୋଇବ ହାଜର।

ବିବେକାନନ୍ଦଙ୍କ ଆଦର୍ଶରେ ବଢି
ନାରୀକୁ ସମ୍ମାନ କରିବ,
ମାଆ ପରି ସାହା ହୋଇବେ ତୁମକୁ
ଦୁଃଖ କଷ୍ଟ ଯେତେ ହରିବ।

ମହତ କାର୍ଯ୍ୟରେ ନିୟୋଜିତ ହେବ
ମିଥ୍ୟାକୁ ଦେବନି ପ୍ରଶୟ,
ନିସ୍ୱ ନିରାଶ୍ରୟ ବ୍ୟକ୍ତିଙ୍କୁ ଦେଖିଲେ
ନିଜ ଗୃହେ ଦେବ ଆଶ୍ରୟ।

ଗୁରୁଜନଙ୍କର ମାନିବ ଆଦେଶ
ସତକଥା ସଦା କହିବ,
ଆଶୀର୍ବାଦ ତାଙ୍କ ରହିଲେ ସାଥିରେ
ଦୀର୍ଘଜୀବୀ ତୁମେ ହୋଇବ।

+ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଫୋନ-୭୯୦୪୩୯୨୬୮୬

## କେବେ ହେବ ସତ ମାଆର ସପନ

### ନୀଳମଣି ଚାନ୍ଦ



‘ଟୁଇଁକିଲ ଟୁଇଁକିଲ ’ଗୀତ ଶୁଣୁଶୁଣୁ
ଆହାନ୍ ଯାଇଛି ଶୋଇ
ବିଛଣା ଉପରେ ତା ଖେଳଣା ସବୁ
ପଡ଼ିଛି ଖେଳେଇ ହୋଇ।
ସିଏ ତ ଜାଣେନି ଋଷିଆ ୟୁକ୍ରେନ
ଯୁଦ୍ଧ କେତେ ଭୟଙ୍କର
ନିତି ବଢିବଢି ଆକାଶଛୁଆଁରେ
ପେଟ୍ରୋଲ ଡିଜେଲ ଦର।
ବଣ ଉଜୁଡିଲା ଖରା ଟାଣ ହେଲା
ତାତି ଯାଏ ବଢ଼ି ବଢ଼ି
କାହିଁ ପାଇଁ ଆସି କାଳ ବଇଶାଖି
କରେ ଗରଜନ ରଢ଼ି।

ସେ ଉଠିଲେ ହୁଏ ତା’ ପାଇଁ ସକାଳ
ଶୋଇଗଲେ ହୁଏ ରାତି
ତା ପାଇଁ ତ ଲୋଡ଼ା ସେନେହ ମମତା
ମାଗେନି ସେ ଘୋଡ଼ା ହାତୀ
ଘର ଯଦି ହୁଏ ବଗିଚାଟିଏରେ
ସେ ପରା ଗୋଲାପ ଫୁଲ
ଲାଗେ ମିଳିଛିରେ ହୀରା ଖଣ୍ଡେ ସତେ
ତା ମୂଲ ଅମୂଲ ମୂଲ।

ସେ ଯେବେ ବଢିବ ପାଠ ତ ପଢିବ
ମଧୁବାରିଷ୍ଟର ହେବ
ଭଲକାମ କରି ଯଶ ଗଉରବ
ଦେଶପାଇଁ ଆଣିଦେବ।

କେବେ ହେବ ସତ ମାଆର ସପନ
କହରେ ଆହାନ୍ କହ
ମାଆ ଗାଇଦେବେ ନାନାବାୟାଗୀତ
ଗଣିଗଣି ଏକ ଶହ।

୨୭,ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯.
ମୋ:୯୫୮୩୨୦୨୩୫୭

# କୁହୁକ ମାଠିଆ

## ରମାକାନ୍ତ ଦାସ





ନାରାୟଣପୁର ଗ୍ରାମରେ କୃପାସିନ୍ଧୁ ନାମକ ଜଣେ ଗରିବ କୁମ୍ଭାର ଓ ତାଙ୍କର ପତ୍ନୀ ମାଳତୀ ବାସ କରୁଥିଲେ । ମାଟିରେ ମାଠିଆ ତିଆରି କରି ମାଠିଆକୁ ବଜାରରେ ବିକି ବହୁତ ଖୁସିରେ ରହୁଥିଲେ ।

ଦିନକର କଥା କୃପାସିନ୍ଧୁ ସକାଳୁ ଉଠି ମାଠିଆ ଗୁଡିକ ଅଗଣାରେ ସଜାଇକି ରଖିଥାନ୍ତି । ଅପେକ୍ଷା କରି ରହିଥାନ୍ତି ଗାଡିକୁ କେତେବେଳେ ଗାଡି ଆସିବ ଓ ସେ ତାଙ୍କର ମାଠିଆ ଗୁଡିକୁ ବିକିବେ । ନଈରୁ ପାଣି ଆଣି ଘରକୁ ଫେରୁଥାନ୍ତି ମାଳତୀ । କୃପାସିନ୍ଧୁଙ୍କ ପାଖକୁ ଆସି କହିଲେ । ତମେ ସକାଳୁ କିଛି ଖାଇନ ଆସ କଣ ଦିଟା ଖାଇଦେବ । କୃପାସିନ୍ଧୁ କହିଲେ ନା ମୁଁ ଆଗେ ଏ ମାଠିଆ ଗୁଡିକ ବିକ୍ରି କରି ସାରିବି ତାପରେ ବସି ଖୁସି ମନରେ ଖାଇବି । କୃପାସିନ୍ଧୁଙ୍କ ଘର ବାଟଦେଇ ଆସୁଥାନ୍ତି ନାରାୟଣପୁର ଗ୍ରାମର ମୁଖିଆ ଓ ତାଙ୍କର ଗୁମାସ୍ତା । କୃପାସିନ୍ଧୁଙ୍କ ଅଗଣାରେ ପହଞ୍ଚି ଦେଖିଲେ ସୁନ୍ଦର ସୁନ୍ଦର ମାଠିଆ ସଜା ହୋଇ ଥୁଆ ହୋଇଛି । ସୁନ୍ଦର ସୁନ୍ଦର ମାଠିଆ ଗୁଡିକୁ ଦେଖି ମୁଖିଆ ଜଣକ କୃପାସିନ୍ଧୁଙ୍କର ବହୁତ ପ୍ରଶଂସା କଲେ ଓ କହିଲେ ମତେ ୨ଟି ମାଠିଆ ଦିଅ । ମୁଁ ସେ ମାଠିଆ ୨ଟିରେ ପାଣି ରଖି ପିଇବି । ଏ କଥା ଶୁଣି କୃପାସିନ୍ଧୁ କହିଲେ ନାଇଁ ଆଜ୍ଞା ମୁଁ ଏ ମାଠିଆରୁ ଆପଣଙ୍କୁ ଗୋଟେ ବି ଦେଇ ପାରିବିନି । ଏ ମାଠିଆ ଗୁଡିକୁ ମୁଁ ବିକ୍ରି କରିବା ପାଇଁ ଆଉ ଜଣେ ବେପାରୀଙ୍କୁ କଥା ଦେଇ ସାରିଛି । ସେ ଏବେ ଗାଡି ଆଣି ଆସୁଛନ୍ତି । ଏ କଥା ଶୁଣି ଗୁମାସ୍ତା ଜଣକ କହିଲେ ‘କଣ ହେଲା ତୋର ଏତେ ସାହସ, ତୁ ମୁଖିଆଙ୍କ ମୁଁହରେ ଜବାବ ଦଉଛୁ’ । ଏ କଥା ଶୁଣି କୃପାସିନ୍ଧୁ କହିଲେ ହଉ ଆଜ୍ଞା ମୁଁ ଆପଣଙ୍କୁ ୨ଟି ମାଠିଆ ଦେଉଛି । ଗାଡି ଆଣି ଆସୁଥିବା ବେପାରୀଙ୍କୁ ମୁଁ ବୁଝେଇଦେବି । ଏ କଥା କହି ୨ଟି ମାଠିଆ ମୁଖିଆଙ୍କ ହାତକୁ ଦେଇଦେଲେ କୃପାସିନ୍ଧୁ ଓ କହିଲେ ଆଜ୍ଞା ୨ଟି ମାଠିଆର ମୂଲ୍ୟ ଅଶି ଟଙ୍କା ଆପଣ ମତେ ମୋ ମାଠିଆର ମୂଲ୍ୟ ଦିଅନ୍ତୁ । କୃପାସିନ୍ଧୁଙ୍କ କଥା ଶୁଣି ମୁଖିଆ ଜଣକ କ୍ରୋଧ ହୋଇ କହିଲେ ‘ତୋର ଏତେ ସାହସ ତୁ ମତେ ପଇସା ମାଗୁଛୁ’ । କୃପାସିନ୍ଧୁ କହିଲେ ଆଜ୍ଞା ମୁଁ ମୋ ପେଟପୋଷିବା ପାଇଁ ଦିନ ରାତି ଖଟି ଏ ସବୁ ମାଠିଆ ତିଆରି କରୁଛି । ଆପଣ ମତେ ମୋ କର୍ମର ମୂଲ୍ୟ ଦିଅନ୍ତୁ । ଏ କଥା ଶୁଣି ମୁଖିଆ ଓ ଗୁମାସ୍ତା ରାଗି ଯାଇ ସଜାହୋଇଥିବା ସବୁ ମାଠିଆକୁ ଭାଙ୍ଗିଦେଲେ ଓ କହିଲେ ତୋ ଘର ଆଗରେ ମୁଁ ଯେମିତି ନ ଦେଖେ ଯେ ତୁ କେବେ ମାଠିଆ ଗଢୁଛୁ ଯଦି କେବେ ଦେଖେ ତ ତୋର ସବୁ ମାଠିଆ ମୁଁ ଭାଙ୍ଗିଦେବି । ଏ ସବୁ ଦେଖି କୃପାସିନ୍ଧୁ ଓ ତାଙ୍କର ସ୍ତ୍ରୀ ବହୁତ କାନ୍ଦିଲେ । କିଛି ସମୟ ପରେ ବେପାରୀ ଜଣକ ଆସି କୃପାସିନ୍ଧୁଙ୍କ ଘର ପାଖରେ ଗାଡି ରଖି କୃପାସିନ୍ଧୁ ମାଠିଆ ଦେବା କଥା କହିଲେ । କୃପାସିନ୍ଧୁ ବେପାରୀଙ୍କୁ ହାତ ଯୋଡି କହିଲେ ଦେଖନ୍ତୁ ଆଜ୍ଞା ଆମ ଗ୍ରାମର ମୁଖିଆଙ୍କୁ ମୁଁ ମୋ ମାଠିଆର ପଇସା ମାଗିବାରୁ ସେ ସବୁ ମାଠିଆକୁ ଭାଙ୍ଗି ଦେଇଛନ୍ତି । ଆପଣ ମତେ ୨ଦିନ ସମୟ ଦିଅନ୍ତୁ ମୁଁ ଦିନ ରାତି ପରିଶ୍ରମ କରି ଆପଣଙ୍କୁ ନୂଆ ମାଠିଆ ତିଆରି କରିଦେବି । ଏ କଥା ଶୁଣି ବେପାରୀ ଜଣଙ୍କ ଗାଡି ନେଇ ପଳେଇଲେ ।

କୃପାସିନ୍ଧୁ କାନ୍ଦି କାନ୍ଦି ଯାଇ ନାଗ ଦେବୀଙ୍କୁ ପ୍ରାର୍ଥନା କଲେ ଓ କହିଲେ ‘ମା ମୋର ଦୁଃଖ ଦୂର କର ମା, ଯଦି ମୁଖିଆ ମୋ ମାଠିଆ ସବୁ ଭାଙ୍ଗିଦେବେ ତ ମୁଁ କେମିତି ଚଳିବି । ଏ କଥା ଶୁଣି ସ୍ୱୟଂ ମା ନାଗଦେବୀ ପ୍ରକଟ ହୋଇ କହିଲେ -‘ମୁଁ ତୋର ଦୁଃଖ ସବୁ ବୁଝିପାରୁଛି, ମୁଁ ତତେ ଆଶୀର୍ବାଦ କରୁଛି ତୁ ଯଉ ମାଠିଆ ଗୁଡିକ ତିଆରି କରିବୁ ସେ ସବୁ ମାଠିଆ ଗୁଡିକ ଜୀବନ ପାଇଯିବ ଓ ତାକୁ କେହିବି ଭାଙ୍ଗି ପାରିବେନି । ଏ କଥା ଶୁଣି କୃପାସିନ୍ଧୁ ନାଗଦେବୀଙ୍କ ପାଖରେ ଥିବା କିଛି ମାଟିକୁ ଆଣିଲେ । ଜୟ ମା, ଜୟ ମା କହି ଘରକୁ ଫେରିଲେ ।

ତା ପରଦିନ ମୁଖିଆ ଓ ତାଙ୍କର ସୈନ୍ୟ ମାନେ ଆସି କୃପାସିନ୍ଧୁ କହିଲେ। ହଉ ମାଠିଆ ତିଆରି କର। ସରିଲା ପରେ ସେ ସବୁ ମାଠିଆକୁ ଆମେ ମାନେ ଭାଙ୍ଗିଦେବୁ । ଏ କଥା ଶୁଣି କୃପାସିନ୍ଧୁ କହିଲେ ହଉ ୨ଦିନ ପରେ ଆସନ୍ତୁ ଦେଖିବା ଆପଣ ମାନେ କେମିତି ମୋ ମାଠିଆ ଭାଙ୍ଗିଦେବେ ।

୨ଦିନ ପରେ କୃପାସିନ୍ଧୁ ଅଗଣାରେ ମାଠିଆ ଗୁଡିକୁ ସଜେଇକି ରଖିଲେ । କିଛି ସମୟ ପରେ ମୁଖିଆ ଓ ତାଙ୍କର ସୈନ୍ୟ ମାନେ ଆସି ମାଠିଆ ଗୁଡିକୁ ତଡା ସାହାଯ୍ୟରେ ପ୍ରହାର କଲେ ହେଲେ ସେ ମାଠିଆ ଗୁଡିକ ନ ଭାଙ୍ଗି ତଡାର ପ୍ରହାର ଗୁଡିକ ସୈନ୍ୟ ମାନଙ୍କ ଦେହରେ ବାଜିଲା ଓ ସୈନ୍ୟ ମାନେ ଆଘାତ ହୋଇ ତଳେ ପଡିଲେ । ଏ ସବୁ ଦେଖି ମୁଖିଆ ଓ ତାଙ୍କର ଗୁମାସ୍ତା ଚମକି ପଡିଲେ । ଗୁମାସ୍ତା ମାଠିଆ ଗୁଡିକୁ ଛୋଟ ପଥର ପକେଇବାରୁ ସେ ପଥର ଆସି ଗୁମାସ୍ତାଙ୍କ ମୁଣ୍ଡରେ ବାଜିଲା । ଏ ସବୁ ଦେଖି ମୁଖିଆ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଯେତେବେଳେ ମାଠିଆକୁ ପ୍ରହାର କଲେ ମାଠିଆଟି ଆସି ତାଙ୍କ ମୁଣ୍ଡରେ ପଡିଲା । ଏମିତି ହେବା ପରେ ମୁଖିଆ କୃପାସିନ୍ଧୁଙ୍କୁ ଭୁଲ ମାଗିଲା ଓ କହିଲେ ମୋର ଭୁଲ ହେଇଯାଇଛି ମୁଁ ତୁମକୁ ତମର ମାଠିଆର ମୂଲ୍ୟ ଦେଇ ଦେବି । କୃପାସିନ୍ଧୁ କହିଲେ ଯଦି ଭୁଲ ମାଗିବାର ଅଛି ତ ନାଗଦେବୀଙ୍କୁ ଭୁଲ ମାଗ । ମୁଖିଆ ଜଣଙ୍କ ନାଗଦେବୀଙ୍କୁ ଭୁଲ ମାଗିଲେ ଓ କହିଲେ ମା ମତେ କ୍ଷମା କରିଦିଅନ୍ତୁ ମୁଁ ଆଉ କେବେ ବି କାହାକୁ ହଇରାଣ କରିବିନି ।

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ -୯୬୬୮୮୧୫୩୬୯

# ମାଳି ମଉସା ଓ ଲାଲ ବିଟ୍



## ନଗେନ୍ଦ୍ର ନାଥ ପଟ୍ଟନାୟକ



ରଇବାର, ସ୍କୁଲ ଛୁଟି । ମୁନୁକୁ ସେଦିନ ଭାରି ଭଲଲାଗେ । ସେ ଘର ପାଖ ବଗିଚାକୁ ଡଗଡଗ ହେଇ ଚାଲିଯାଏ । ସେଠାରେ ପହଁଚି ମାଳୀ ମଉସା ସହିତ ଗପସପରେ ମାତିଯାଏ । ଆଜି ସେ ଦେଖିଲା ଲାଲ ଟୁକୁଟୁକୁ ଟମାଟର ତୋଳି ମାଳୀ ମଉସା ଟୋକେଇରେ ପୂରାଉଛି । ଟମାଟର ଗଛ ପାଖରେ ଗାଢ ଶାଗୁଆ ପତ୍ର ମେଲେଇ ହୋଇ ଉପରକୁ ମୁହଁକରିଛି । ବଡ କୌତୂହଳରେ ମୁନୁ ପଚାରିଲା -ମଉସା ଏଟା କଣ । ମାଳୀ ମଉସା କହିଲେ-ଏଟା ପରା ବିଟ୍ । କିନ୍ତୁ ମଉସା ଇଏ ତ ପତର ଭଳି ଲାଗୁଚି । ଏତକ କହିସାରିବା ପରେ ମାଳି ମଉସା ସହସା ଚାରାଟିଏ ମାଟିରୁ ଉଖାଡିଆଣି ତାକୁ ଦେଖାଇଲେ । ସେଇଟାକୁ ଦେଖି ମନୁ ବୋଇଲା - ’ହଁ ମଉସା ! ଏଇଟା ପରା ବିଟ୍ । ମାମା ସାଲାଡରେ କଂଚା ପିଆଜ ,ଟମାଟର ସହିତ ଚୁନିଚୁନି ବିଟ୍ କାଟି ପକାନ୍ତି ।’ ହଁ ମୁନୁ ,ଏ ଋତୁରେ ବିଟ୍ ପରିବା ବେଶ୍ ଅମଳ ହୁଏ । ଆଗକାଳରେ ଯେତେବେଳେ ରାସାୟନିକ ରଙ୍ଗ ବ୍ୟବହାର ହେଉନଥିଲା ହୋଲିରେ ପ୍ରାକୃତିକ ରଙ୍ଗରେ ହୋଲି ଖେଳାଯାଉଥିଲା । ଆଉ ସେ କାଳରେ ବିଟ୍ର ଲାଲରଙ୍ଗ ତିଆରି ହୋଇ ବିଶେଷ ଭାବରେ ପ୍ରୟୋଗ କରାଯାଉଥିଲା । ଲାଲ ବିଟ୍ କେବଳ ପରିବା ସାଲଡରେ ନୁହେଁ , ଔଷଧ ପଥି ତିଆରିରେ ମଧ୍ୟ ବିନିଯୋଗ କରାଯାଏ ହେଲେ କେମିତି ମଉସା ? ମତେ ତ ଆଗରୁ ଏକଥା ମାଲୁମ ନାହିଁ -ମନୁ ଅବାକ ହୋଇ ପଚାରିଲା ।

ହଁ ପୁଅ,ଦେହରେ ଯଦି ରକ୍ତ ହ୍ରାସ ପାଉଥାଏ ପ୍ରତିଦିନ ଗୋଟେ ଲେଖାଁ ବିଟ୍ ଖାଇବା ଦ୍ୱାରା ରକ୍ତମାତ୍ରା ବୃଦ୍ଧିପାଏ । ତା ଛଡା ଆଖିରେ ଚମକ ଓ ତେଜ ବଢିଯାଏ । କାରଣ ଏଥିରୁ ପ୍ରଚୁର ମାତ୍ରାରେ ଉପକାରୀ ଆଇରନ, ଭିଟାମିନ କ ,ଖ,ଗ ଉପଲବ୍ଧ ହୁଏ । ଖାଲି ସେତିକି ନୁହେଁ, ତହିଁରେ ପ୍ରାକୃତିକ ଗ୍ଲୁକୋଜ ମଧ୍ୟ ଭରିରହିଥାଏ ।

ଆଚ୍ଛା, ଯା ଭିତରେ ପୁଣି ଏତେକଥା ଅଛି ! ମାଳୀ ମଉସା ପୁଣି କହିଲେ- ଏବର ପିଲାମାନେ ତ ଖୁବ୍ ଦୁର୍ବଳ ଓ ନିଜୋରିଆ । ତମେ ଏ ବିଟ୍ର ପୋଷକ ତତ୍ୱ ବାବଦରେ ତମର ସାଙ୍ଗମାନଙ୍କୁ ନିଶ୍ଚୟ ବୁଝେଇ କହିବ । ମନୁ ତ ଏକଥା ସାଙ୍ଗମାନଙ୍କୁ କହିବ ବୋଲି ଆଗରୁ ମନକରିଛି । ତେଣୁ ସେ ପଚାରିଲା -ଆଚ୍ଛା ମଉସା, ମୋ ଶ୍ରେଣୀରେ ପରା ଆଉ ମାତ୍ର ଦୁଇଜଣ ପିଲା । ସେମାନେ ଖାଲିଟାରେ ନିଦରେ ଢୁଳାଉଛନ୍ତି । ସେମାନେ କଣ ବିଟ ଖାଇବା ଦ୍ୱାରା କିଛି ଲାଭ ପାଇବେ ?

ମାଳୀ ମଉସା କହିଲେ -ହଁ-ହଁ, ପାଇବେ ନାହିଁ କାଇଁକି ? ସେମାନେ ରୋଜ ବିଟ୍ ଖାଇବା ଛଡା ମୋବାଇଲ କମ ବ୍ୟବହାର କରିବା ଓ ଠିକଣା ସମୟରେ ବିଛଣାରେ ଶୋଇବା ଉଚିତ । ମନୁ , ତୁ ସକାଳୁ ଭ୍ରମଣରେ ଗଲାବେଳେ ଦେଖିଥିବୁ କଲୋନିର ଲୋକ ହୋଲିରେ ନିରାପଦ ରଙ୍ଗ ରୂପେ ଏକମାତ୍ର ବିଟର ଲାଲରଙ୍ଗକୁ ବ୍ୟବହାର କରନ୍ତି । ଏଇଆ କହି ମାଳୀ ମଉସା ଚଟାପଟ ତଟକା ବିଟ୍ଟିଏ ପଥର ଖଣ୍ଡରେ ତାଡି ଆଣିବାରୁ ତାହା ଲାଲ ହୋଇଗଲା । ପାଖରେ ଗାଇଟିଏ ଛିଡା ହୋଇଥିଲା । ମୁନୁ ସେ ତାଜା ବିଟକୁ ନେଇ ଗାଇକୁ ଦେଲାରୁ ସେ ବଡ ଆଗ୍ରହରେ ଖାଇପକାଇଲା ।

+୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

## ଉପଭୋକ୍ତାଙ୍କୁ ତ୍ୱରିତ ନ୍ୟାୟ ଯୋଗାଇଦେବା ଉପରେ ଖାଉଟିକଲ୍ୟାଣ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୦/୦୫ (ନି.ପ୍ର): ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଦ୍ୱାରା ଖାଉଟି ମାମଲାର ତ୍ୱରିତ ବିଚାର ଉପଭୋକ୍ତାମାନଙ୍କୁ ପ୍ରକୃତ ନ୍ୟାୟ ପ୍ରଦାନ କରିଥାଏ । ରାଜ୍ୟ ସରକାର ଉପଭୋକ୍ତାମାନଙ୍କର ଅଧିକାର ଓ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରି ଉପଭୋକ୍ତାଙ୍କର ସଚେତନତା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ ବିଭିନ୍ନ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ଭିତିଭୂମି ଓ ଖାଲିଥିବା ପଦବୀ ପୂରଣ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଗୁରୁବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତ ସଦସ୍ୟ ଏବଂ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତ ସଭାପତି ଓ ସଦସ୍ୟସଦସ୍ୟାମାନଙ୍କର ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ନୂତନ ଉପଭୋକ୍ତା ନିୟମକୁ ସଫଳତାର ସହ କାର୍ଯ୍ୟକାରୀ କରିପାରିଲେ ଉପଭୋକ୍ତାମାନଙ୍କର ବ୍ୟବସ୍ଥା ଉପରେ ଆସ୍ଥା ବୃଦ୍ଧି ପାଇବ । ନୂତନ ଉପଭୋକ୍ତା ଆଇନ ପ୍ରଣୟନ ପରେ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତ ସଦସ୍ୟ ଓ ନବଗଠିତ ଜିଲ୍ଲା ବିବାଦ ପ୍ରତିକାର ଆୟୋଗଗୁଡ଼ିକର କାର୍ଯ୍ୟକ୍ଷମ ଦିଗରେ ସଭାପତି ଓ ସଦସ୍ୟମାନଙ୍କର ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦେଶରେ ପ୍ରଥମ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ସଂପ୍ରତି ଦେଶରେ ଇ-କମର୍ସ ଓ ଅନ୍‌ଲାଇନ୍ ବ୍ୟବସାୟର ବହୁଳ ପ୍ରଚଳନ ଫଳରେ ଉପୁଜୁଥିବା ନୂତନ ବିବାଦର ସମାଧାନ ନିମନ୍ତେ ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରଣୟନ କରାଯାଇଛି । ଏଥିରେ ବିଭିନ୍ନ ବିବାଦ ପ୍ରତିକାର ଆୟୋଗର ବିଚାର ପରିସରକୁ ଅଧିକ ବ୍ୟାପକ କରାଯାଇଛି । ଉପଭୋକ୍ତାମାନେ ନିଜର ଅଭିଯୋଗକୁ ଅନ୍‌ଲାଇନ୍ ମାଧ୍ୟମରେ ସଂପୃକ୍ତ ଆୟୋଗରେ ଦାଖଲ କରିବାର ବ୍ୟବସ୍ଥା ରହିଛି । ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ନୂତନ ଉପଭୋକ୍ତା ସୁରକ୍ଷା ଆଇନରେ ଯଥେଷ୍ଟ ସୁଯୋଗ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ୫-'ଟି' କାର୍ଯ୍ୟକ୍ରମରେ ଉପଭୋକ୍ତାମାନଙ୍କୁ ସଚେତନ ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଖାଉଟି ସଂଗଠନ ଓ ଖାଉଟିକର୍ମୀ ଓ ସଂପୃକ୍ତ ସଂଗଠନଗୁଡ଼ିକର ଡାଟାବେସ୍‌କୁ ଡିଜିଟାଇଜ୍ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ରାଜ୍ୟ ଉପଭୋକ୍ତା ପ୍ରତିଷ୍ଠାନକୁ ନିର୍ଦ୍ଦେଶ ଦେବା ସହିତ ଆବଶ୍ୟକ ହ୍ୱାଟସ୍‌ଆପ୍ ଗ୍ରୁପ୍ ଗଠନ କରିବା ପାଇଁ କହିଥିଲେ । ରାଜ୍ୟ ଉପଭୋକ୍ତା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ସଭାପତି ଜଷ୍ଟିସ ଡି.ପି. ଚୌଧୁରୀ କହିଲେ ଯେ ଆୟୋଗର ସମସ୍ତ ରେକର୍ଡକୁ ଡିଜିଟାଇଜ୍ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଇ-ଫାଇଲିଂ ବ୍ୟବସ୍ଥା ସର୍ବପ୍ରଥମେ ରାଜ୍ୟରେ ଆରମ୍ଭ ହୋଇଥିଲା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଦିଲ୍ଲୀସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକୃଷ୍ଣା ଦେବରାଓ କହିଲେ ଗ୍ରାହକମାନଙ୍କର ସ୍ୱାର୍ଥକୁ ପର୍ଯ୍ୟାପ୍ତ ସୁରକ୍ଷା ଦେବା ଲକ୍ଷ୍ୟରେ ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରଣୟନ କରାଯାଇଛି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖାଉଟି କଲ୍ୟାଣ ଉପଦେଷ୍ଟା ପ୍ରଫେସର ବେଜନ ମିଶ୍ର କହିଲେ ନବଗଠିତ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସଭାପତି ଓ ସଦସ୍ୟମାନଙ୍କର ଉପଭୋକ୍ତା ଅଧିକାରର ସୁରକ୍ଷା ଦିଗରେ ଗୁରୁଦାୟିତ୍ୱ ରହିଛି । ପ୍ରାରମ୍ଭରେ ଖାଉଟି କଲ୍ୟାଣ ନିର୍ଦ୍ଦେଶକ ତଥା ପ୍ରତିଷ୍ଠାନର ଉପସଭାପତି ଜ୍ୟୋତିକୁମାର ଲାକ୍ରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ଏବଂ ଶେଷରେ ବିଭାଗୀୟ ଯୁଗ୍ମ ଶାସନ ସଚିବ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ସାହିତ୍ୟରେ ସାଧାରଣ ଲୋକଙ୍କ କଥା ରହିବା ଆବଶ୍ୟକ' :'ଦେହ ଦପ୍ତର' ଲୋକାର୍ପଣ ସମାରୋହରେ ମତ

ଭୁବନେଶ୍ୱର,୨୦/୦୫ (ନି.ପ୍ର): ସାହିତ୍ୟରେ ସାଧାରଣ ଲୋକଙ୍କ କଥା ପ୍ରତିଫଳିତ ହେବା ଆବଶ୍ୟକ । ସମକାଳୀନ କବିତାରେ ସମାଜମନସ୍କତା ଅଧିକ ଭାବରେ ପରିସ୍ଫୁଟ ହେଉଛି ଏବଂ ଏହା ସାହିତ୍ୟକୁ ଅଧିକ ଲୋକାଭିମୁଖୀ କରିପାରୁଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ତଥା ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମତ ଦେଇଛନ୍ତି । ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ପୂର୍ବତନ ପ୍ରଶାସକ ତଥା କବି ମହେନ୍ଦ୍ର କୁମାର ମଲ୍ଲିକଙ୍କ କବିତା ପୁସ୍ତକ 'ଦେହ ଦପ୍ତର'ର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସେଠୀ ନିଜର କାବ୍ୟିକ ଜୀବନର ଅଭିଜ୍ଞତା ଆଧାରରେ ମତ ଦେଇ କହିଥିଲେ ଯେ ସାଂପ୍ରତିକ କବିତାରେ ସମାଜର ଏବଂ ମଣିଷର ବିବିଧ ସମସ୍ୟା ଓ ସଂକଟର ଚିତ୍ର ମିଳୁଛି । ବିଶିଷ୍ଟ କଥାକାର ଦାଶ ବେନ୍‌ହୂର ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଥିଲେ ଯେ ସାହିତ୍ୟ ହେଉଛି ବ୍ୟକ୍ତି ଏବଂ ସମାଜ ମଧ୍ୟରେ ସଂଯୋଗର ସେତୁ । ବିଶିଷ୍ଟ ଆଲୋଚକ ଡ. ବେଣୁଧର ପାଢ଼ୀ ପୁସ୍ତକଟିର ସମୀକ୍ଷା କରି ବିଭିନ୍ନ ଦିଗରୁ ସଫଳ କବିତାଗୁଡ଼ିକର ପ୍ରଶଂସା କରିଥିବାବେଳେ ପୁସ୍ତକର ରଚୟିତା ଶ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ ଅଭିଜ୍ଞତା-ଉପଲବ୍ଧି କବିତାରେ ଚିତ୍ରିତ ହୋଇଥାଏ ବୋଲି କହିଥିଲେ । କବି ପ୍ରବୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ଝୁମୁକା'ର ସଂପାଦକ ମାନସ ରଞ୍ଜନ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ 'ତୀରତରଙ୍ଗ' ପତ୍ରିକାର ସଂପାଦିକା ବନ୍ଦନା ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ କବି, ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ ।

# ବାରବାଟୀରେ ଶତ ପ୍ରତିଶତ ଦର୍ଶକ କ୍ଷମତାକୁ ଅନୁମତି

ଭୁବନେଶ୍ୱର,୨୦/୦୫ (ନି.ପ୍ର): ପୂର୍ଣ୍ଣ ଦର୍ଶକୀୟ କ୍ଷମତାରେ ହେବ ବାରବାଟୀ କ୍ରିକେଟ ମ୍ୟାଚ୍ । ବାରବାଟୀରେ ଶତ ପ୍ରତିଶତ ଦର୍ଶକୀୟ କ୍ଷମତାକୁ ଅନୁମତି ଦେଇଛି ବିସିସିଆଇ । ଆସନ୍ତା ଜୁନ୍ ୧୨ରେ ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେଉଥିବା ବେଳେ ସବୁ ସିଟ୍ ପାଇଁ ଟିକେଟ୍ ବିକ୍ରୀ ହେବ। କରୋନା କଟକଣା କୋହଳ ହେବା ପରେ ଏହି ନିଷ୍ପତି ନେଇଛି ବିସିସିଆଇ । ଦୀର୍ଘ ଦିନର ବ୍ୟବଧାନ ପରେ ବାରବାଟୀ ଷ୍ଟାଡିୟମରେ କ୍ରିକେଟ୍ ମ୍ୟାଚ୍ ର ଆୟୋଜନ ହେଉଥିବାର ଓଡ଼ିଶାର କ୍ରିକେଟ୍ ପ୍ରେମୀଙ୍କ ମନରେ ଉତ୍ସାହ ଦେଖାଯାଇଛି । ଅପରପକ୍ଷରେ ବାରବାଟୀର ନବକଳେବର ପାଇଁ ଅଂଟା ଭିଡ଼ିଛି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) । ଆସନ୍ତା ଜୁନ୍ ୧୨ତାରିଖରେ ଏଠାରେ ଆୟୋଜିତ ହେବାକୁ ଥିବା ଏହି ଟି -୨୦ ମୁକାବିଲା ପୂର୍ବରୁ ସମସ୍ତ କାମକୁ ଶେଷ କରାଯିବ । ଏଥିପାଇଁ ଷ୍ଟାଡ଼ିୟମରେ ଜୋରଦାର ପ୍ରସ୍ତୁତି ଚାଲିଛି । ବାରବାଟୀର ନବକଳେବର ଦାୟିତ୍ୱ ଗୁଜୁରାଟ ମୋଟେରା ଠାରେ ତିଆରି ହୋଇଥିବା ବିଶ୍ୱର ସର୍ବବୃହତ କ୍ରିକେଟ ଷ୍ଟାଡିୟମକୁ ଡିଜାଇନ କରିଥିବା ସଂସ୍ଥାକୁ ଦେଇଛି ଓସିଏ ।

## ଆଜି ପ୍ରଦାନ କରାଯିବ ନାରଦ ସମ୍ମାନ-୨୦୨୨

ଭୁବନେଶ୍ୱର,୨୦/୦୫ (ନି.ପ୍ର): ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ବିଶ୍ୱର ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ଅବସରରେ ଆସନ୍ତାକାଲି (ଶୁକ୍ରବାର) ସଂଧ୍ୟା ୬ ଘଟିକା ସମୟରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ନାରଦ ସମ୍ମାନରେ ସମ୍ମାନିତ କରାଯିବ । ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବିଶିଷ୍ଟ ସାହିତ୍ୟିକ ରବିନାରାୟଣ ସେନାପତି ମୁଖ୍ୟ ଅତିଥି ଓ ରାଷ୍ଟ୍ରଦୀପର ପୂର୍ବତନ ସଂପାଦକ ଜଗବନ୍ଧୁ ମିଶ୍ର ମୁଖ୍ୟ ବକ୍ତା ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ନାରଦ ଜୟନ୍ତୀ ସମାରୋହ ସମିତିର ଆବହକ ନିରଞ୍ଜନ ନାୟକ ଏକ ପ୍ରେସବାର୍ତାରେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ଭଗବାନ ନାୟକବର୍ମା, ରାଜାରାମ ଶତପଥି, ଗୋପାଳକୃଷ୍ଣ ମହାପାତ୍ର, ସ୍ୱର୍ଗତ ଗୋପାଳ ମିଶ୍ର, ସୁଧୀର କୁମାର ଦାଶ, ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଧଳ, ଭାଗିରଥି ମହାସୁଆର, ଭାସ୍କର ପରିଚ୍ଛା, ପ୍ରଭୂ କଲ୍ୟାଣ ମହାପାତ୍ର, ପ୍ରତାପ ମହାନ୍ତି, ଜଗବନ୍ଧୁ ମିଶ୍ର, ସିଦ୍ଧାର୍ଥ କାନୁନଗୋ, ଶିବନାରାୟଣ ସିଂହ, ତପନ ମିଶ୍ର ଓ ସୁବ୍ରତ ଦାସ ପ୍ରମୁଖ ଏହି ନାରଦ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

# ବ୍ରିଜ୍ କୋର୍ସ ଏକ ପ୍ରହସନ

ଭୁବନେଶ୍ୱର,୨୦/୦୫ (ନି.ପ୍ର): ସରକାର ପିଲାମାନଙ୍କ ପାଇଁ ଯେଉଁ ବ୍ରିଜ କୋର୍ସ ଆରମ୍ଭ କରିଛନ୍ତି ତାହା ଏକ ପ୍ରହସନରେ ପରିଣତ ହୋଇଛି ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି। କରୋନା କାଳରେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାରୁ ପୂର୍ବ ୨ ବର୍ଷର ପାଠ୍ୟକ୍ରମକୁ ୩୫ ଦିନରେ ଅର୍ଥାତ୍ ଗ୍ରୀଷ୍ମଛୁଟି ସାରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ଓ ଏଥିପାଇଁ ୭୦ କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟ କରିଛନ୍ତି। ମଇ ୨ ତାରିଖରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୯ ଦିନ ବିତିଯାଇଥିଲେ ମଧ୍ୟ ସମସ୍ତ ବିଦ୍ୟାଳୟକୁ ବ୍ରିଜକୋର୍ସ ବହି ଯୋଗାଇ ଦିଆଯାଇ ନାହିଁ। ଯେଉଁ ବିଦ୍ୟାଳୟକୁ ବହି ଯୋଗାଇ ଦିଆଯାଇଛି ତାହା ଛାତ୍ରଛାତ୍ରୀ ସଂଖ୍ୟା ଅନୁଯାୟୀ ଦିଆଯାଇ ନାହିଁ। ତେଣୁ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବହିଗୁଡ଼ିକ ବଂଟନ କରିବାରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ବଡ଼ କଥା ହେଲା, ସରକାର ଯେଉଁ ନିଷ୍ପତି ନେଲେ ବ୍ରିଜକୋର୍ସରେ ପୂର୍ବ ଶ୍ରେଣୀର ପାଠ୍ୟକ୍ରମ ସ୍ଥାନ ପାଇବ, କିନ୍ତୁ ବ୍ରିଜକୋର୍ସରେ ପୂର୍ବ ଶ୍ରେଣୀର ପାଠ୍ୟକ୍ରମ ସ୍ଥାନ ନପାଇ ବର୍ତମାନ ଛାତ୍ରଛାତ୍ରୀମାନେ ଯେଉଁ ଶ୍ରେଣୀରେ ପଢୁଛନ୍ତି ସେହି ଶ୍ରେଣୀର ପାଠ୍ୟକ୍ରମ ସ୍ଥାନ ପାଇଛି। ବର୍ତମାନ ଛାତ୍ରଛାତ୍ରୀମାନେ ପଢୁଥିବା ଶ୍ରେଣୀର ପାଠ୍ୟକ୍ରମକୁ ଆଦୌ ପଢିନଥିବାରୁ ସେମାନେ ବ୍ରିଜକୋର୍ସ ପାଠ୍ୟପୁସ୍ତକର କାର୍ଯ୍ୟପୁସ୍ତିକା କରିବାରେ ବିଫଳ ହେଉଛନ୍ତି ଓ ଶିକ୍ଷକମାନଙ୍କୁ ମଧ୍ୟ ବ୍ରିଜକୋର୍ସ ଶିକ୍ଷାଦାନ କରିବା ପାଇଁ କଷ୍ଟସାଧ ହେଉଛି। ସରକାରଙ୍କ ବଡ଼ ବଡ଼ ଅଧିକାରୀମାନେ ଶୀତତାପ ନିୟନ୍ତ୍ରିତ କୋଠରୀରେ କେବଳ ନିତି ନିର୍ଦ୍ଧାରଣ କରି ବସି ପଡୁଛନ୍ତି। କିନ୍ତୁ ଏହାକୁ ବିଦ୍ୟାଳୟସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାଁନ୍ତି। ୭ ବର୍ଷ ଧରି ପ୍ରାଥମିକ ବିଦ୍ୟାଳୟରେ ସରକାର ଶିକ୍ଷକ ନିଯୁକ୍ତି କରିନାହାଁନ୍ତି। ସମସ୍ତ ବିଦ୍ୟାଳୟରେ ମଧ୍ୟ ଭିତିଭୂମିର ବିକାଶ ହୋଇନାହିଁ। ସରକାର ଶିକ୍ଷାକୁ ଧ୍ୱଂସ ଆଡ଼କୁ ନେଉଛନ୍ତି ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିତି ଯୋଗୁ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡୁଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଏବେ ଦେଖିବାକୁ ମିଳିଛି। ସରକାର କେବଳ ନିତି ନିର୍ଦ୍ଧାରଣ କରି ନିଜ ଦୋଷ ଛଡ଼ାଉଛନ୍ତି ବୋଲି ପିଷ୍ଟାର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଅଭିଯୋଗ କରିଛନ୍ତି। ଆଜି ଆମ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ସରକାର ନିଜେ ଦାୟୀ ଅଟନ୍ତି। ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ ସରକାର ଭିତିଭୂମିର ବିକାଶ, ଶିକ୍ଷକ ନିଯୁକ୍ତି ଓ ସଠିକ୍ ନିତି ନିର୍ଦ୍ଧାରଣ କରିବା ପାଇଁ ସଂଘର ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, କୋଷାଧକ୍ଷ ଗୋପଳ କିଶୋର ସେନ, କାର୍ଯ୍ୟକାରୀ ସଭାପତି ଦୀପକ କୁମାର ସାହୁ, ଜନ୍ମେଜୟ ମାଝି, ଶ୍ରୀକାନ୍ତ ବାରିକ, କୃଷ୍ଣଚନ୍ଦ୍ର ବେହେରା, ଅମରେନ୍ଦ୍ର ବାଗ, ରଶ୍ମିରଞ୍ଜନ ଧଳ, ସୁଧାଂଶୁ ଭୂଷଣ ନାୟକ, କେଶବ ଚନ୍ଦ୍ର କର, ସୁଧାଂଶୁ ମଣ୍ଡଳ ପ୍ରମୁଖ ଏକ ପେସ୍ ବିବୃତିରେ କହିଛନ୍ତି।

# ରବିନ୍ଦ୍ର ମଣ୍ଡପରେ ଆରମ୍ଭ ହେଲା ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ

ଭୁବନେଶ୍ୱର,୨୦/୦୫ (ନି.ପ୍ର): ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟ ସହାୟତାରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ତରଫରୁ ଏକାଦଶ ଜାତୀୟ ଜନଜାତି ନୃତ୍ୟ ମହୋତ୍ସବକୁ ରବୀନ୍ଦ୍ରମଣ୍ଡପ ଠାରେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଛନ୍ତି ।

ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ସାରକା ବିଭିନ୍ନ ଜନଜାତିଙ୍କ ମଧ୍ୟରେ ଥିବା ପ୍ରଦର୍ଶନ କଳାର ଏକତ୍ର ପରିବେଷଣରେ କଳାଗ୍ରହୀତାମାନଙ୍କ ଭିତରେ କୌଶଳଗୁଡ଼ିକର ଭାବଗତ ତଥା ମୁଦ୍ରାଗତ ବିନିମୟ ହୋଇଥିବାର ସୂଚନା ଦେଇଥିଲେ । ଓଡ଼ିଶା ରାଜ୍ୟର ୬୨ ଜନଜାତିଙ୍କ ମଧ୍ୟରେ ବହୁବିଧ ନୃତ୍ୟ ସମ୍ଭାର ରହିଛି ଏବଂ ମହାଭାରତୀୟ ଜନଜାତିଙ୍କ ନୃତ୍ୟ ସମ୍ଭାରର ଉତ୍କର୍ଷ ଦେଶବିଦେଶରେ ଖ୍ୟାତି ଲାଭ କରିଛି । ଏସବୁ ଗୋଟିଏ ମଂଚରେ ପରିବେଷିତ ହେବା ଦ୍ୱାରା ପ୍ରତ୍ୟେକ ପ୍ରତ୍ୟେକଙ୍କର ଶୈଳୀ, ମୁଦ୍ରା ସହ ପରିଚିତ ହେଉଛନ୍ତି ଏବଂ ପରସ୍ପର ମଧ୍ୟରେ ଭାବଗତ ଆଦାନପ୍ରଦାନ ବାଣ୍ଟୁଛନ୍ତି । ରାୟଗଡ଼ାର ବିଧାୟକ ମକରନ୍ଦ ମୁଦୁଲି ଜନଜାତିଙ୍କ ସମୃଦ୍ଧ ନୃତ୍ୟପରମ୍ପରା ନେଇ ତାଙ୍କର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟର ଯୁଗ୍ମ ସଚିବ ଡ. ନଓ୍ୱଲଜିତ୍ କପୁର ଭାରତୀୟ ଜନଜାତି ନୃତ୍ୟକଳାର ବିବିଧତା ଏବଂ ମୌଳିକତା ଉପରେ ଅଲୋକପାତ କରିବା ସହ ଜନଜାତି ଲୋକପରମ୍ପରାର ସଂରକ୍ଷଣ ଓ ପରିପ୍ରସାର କରାଇବାର ଉଦ୍ଦେଶ୍ୟ ସୂଚାଇଥିଲେ । ଓଡ଼ିଶାର ଆଦିବାସୀ ଗବେଷଣା ସଂସ୍ଥାନ ଦେଶର ସର୍ବଶ୍ରେଷ୍ଠ ଓ ଏହା ଅନ୍ୟ ଗବେଷଣା ସଂସ୍ଥାନକୁ ମାର୍ଗଦର୍ଶନ ଦେବ ବୋଲି ସେ କହିଥିଲେ । ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ ଆୟୋଜନରେ ଓଡ଼ିଶାର ଅଗ୍ରଣୀ ଭୂମିକା ରହିଥିବା ପ୍ରକାଶ କରିବା ସହ ସାଂସ୍କୃତିକ ସମନ୍ୱୟ ସ୍ଥାପନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏସ୍‌ସିଏସ୍‌ଟିଆର ଟିଆଇର ଉପଦେଷ୍ଟା ତଥା ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା କହିଥିଲେ ଯେ ଏସ୍‌ସିଆରଟିଆଇ ଏହି ଉତ୍ସବକୁ ଏକ ପରମ୍ପରା ହିସାବରେ ପାଳନ କରିବାର ବିଧିବଦ୍ଧ ପ୍ରୟାସ ଜାରି ରଖିଛି ଏବଂ ଏ ପରମ୍ପରାକୁ ଓଡ଼ିଶାବାସୀଙ୍କ ପୂର୍ବାଗ୍ରହ ପୂର୍ତି କରିବା ସହ ସାରା ଭାରତର ଜନଜାତିଙ୍କ ପ୍ରତିଛବି ଭୁବନେଶ୍ୱରବାସୀଙ୍କୁ ଦେଖାଇବା ଗୌରବର ବିଷୟ ହୋଇ ରହିଥିବା ସେ ସୂଚନା ଦେଇଥିଲେ । ବିଭାଗୀୟ ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର ଧନ୍ୟବାଦ ଅର୍ପଣ କରିଥିଲେ । 'କୋଲି' ଓ 'କୋରୁଆ' ଜନଜାତିଙ୍କ ପରିଚିତି ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଆଜି ସନ୍ଧ୍ୟାରେ ଓଡ଼ିଶାର କୋୟା ଓ ଧୁରୁଆମାନଙ୍କ ଢ଼ିଜାପାଣ୍ଡୁମ୍ ଏବଂ ବିରଲି ନୃତ୍ୟ ସହ ଆସାମର ବିହୁ ନୃତ୍ୟ, ଗୁଜୁରାଟର ଡାଙ୍ଗି ନୃତ୍ୟ, ମଣିପୁରର ବି. ମେଟିଙ୍ଗ୍ ନୃତ୍ୟ, ହିମାଚଳ ଡାନ୍‌ଡାରାସ୍ ନୃତ୍ୟ, ଝାରଖଣ୍ଡର କୁଆରୀ ଲହସୁଓ୍ୱା ନୃତ୍ୟ, ଅନ୍ଧ୍ରପ୍ରଦେଶର ମୟୂର ନୃତ୍ୟ, ସିକିମ୍ ର ଡେନ୍‌ଜୋଙ୍ଗ୍ ନେୟ ନୃତ୍ୟ ତଥା ମିଜୋରାମର ସାରଲାମକାଇ ନୃତ୍ୟ ବେଶ୍ ମନୋରଞ୍ଜକ ହୋଇଥିଲା। ଏହି ନୃତ୍ୟ ମହୋତ୍ସବ ତିନିଦିନ ଧରି ରବିନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ।

# ନେହେରୁଙ୍କୁ ବାଦ୍ ଦେଇ ଆଧୁନିକ ଭାରତର ଇତିହାସ ଅସମ୍ଭବ : ପ୍ରଫେସର ପୁରୁଷୋତ୍ତମ ଅଗ୍ରୱାଲ

ଭୁବନେଶ୍ୱର,୨୦/୦୫ (ନି.ପ୍ର): – ନେହେରୁ କେବଳ ଜଣେ ସଫଳ ଓ ଦୂରଦ୍ରଷ୍ଟା ପ୍ରଧାନମନ୍ତ୍ରୀ ନଥିଲେ, ସେ ଥିଲେ ସମଗ୍ର ବିଶ୍ୱରେ ଆଦର, ପ୍ରଶଂସା, ଓ ସ୍ୱୀକୃତି ପାଇଥିବା ଅଦ୍ୱିତୀୟ ରାଷ୍ଟ୍ରନୀତିଜ୍ଞ। ଆଜି କିଛି ରାଜନୈତିକ ଦଳ ଓ ବ୍ୟକ୍ତି ଆଧୁନିକ ଭାରତ ନିର୍ମାଣରେ ନେହେରୁଙ୍କ ଐତିହାସିକ ଅବଦାନକୁ ନ୍ୟୁନ କରି ଦେଖାଇବା ସହ ନିଜର ବିଫଳତା ଓ ଅଯୋଗ୍ୟତାକୁ ଲୁଚାଇବାକୁ ନେହେରୁଙ୍କ ନିନ୍ଦା କରି ଖସିଯିବାକୁ ଚାହୁଁଛନ୍ତି। ଏହାଠୁ ବଳି ବିଡ଼ମ୍ବନାର ବିଷୟ ଆଉ କିଛି ନହୋଇପାରେ ବୋଲି ଜୋର ଦେଇ କହିଛନ୍ତି ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ପ୍ରସିଦ୍ଧ ଲେଖକ ଓ ଚିନ୍ତକ ପୁରୁଷୋ ମ ଅଗ୍ରୱାଲ। ପ୍ରଗତିଶୀଳ ସାହିତ୍ୟ ପତ୍ରିକା 'ଅକ୍ଷର' ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସି ପକ୍ଷରୁ ଜୟଦେବ ଭବନରେ ଅନୁଷ୍ଠିତ ଆଲୋଚନା ଆସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଅଗ୍ରୱାଲ ନେହେରୁଙ୍କ ବିଶାଳ ବ୍ୟକ୍ତିତ୍ୱର ଅବତାରଣା କରିଥିଲେ। ଶହ ଶହ ବର୍ଷର ଶୋଷଣ, ଗୋଲାମୀ ଓ ପରାଧୀନତାରୁ ମୁକ୍ତି ପାଇଥିବା ଗୋଟେ ରାଷ୍ଟ୍ରକୁ କିପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ କରାଯାଇ ପାରିବ, ତାହା ନେହେରୁଙ୍କ ପ୍ରାଥମିକ ଗୁରୁତ୍ୱ ଥିବାରୁ ସେ ଆଇଆଇଟି, ଆଇଆଇଏମ୍ ପରି ବୃହତ୍ ବୈଷୟିକ ଶିକ୍ଷାନୁଷ୍ଠାନ ସାଙ୍ଗକୁ ଏମ୍ସ ପରି ବିଶାଳ ମେଡ଼ିକାଲ କଲେଜ ଏବଂ ରାଉରକେଲା ଏବଂ ଭିଲାଇ ପରି ଇସ୍ପାତ କାରଖାନା ସାଙ୍ଗକୁ ହୀରାକୁଦ ନଦୀବନ୍ଧ ଓ ଅନେକ ବନ୍ଦର ଗଢିତୋଳିଥିଲେ। ଆର୍ଥିକ ଭାବେ ଦୁର୍ବଳ ଥିବା ଦେଶ ପାଇଁ ବିଭିନ୍ନ ଦେଶରୁ ଆର୍ଥିକ ଓ ପ୍ରଯୁକ୍ତିଗତ ସହାୟତା ଆଣି ରାଷ୍ଟ୍ରକୁ ଅଂଟା ସଳଖି ଛିଡ଼ା ହେବାର ଶକ୍ତି ଯୋଗାଇଥିଲେ। ନେହେରୁଙ୍କ ବୈଦେଶିକ ନୀତି ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା ଏବଂ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ନେତୃତ୍ୱ ନେଇ ସେ ଶାନ୍ତିପ୍ରତିଷ୍ଠା ଓ ସାର୍ବଭୌମତ୍ୱର ରକ୍ଷା ଦିଗରେ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଥିଲେ। ସମଗ୍ର ବିଶ୍ୱରେ ନେହେରୁଙ୍କ ବିଜ୍ଞତା, ବ୍ୟକ୍ତିତ୍ୱ ଓ ପ୍ରତ୍ୟୁତ୍ପନ୍ନମତିତା ନେଇ ପ୍ରଶସ୍ତି ଓ ପ୍ରଶଂସାର ସୁଅ ଛୁଟିଥିଲା। ଦେଶ ଭିତରେ ଧର୍ମାନ୍ଧ, ମୌଳବାଦୀ ଓ ସାମ୍ପ୍ରଦାୟିକ ଶକ୍ତିମାନଙ୍କ ପ୍ରତି କଠୋର ଆଭିମୁଖ୍ୟ ଶୋଷଣ କରିବା ସହ ସଂପ୍ରିତି ଓ ସଦ୍‌ଭାବନା ପ୍ରତିଷ୍ଠା ତାଙ୍କ ଶାସନ ଶୈଳୀର ବୈଶିଷ୍ଟ୍ୟ ଥିଲା। ମିଶ୍ର ଅର୍ଥନୀତିର ପ୍ରଚଳନ କରି ସେ ସାରା ବିଶ୍ୱକୁ ନୂଆ ରାସ୍ତା ଦେଖାଇଥିଲେ। ଗାନ୍ଧିଜୀଙ୍କ ସଚ୍ଚା ଓ ସଫଳ ଅନୁଗାମୀ ଭାବେ ସେ ଦେଶକୁ ଉନ୍ନତିର ଶୀର୍ଷରେ ପହଂଚାଇବାକୁ ଅହରହ ଉଦ୍ୟମ କରିଥିଲେ। ଆଜି ଦେଶରେ ଧର୍ମ ନାଁରେ ଚାଲିଥିବା ବିଦ୍ୱେଷପୂର୍ଣ୍ଣ ବାତାବରଣ ଓ ହିଂସାତ୍ମକ ମାନସିକତାକୁ ତୀବ୍ର ବିରୋଧ କରିବା ସହ ଧର୍ମନିରପେକ୍ଷତା ଆମ ଦେଶର ଅମ୍ଳଜାନ ଓ ବିବିଧତା ଆମ ସଂସ୍କୃତିର ମୂଳପିଣ୍ଡ ବୋଲି କହିଥିଲେ। ଭାଇଚାରା ଭାଙ୍ଗିବାକୁ ଚାଲିଥିବା ସାମ୍ପ୍ରଦାୟିକ ଷଡ଼ଯନ୍ତ୍ର ଓ ଧର୍ମୀୟ ଧ୍ରୁବୀକରଣର ରାଜନୀତିକୁ ବର୍ଜନ, ପ୍ରତ୍ୟାଖାନ ଓ ପରାସ୍ତ କରିବା ସହ ଏସବୁ ଦୃଷ୍ଟଶକ୍ତି ପ୍ରତି ସତର୍କ ଓ ସାବଧାନ ରହି ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାକୁ ବଂଚାଇବା ଆଜି ପ୍ରତିଟି ଦେଶପ୍ରେମୀ ବ୍ୟକ୍ତି, ଶକ୍ତି ଓ ସଂଗଠନର ପରମ କର୍ତବ୍ୟ ବୋଲି ପ୍ରଫେସର ଅଗ୍ରୱାଲ କହିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲା ବେଳେ 'ଅକ୍ଷର'ର ସମ୍ପାଦକ ଅମିୟ ପାଣ୍ଡବ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଭାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ଉମାବଲ୍ଲଭ ରଥ, ଏନ୍. ନାରାୟଣ ରେଡ୍ଡି, ପୂର୍ବତନ ବିଧାୟକ ରାଧାକାନ୍ତ ସେଠି, ସ୍ତମ୍ଭକାର ନଟବର ଖୁଂଟିଆ, ଡ. ଧନେଶ୍ୱର ସାହୁ, ଡ. ବିଶ୍ୱଜିତ ରାୟ, ପୂର୍ବତନ ପ୍ରଶାସକ ସୁରେଶ ମନ୍ତ୍ରୀ, ପୂର୍ବତନ ଆଇପିଏସ୍ ଅଫିସର ବଟକୃଷ୍ଣ ତ୍ରିପାଠୀ, କବି କେଦାର ମିଶ୍ର, ଜ୍ୟୋତି ନନ୍ଦ, ପବିତ୍ର ମୋହନ କର, ବିସ୍ମୟ ମହାପାତ୍ର, ମୀର ଅହମ୍ମଦ ଅଲ୍ଲୀ ଏବଂ ଇଂ ନଳିନୀକାନ୍ତ ନାୟକ ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# କରୋନା ବିରୋଧି ଟୀକାକରଣ ଅଭିଯାନରେ ରାଜ୍ୟରେ ଆଜିସୁଦ୍ଧା ଦିଆଗଲାଣି ୬.୬୭ କୋଟିରୁ ଅଧିକ ଟୀକା

ଭୁବନେଶ୍ୱର,୨୦/୦୫ (ନି.ପ୍ର): କରୋନା ବିରୋଧି ଟୀକାକରଣ ଅଭିଯାନରେ ଆଜି ସୁଦ୍ଧା ରାଜ୍ୟରେ ସମୁଦାୟ ୬ କୋଟି ୬୭ ଲକ୍ଷ ୪୧ ହଜାର ୩୯୫ ସଂଖ୍ୟାରେ ଟିକା ଦିଆଗଲାଣି । ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଅନୁସାରେ ଗୁରବାର ସକାଳ ସୁଦ୍ଧା ରାଜ୍ୟରେ ସମୁଦାୟ ଦିଆ ଯାଇଥିବା ଟିକାରୁ ପ୍ରଥମ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୪୬ ଲକ୍ଷ ୧୭ ହଜାର ୦୧୧ ଜଣ ଥିବା ବେଳେ ଦ୍ୱିତିୟ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୦୮ ଲକ୍ଷ ୮୮ ହଜାର ୯୬୮ ଜଣ । ଏହା ସହିତ ବୁଷ୍ଟର ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୧୨ ଲକ୍ଷ ୩୫ ହଜାର ୪୧୬ ଜଣ । ଜିଲ୍ଲା ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରେ ସମୁଦାୟ ୫୯ ଲକ୍ଷ ୧୩ ହଜାର ୬୪୮ ଜଣଙ୍କୁ ଟିକା ଦିଆଯାଇଛି ଯାହା ସବୁ ଜିଲ୍ଲା ମାନଙ୍କଠାରୁ ଆଗରେ ଅଛି ବୋଲି ସୂଚନା ଦିଆଯାଇଛି ।



# ରାଜ୍ୟରେ ବ୍ୟୁରୋକ୍ରାଟ ଶାସନ ଚାଲିଛି : ବିଜେପି

## – ୩୦ମିନିଟର କ୍ୟାବିନେଟ୍ ବୈଠକରେ ୩୨ଟି ପ୍ରସ୍ତାବ ପାରିତ କରି ସମସ୍ତ ନୀତି, ନିୟମକୁ ଜଳାଞ୍ଜଳି ଦେଇଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୨୦/୦୫ (ନି.ପ୍ର): କେବଳ "ଜୀ-ହଜୁର" କହି ଦସ୍ତଖତ କରି କ୍ୟାବିନେଟ ବୈଠକର ଔପଚାରିକତା ପୂରଣ କରାଯାଉଛି । ମନ୍ତ୍ରୀ ପରିଷଦର ସଦସ୍ୟଙ୍କୁ ଯଥେଷ୍ଟ ଆଗରୁ କୌଣସି ସୂଚନା ନଦେଇ ଅତ୍ୟନ୍ତ ତରବରିଆଭାବେ ପ୍ରଶାସନିକ ବାବୁମାନଙ୍କ ଦ୍ୱାରା ପ୍ରସ୍ତୁତ ଦସ୍ତାବିଜକୁ କ୍ୟାବିନେଟ୍ ମୋହର ପ୍ରଦାନ କରାଯାଇଛି ।ଗତକାଲି ଅନୁଷ୍ଠିତ ହୋଇଥିବା ରାଜ୍ୟ କ୍ୟାବିନେଟ୍ ବୈଠକ ମାତ୍ର ୩୦ମିନିଟ ପାଇଁ ହୋଇଥିଲା ଏହି ଅବଧିରେ ଗୁରୁତ୍ୱପୂର୍ଣ୍ଣ ୩୨ଟି ପ୍ରସଙ୍ଗ ଉପସ୍ଥାପନା କରି ସମସ୍ତ ନୀତି, ନିୟମକୁ ଜଳାଞ୍ଜଳି ଦିଆଯାଇଛି ।କେନ୍ଦ୍ରୀୟ ଯୋଜନା ବା କେନ୍ଦ୍ରୀୟ ଅନୁଦାନ ସମ୍ପର୍କରେ କ୍ୟାବିନେଟ ବୈଠକରେ କୌଣସି ସୂଚନା ନରଖିବା ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟରେ ଆଇନର ଶାସନ ଚାଲୁ ନାହିଁ ବରଂ ବ୍ୟୁରୋକ୍ରେଟ ଶାସନ ଚାଲିଛି । ଗତ କାଲିର 'ରାଜ୍ୟ କ୍ୟାବିନେଟ୍ ବୈଠକ ଏବଂ ବୈଠକର ନିଷ୍ପତି' ରାଜ୍ୟବାସୀଙ୍କୁ କେବଳ ପ୍ରତାରିତ ଓ ପ୍ରଲୋଭିତ କରିବା ଉଦ୍ଦେଶ୍ୟ ବୋଲି ବିଜେପି ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଳିୟାରସିଂହ କହିଛନ୍ତି ଯେ ରାଜ୍ୟ ସରକାର ଓଡ଼ିଶାର ଜନସାଧାରଣ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରତାରିତ ଓ ପ୍ରଲୋଭିତ କରୁଛନ୍ତି । ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ମାତ୍ର ୧୨୬ କୋଟି ଟଙ୍କା ସୁଧ ରିହାତି ଦେଇଥିଲାବେଳେ ଆସନ୍ତା ୫ବର୍ଷ ମଧ୍ୟରେ ୧୨ଶହ କୋଟି ଟଙ୍କା କିଭଳି ସୁଧ ରିହାତି ଦେବେ ତାହାହିଁ ପ୍ରଶ୍ନବାଚୀ। ଆଗାମୀ ୫ବର୍ଷରେ ଓଡ଼ିଶାରେ ୬୭୯୮ଗ୍ରାମ ପଂଚାୟତ, ୩୧୪ବ୍ଲକ ଓ ୩୦ଟି ଜିଲ୍ଲାରେ ମିଶନଶକ୍ତି ଭବନ ସ୍ଥାପନା କରିବା କେତେଦୂର ସମ୍ଭବ ତାହା ହିଁ ବିଚାର ଯୋଗ୍ୟ ବୋଲି ଶ୍ରୀ ବଳିୟାରସିଂହ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ରାଜ୍ୟ ସରକାର ମିଶନଶକ୍ତି, ଜଳସେଚନ, ପାନୀୟଜଳ ଯୋଗାଣ ଆଦି ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ସୁନେଲୀ ସ୍ୱପ୍ନ ଦେଖାଉଛନ୍ତି କିନ୍ତୁ ରାଜ୍ୟ ବଜେଟ୍‌ରେ ଅର୍ଥ ନାହିଁ ଏବଂ ଏ ସମସ୍ତ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ। ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ଫେଲ ହୋଇଛନ୍ତି । ଦୁର୍ନୀତିଗ୍ରସ୍ତ ରାଜ୍ୟ ସରକାର କୌଣସି କେନ୍ଦ୍ରୀୟ ଯୋଜନା ନାମ ନନେଇ ବା ଫଳକ ନଲଗାଇ ପ୍ରଧାନମନ୍ତ୍ରୀଙ୍କ ଘୋଷିତ ୨୦୨୪ ସୁଦ୍ଧା 'ନଲ୍ ପେ ଜଲ୍' ଯୋଜନାକୁ ନକଲ କରି ଜଳଯୋଗାଇବା ଘୋଷଣା ହାସ୍ୟାସ୍ପଦ ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି । ସେହିଭଳି ବୃହତ ଜଳସେଚନ ପ୍ରକଳ୍ପ ଗୁଡ଼ିକର ଖର୍ଚ୍ଚ ବା ବ୍ୟୟ ୧୮୨% ରୁ ୪୫୯୬% ବଢ଼ିଥିବା ସଂପର୍କିତ ୨୦୨୨ରେ ପ୍ରକାଶିତ ସଦ୍ୟ ସିଏଜି ରିପୋର୍ଟରୁ ସ୍ପଷ୍ଟ ଅନୁମେୟ। ରାଜ୍ୟ ସରକାରଙ୍କ ଜଳ ସେଚନ ପାଇଁ ଆନ୍ତରିକତା ଓ ଘୋଷଣା ମଧ୍ୟରେ ଆକାଶପାତାଳ ପ୍ରଭେଦ ଥିବା କାରଣରୁ ଆଜି ଓଡ଼ିଶାର ଚାଷୀଙ୍କ ମାସିକ ଆୟ ମାତ୍ର ୫୧୧୨ଟଙ୍କା। ମୋଟାମୋଟି ଭାବେ ଦେଖିବାକୁ ଗଲେ କ୍ୟାବିନେଟ ବୈଠକ ଏକ ଔପଚାରିକତା ଓ ମନ୍ତ୍ରୀ ପରିଷଦର ସଦସ୍ୟମାନେ କିଛି ଜାଣୁନାହାନ୍ତି କିମ୍ବା ଜାଣିବାର ସୁଯୋଗ ନାହିଁ ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ, ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଜନଲାର ଓଡିଆ ସହିଦ

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଫ୍ରେଡେରିକ କୁପରଙ୍କ ନରସଂହାର ବିରୋଧରେ ୧୪ମାର୍ଚ୍ଚ ୧୮୫୯ରେ ବ୍ରିଟିସ ସଂସଦରେ ଚାର୍ଲସ ଗିଲପିନ ମାମଲା ଉଠାଇଥିଲେ । ଡେଷ୍ଟ୍ରକସନ ଅଫ୍ ଦି ଟ୍ୱେଣ୍ଟି ସିକ୍ସଥ ନେଟିଭ ଇନ୍‌ଫାଣ୍ଟ୍ରି ଅବଜରଭେସନ ଭାଷଣରେ ସେ କହିଥିଲେ ଯେ ଅତି ଜଘନ୍ୟ ଭାବେ ସହ ଯବାନମାନଙ୍କୁ ହତ୍ୟା କରାଯାଇଥିଲା । ସେମାନଙ୍କ ବିରୋଧରେ ଅଭିଯୋଗପତ୍ର ନଥିଲା । ଏତେ ନିଷ୍ଠୁର କେମିତି ଲୋକ ହୋଇପାରେ ବୋଲି ସେ ପ୍ରଶ୍ନ କରିଥିଲେ । ପ୍ରଥମେ ଏହାକୁ ୧୯୪୭ର ଦଙ୍ଗାରେ ମୃତ୍ୟୁବରଣ କରିଥିବା ଲୋକେ ବୋଲି ପ୍ରଚ୍ଚର କରାଯାଇଥିଲା । କିନ୍ତୁ ପ୍ରାଧ୍ୟାପକ ଶେରାୱତ ମୃତ କଙ୍କାଳଗୁଡିକ ୨୧ରୁ ୪୯ ବୟସ୍କ ଏବଂ ହାରାହାରି ୩୩ବର୍ଷ ବୋଲି କହିଥିଲେ । କଙ୍କାଳଗୁଡିକ ପାଖରୁ ୧୭୯୯, ୧୮୦୬, ୧୮୪୧, ୧୮୫୩, ୧୮୫୬ ମୁଦ୍ରା ସମେତ ମହାରାଣୀ ଭିକ୍ଟୋରିଆ ଚିହ୍ନ ମିଳିଥିଲା । କୁହାଯାଏ ଯେ ୩୦ ଜୁଲାଇ ୧୮୫୭ରେ ୨୬ତମ ଇନ୍‌ଫାଣ୍ଟ୍ରି ବାଟାଲିଅନର ୬୩୫ ଜଣ ଯବାନ ବିପ୍ଲବରେ ସାମିଲ ହୋଇ କମାଣ୍ଡିଂ ଅଫିସର, ରେଜିମେଣ୍ଟ ସର୍ଜେଣ୍ଟ ମେଜର, ଦୁଇଜଣ ଭାରତୀୟ ଅଧିକାରୀଙ୍କୁ ଗୁଳିକରି କ୍ୟାମ୍ପ ଛାଡି ଦେଇଥିଲେ । ସେମାନଙ୍କୁ ଧରିବା ପାଇଁ ଲାହୋର ଏବଂ ଅମୃତସରରୁ ବ୍ରିଟିଶ ସେନାଙ୍କୁ ପଠାଯାଇଥିଲା । ସିପାହୀଙ୍କୁ ରାବୀ ନଦୀ କୂଳରେ ଦେଖି ଶିଖ୍ ଗ୍ରାମବାସୀ ତହସିଲଦାର ପ୍ରାମନାଥଙ୍କୁ ସୂଚନା ଦେଲା ପରେ ସ୍ଥାନୀୟ ପୁଲିସ ଓ ଗ୍ରାମବାସୀଙ୍କ ସହାୟତାରେ ନାଥଙ୍କ ବାହିନୀ ୧୫୦ଜଣଙ୍କୁ ଗୁଳିକରି ମାରି ଥିଲେ । କେତେକ ଖସିଯିବାକୁ ସମର୍ଥ ହୋଇଥିଲେ ହେଁ ପ୍ରାୟ ୨୦୦ରୁ ଅଧିକ ସିପାହୀ ନଦୀ ପହଁରି ଏକ ଛୋଟ ଚଡା ବା କୁଦ ଉପରେ ପହଞ୍ଚିଥିଲେ । ସେମାନଙ୍କୁ ଚ୍ଚରିପାଖରୁ ଘେରି ବ୍ରିଟିସସେନା ଗିରଫ କରି ଅଜନଲାକୁ ଆଣିଥିଲେ । କାଲିୟାଁ ୱାଲା କୂପ ଉପରେ ମାଟିର ଗଦା ୧୯୫୭ ବେଳକୁ ଦେଖାଯାଉଥିଲା । ତତ୍କାଳୀନ ପଞ୍ଜାବ ମୁଖ୍ୟମନ୍ତ୍ରୀ ପ୍ରତାପସିଂହ କୈରୋଁଙ୍କ ଉପସ୍ଥିତିରେ ସେହି ସ୍ଥାନରେ ସିପାହୀ ଆନ୍ଦୋଳନର ଶତବାର୍ଷିକୀ ପାଳିତ ହୋଇଥିଲା । ୧୯୭୨ରେ କୂଅ ଉପରେ ଅଜନଲା ଲୋକେ ଏକ ଗୁରୁଦ୍ୱାର ନିର୍ମାଣ କଲେ । ୨୦୦୭ରେ ସିପାହୀ ଆନ୍ଦୋଳନର ୧୫୦ ବାର୍ଷିକୀ ମଧ ଗୁରୁଦ୍ୱାରରେ ପାଳିତ ହୋଇଥିଲା । କିନ୍ତୁ ୨୦୧୨ରେ ଅଜନଲା ଲୋକେ ସହିଦଙ୍କ ଅବଶେଷର ଉଦ୍ଧାର ପାଇଁ ଏକ କମିଟି ଗଠନ କରି ପଞ୍ଜାବ ସରକାର, ଏଏସ୍‌ଆଇ, କେନ୍ଦ୍ର ସରକାରଙ୍କୁ ଉତ୍ଖନନ ପାଇଁ ଅନୁରୋଧ କଲେ ମଧ କିଛି ଫଳ ନ ମିଳିବା ଯୋଗୁ ଜନସାଧାରଣ ୨୮ ଫେବୃଆରୀ ୨୦୧୪ରେ ନିଜ ପ୍ରୟାସରେ ଉତ୍ଖନନ କାର୍ଯ୍ୟ ଆରମ୍ଭ କରିଥିଲେ । ଓଡିଶା ସରକାର ଏବଂ ଗବେଷକଗଣ ଅଜନଲାର ଅଜଣା ଓଡିଆ ସହିଦ ସିପାହୀଙ୍କ ପରିଚୟ ଖୋଜିବାକୁ ପ୍ରୟାସ କରିବା ଆବଶ୍ୟକ । ସେମାନଙ୍କୁ ଓଡିଶା ଇତିହାସରେ ସ୍ଥାନ ଦେବାପାଇଁ ଉଦ୍ୟମ ହେବା ଉଚିତ୍ ।

ଭାରତୀୟ ସମ୍ବାଦ ସେବା (ଭାସ୍) ଭୁବନେଶ୍ୱର-୭୫୧୦୦୩

## ମୃତ ଶିଳ୍ପର ଛାଇ

(ପୃଷ୍ଠା-୪ର ଅବଶିଷ୍ଟାଂଶ) ସମସ୍ତଙ୍କ ଅଲକ୍ଷରେ କେତୋଟି ପିଢି କ୍ରମଶଃ ଦୁର୍ବଳ ଓ ନିଃଶେଷ ହେଉଥାନ୍ତି । ରାଜ୍ୟରେ ଏମିତି ଅନେକ ମୃତ ଶିଳ୍ପାଂଚଳ ଓ ତାର ଛାଇ ଦେଖି ଲାଗେ, ବିକାଶ ପାଇଁ ଶିଳ୍ପାୟନ ପ୍ରକ୍ରିୟା ସଂପୂର୍ଣ୍ଣ ସଫଳ ହୋଇନାହିଁ । ଯେଉଁଥିପାଇଁ ଓଡିଶା ଭଳି ପ୍ରାକୃତିକ ଖଣୀଜ ସଂପଦଭରା ରାଜ୍ୟର ମୋଟ ଜିଡିପିରେ ନିର୍ମାଣ କ୍ଷେତ୍ରର ଅବଦାନ ଦିନକୁ ଦିନ ଖସିବାରେ ଲାଗିଛି । ଯଦିଓ ଓଡିଶାର ମୋଟ ରପ୍ତାନିର ୮୪% ରପ୍ତାନି ହେଉଛି, ପ୍ରାଇମେରୀ ଗ୍ରେଡ୍ ଲୁହାପଥର ଓ ବକ୍ସାଇଟ୍ ତେବେ ଏଥିରେ ରାଜ୍ୟ କି ରାଜ୍ୟବାସୀଙ୍କ କିଛି ଲାଭ ହେଉନାହିଁ । ଏହି ରପ୍ତାନି ପ୍ରତିବଦଳରେ ଶିଳ୍ପ ପ୍ରତିଷ୍ଠା ଓ ସେମାନଙ୍କ ସୁରକ୍ଷା ଅନେକ ନିଯୁକ୍ତି ଓ ସମ୍ଭାବନା ସୃଷ୍ଟି କରି ପାରନ୍ତା । କିନ୍ତୁ ଓଡିଶାରେ ଲୁହାପଥର ରୁ ଷ୍ଟିଲ୍ ବା ଅନ୍ୟ ଉପକରଣ ନିର୍ମାଣ ପାଇଁ ସ୍ଥାପିତ ଅଧିକାଂଶ କାରଖାନାର ସ୍ଥିତି ଏବେ ଖୁବ୍ ଗମ୍ଭୀର । ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ୨୦୧୬ ମସିହାରେ ରାଜ୍ୟର ୬୬% ଗ୍ରାମୀଣ ଲୋକ ହେଉଛନ୍ତି ଗରିବ ବା ଆର୍ଥିକ ଦୃଷ୍ଟିରୁ ପଛୁଆ । ତେଣୁ ଓଡିଶାରେ ଦୀର୍ଘସୂତ୍ରୀ ବିକାଶ ପାଇଁ ଅଟୋ କମ୍ପୋନେଣ୍ଟସ୍, ଜେମ୍ସ ଆଣ୍ଡ ଜୁଏଲାରୀ, ଖାଦ୍ୟ ପ୍ରକ୍ରିୟାକରଣ, ପୋଷାକ ନିର୍ମାଣ, ଟେକ୍ସଟାଇଲ ପାର୍କ, ଔଷଧ ଶିଳ୍ପ ଓ ବାୟୋଟେକ ପରି ଶିଳ୍ପ କ୍ଷେତ୍ରରେ ପୁଁ ନିବେଶ ଆବଶ୍ୟକ, ଯେଉଁଥିରେ ଓଡିଶା ସଂପୂର୍ଣ୍ଣ ପଛରେ ଅଛି । କେବଳ ସେତିକି ନୁହେଁ, ରୁଗ୍ଣ ହୋଇ ପଡୁଥିବା ଶିଳ୍ପମାନଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ବି ରହିଛି । ସୁଯୋଗ ଅଭାବରୁ ଓଡିଶାର ଯୁବପିଢି ଭିଟାମାଟି ଛାଡି ଅନ୍ୟ ରାଜ୍ୟରେ ଥିବା ଶିଳ୍ପ ସଂସ୍ଥାରେ କମ୍ ପଇସାରେ କାମ କରିବା ପାଇଁ ବାଧ୍ୟ ହେଉଛନ୍ତି । ଶିଳ୍ପର ଅପମୃତ୍ୟୁ ଏହି ଅବସ୍ଥାକୁ ସଙ୍ଗୀନ କରିବ ନିଶ୍ଚୟ । ଏବେ ୨୦୨୨ ମସିହା, କୋଭିଡ ପରର ଦୃଶ୍ୟ ଆହୁରି ଉତ୍କଟ ଓ ଭୟାବହ । ମୃତ ଶିଳ୍ପର ଛାଇରେ ମଣିଷ ଛଟପଟ ହେଉଥିବା ବେଳେ, ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାର ସ୍ଥିତି କଣ ଓ ଏହାର ଦିଗ ହେଉଁ ଆଡକୁ ବୋଲି ମନରେ ସ୍ୱତଃ ପ୍ରଶ୍ନ ଉଙ୍କି ମାରୁଛି ।

ମୋ: ୭୬୮୪୯୮୯୫୫୭

## ଆତଙ୍କବାଦ ବିରୋଧ ଦିବସ ପାଳିତ

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ପୂର୍ବତଟ ରେଳପଥ ପକ୍ଷରୁ ଏହାର ମୁଖ୍ୟାଳୟ ଭୁବନେଶ୍ୱର ସ୍ଥିତ ରେଳସଦନ ଠାରେ ଏବଂ ଏହାର ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼୍, ସମ୍ବଲପୁର ଓ ୱାଲଟିୟର ଠାରେ ଆତଙ୍କବାଦ ବିରୋଧ ଦିବସ ପାଳନ କରାଯାଇଛି । ଏହି ଅବସରରେ ଅହିଂସା ଓ ସହିଷ୍ଣୁତା ପ୍ରତି ଦୃଢ ବିଶ୍ୱାସ ରଖିବା ଉପରେ ଶପଥ ଗ୍ରହଣ କରାଇଛନ୍ତି ମହାପ୍ରବନ୍ଧକ ଦାୟିତ୍ୱରେ ଥିବା ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ । ଆତଙ୍କବାଦ ଓ ହିଂସାକୁ ବିରୋଧ କରିବା ସହ ଶାନ୍ତି ଓ ସଂହତି ବଜାୟ ରଖିବା ଏବଂ ମାନବ ଜୀବନ ଓ ମୂଲ୍ୟବୋଧ ପ୍ରତି ଧମକ ବିରୋଧରେ ଲଢ଼ିବା ପାଇଁ ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ରେଳପଥର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଶପଥ ପାଠ କରାଇଛନ୍ତି । ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ (ପ୍ରଶାସନ) ଏଲ ଭି ଏସ ଏସ ପାତ୍ରୁଡୁ ଏହି ଶପଥପାଠ ଉତ୍ସବକୁ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଓବିସିଙ୍କୁ ସଂରକ୍ଷଣ ପ୍ରଦାନ....

ଓବିସିବର୍ଗଙ୍କ ସଂଖ୍ୟା ଓ ଅନୁପାତ ସଂପର୍କରେ କେବେ ରିପୋର୍ଟ ଦେବେ କମିଶନ ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାର କମିଶନଙ୍କୁ ପୂର୍ଣ୍ଣ କ୍ଷମତା ଦେଇଛନ୍ତି କି ନାହିଁ ? ଯଦି ଦେଇନାହାନ୍ତି ତାହାଲେ କାହିଁକି ? ପଂଚାୟତ ନିର୍ବାଚନ ସମାପ୍ତ ହେବାର ୪ମାସ ବିତିଯାଇଥିଲେ ସୁଦ୍ଧା ରାଜ୍ୟ ସରକାର କାହିଁକି ପୁନର୍ବାର ଓବିସି ସଂରକ୍ଷଣ ସଂପର୍କରେ କୋର୍ଟର ଦ୍ୱାରସ୍ଥ ହୋଇନାହାନ୍ତି ? ମଧ୍ୟପ୍ରଦେଶ ସଂପର୍କରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଆସିବାର ୩ ଦିନ ବିତିଯାଇଥିଲେ ସୁଦ୍ଧା ଓଡିଶା ସରକାର କାହିଁକି କୌଣସି ତତ୍ପରତା ପ୍ରକାଶ କରିନାହାନ୍ତି । ରାଜ୍ୟ ସରକାର ଓବିସି ବିରୋଧୀ ମନୋଭାବକୁ ପରିତ୍ୟାଗ ନକଲେ ଓବିସି ମୋର୍ଚ୍ଚା ଲୋକଙ୍କ ପାଖକୁ ଯାଇ ଏବଂ ଲୋକମାନଙ୍କ ସହିତ ରାଜରାସ୍ତାରେ ଅନ୍ଦୋଳନ କରିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ଉପସ୍ଥିତ ଥିଲେ ।

## ଜ୍ଞାନବାପୀ ମସଜିଦ୍ ସର୍ଭେ....

ଶିବ ଲିଙ୍ଗ ଥିବା ଦାବି କରୁଛନ୍ତି ହିନ୍ଦୁ ପକ୍ଷ । କାଶୀ ବିଶ୍ୱନାଥ କରିଡର ପାର୍ଶରେ ଥିବା ଏହି ମନ୍ଦିରକୁ ପୂର୍ବରୁ ମୁସଲିମ ଶାସକମାନେ ଭାଙ୍ଗି ସେଠାରେ ସମଜିଦ କରାଯାଇଥିବା ଦାବି କରିଛନ୍ତି ହିନ୍ଦୁ ଧର୍ମାବଲମ୍ବୀ । ହିନ୍ଦୁ ପକ୍ଷର ଓକିଲ ଅଜୟ ମିଶ୍ର । ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ , ସର୍ଭେ ସମୟରେ ମସଜିଦ ପରିସରରୁ କିଛି ହିନ୍ଦୁ ଦେବା ଦେବୀଙ୍କର ଭଗ୍ନମୂର୍ତ୍ତୀ, ତ୍ରିଶୁଳ, ଡମ୍ବରୁ ବାହାରିଛି । ଭଗ୍ନାବଶେଷଗୁଡ଼ିକ ମନ୍ଦିରର ଖଣ୍ଡ ବୋଲି ଜଣାପଡୁଛି । ସେଥିରେ ଶେଷ ନାଗଙ୍କର ଏକ ଭଗ୍ନ ଫଣା ବି ରହିଛି । ସମସ୍ତ ଭଗ୍ନାବଶେଷ ୫୦୦ ରୁ ୬୦୦ ବର୍ଷ ତଳର ବୋଲି ଜଣାପଡ଼ିଥିବା ସେ କହିଛନ୍ତି । ଏହବ୍ୟତୀତ ମସ୍ ?ଜିଦ ଭିତରୁ ମିଳିଥିବା ଏକ ଗୋଲାକୃତି ପଥର ମିଳିଥିବା ବେଳେ ହିନ୍ଦୁ ପକ୍ଷ ଏହାକୁ ଶିବଲିଙ୍ଗ କହୁଛନ୍ତି । କିନ୍ତୁ ମୁସଲମାନ ପକ୍ଷ ଏହାକୁ ଫୱାରା କହୁଛନ୍ତି ।

## ଭାରତ-ଦକ୍ଷିଣ ଆଫ୍ରିକା....

ପ୍ରବେଶ ଉପରେ ବିସିସିଆଇ ଯେଉଁ କଟକଣା ଲଗାଇଥିଲା, ତାହା ଗତକାଲି ହଟାଇ ଦେଇଛି । ତେଣୁ ଜୁନ୍ ୧୨ରେ ବାରବାଟୀରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଂଟି ମ୍ୟାଚ୍ ପୂର୍ଣ୍ଣ ଦର୍ଶକୀୟ କ୍ଷମତାରେ ହେବ । ଉଲ୍ଲେଖନୀୟ ଯେ ଜୁନ୍ ୯ରୁ ୧୯ ଯାଏ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ଟିକିଆ ଟି-୨୦ ସିରିଜ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ଦିଲ୍ଲୀରେ ଖେଳାଯିବାକୁ ଥିବା ବେଳେ ୧୨ ତାରିଖରେ ହେବାକୁ ଥିବା ଦ୍ୱିତୀୟ ଟି-୨୦ ବାରବାଟୀରେ ଅନୁଷ୍ଠିତ ହେବ । ଜୁନ୍ ୧୪ରେ ବିଶାଖାପଟନମରେ ତୃତୀୟ, ଜୁନ୍ ୧୭ରେ ଗୁଜରାଟରେ ଚତୁର୍ଥ ଓ ଜୁନ୍ ୧୯ରେ ବେଙ୍ଗାଲୁରୁରେ ପଂଚମ ମ୍ୟାଚ୍ ଖେଳାଯିବ ।

## ବ୍ରଜରାଜନଗର ବିଧାନସଭା....

ନିମନ୍ତେ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ପଞ୍ଜାବ କ୍ୟାଡରର ୨୦୧୦ ବ୍ୟାଚ୍ ର ଆଇଏଏସ୍ ଅଧିକାରୀ ଶ୍ରୀମତୀ ମାଧବୀ କଟାରିଆ ଏବଂ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ୨୦୦୮ ବ୍ୟାଚ୍ ର ବରିଷ୍ଠ ଆଇଆରଏସ୍ ଅଧିକାରୀ ଏନ୍. ଅଶୋକ ବାବୁ ଜିଲ୍ଲାରେ ପହଂଚି ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ ଲାଗି କାର୍ଯ୍ୟ ଆରମ୍ଭ କରିଛନ୍ତି । ସେ କହିଛନ୍ତି ଯେ ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟରମାନଙ୍କ ନିମନ୍ତେ ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟଦେବାର ବ୍ୟବସ୍ଥା କରାଯାଇଛି । ବ୍ରଜରାଜନଗର ବିଧାନସଭା ଉପନିର୍ବାଚନରେ ସଂରକ୍ଷିତ ପୋଲିଂ କର୍ମଚାରୀଙ୍କୁ ମିଶାଇ ମୋଟରେ ୧୩୯୬ ଜଣ ପୋଲିଙ୍ଗ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଗୋଟିଏ ବୁଥ୍ ପାଇଁ ପୁଲିଙ୍ଗ ଦଳରେ ଜଣେ ପ୍ରଜାଇଡିଂ ଅଫିସରଙ୍କ ସହ ତିନିଜଣ ପୁଲିଙ୍ଗ ଅଫିସର ରହି ସୁରୁଖୁରୁରେ ମତଦାନ ଗ୍ରହଣ କରିବେ । ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲଠାରେ ଭୋଟଗ୍ରହଣ ନିମନ୍ତେ ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର ଓ ମତଦାନ ପରେ ଇଭିଏମ୍ ଏବଂ ଭିଭିପ୍ୟାଟ୍ ଗ୍ରହଣ କେନ୍ଦ୍ର ସହ ଷ୍ଟ୍ରଙ୍ଗରୁମ୍ ସ୍ଥାପନା ଓ ଭୋଟଗଣତି କେନ୍ଦ୍ର କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଉପନିର୍ବାଚନକୁ ଅବାଧ, ମୁକ୍ତ ଓ ସ୍ୱଚ୍ଛ କରିବା ନିମନ୍ତେ ପ୍ରଶାସନ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଲାଇସେନ୍ସପ୍ରାପ୍ତ ୧୭୦ ଗୋଟି ଅସ୍ତ୍ରଶସ୍ତ୍ର ଜବତ କରାଯିବା ସହ ଭାରତୀୟ ପିଙ୍ଗଳକୋର୍ଡ ଧାରା ୧୦୭ ଓ ୧୧୬ ଅନୁସାରେ ୧୦୪୮ ଜଣଙ୍କୁ ଅଟକ ରଖାଯାଇଛି, ୭୧ ଜଣ ବ୍ୟକ୍ତିଙ୍କ ନାମରେ ଜାମିନବିହୀନ ୱାରେଣ୍ଟ ଜାରି କରାଯାଇଛି ଓ ୮୩୫ ଲିଟର ମଦ ଜବତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଉପନିର୍ବାଚନରେ ପ୍ରାର୍ଥୀମାନଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚର ତଦାରଖ କରିବା ପାଇଁ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ ସର୍ଭିଲାନ୍ସ ଟିମ୍ ଯଥା-୨ଟି ଭିଏସ୍‌ଟିଏସ୍, ୫ଟି ଏସ୍‌ଏସ୍‌ଟି, ଗୋଟିଏ ଭିଭିଟି, ୬ ଟି ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଟିମ୍ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ଉପନିର୍ବାଚନ ନିମନ୍ତେ ଜିଲ୍ଲା ପ୍ରଶାସନ ଦ୍ୱାରା ୬୧ ଜଣ ମାଇକ୍ରୋ ଅବଜରଭରଙ୍କୁ ନିଯୁକ୍ତ କରାଯାଇଛି ଓ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ମତଦାନ ଦିନ ୫୦ ପ୍ରତିଶତ ବୁଥ୍ ରେ ୱେବ୍‌କାଷ୍ଟିଂ କରାଯିବା ପାଇଁ ସ୍ଥିର କରାଯାଇଛି । ଏତଦ୍ ବ୍ୟତୀତ ଦରକାର ପଡ଼ିଲେ ବୁଥ୍ ରେ ଭିଡ଼ିଓଗ୍ରାଫି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନଠାରୁ ନିର୍ବାଚନ ସଂପର୍କିତ ତଥ୍ୟ ଜାଣିବା ପାଇଁ ଜନସାଧାରଣଙ୍କ ପାଇଁ ଜିଲ୍ଲାରେ ନିଶୁଳ୍କ ଟେଲିଫୋନ୍ ନଂ-୧୯୫୦ କାର୍ଯ୍ୟକରୁଛି । ଉପନିର୍ବାଚନ ଭୋଟଗ୍ରହଣ ପୂର୍ବରୁ ପ୍ରତ୍ୟେକ ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ଭୋଟରମାନଙ୍କୁ ମତଦାନ କେନ୍ଦ୍ର ଓ ଭୋଟର ତାଲିକାର କ୍ରମିକ ସଂଖ୍ୟା ଥିବା ଭୋଟର ସ୍ଲିପ୍ ପ୍ରଦାନ କରିବେ । ଫଳରେ ଅଧିକ ସଂଖ୍ୟକ ଭୋଟରମାନେ ମତଦାନ କେନ୍ଦ୍ରକୁ ଆସି ମତଦାନ କରିବେ । ଦିବ୍ୟାଙ୍ଗ ଭୋଟରମାନଙ୍କ ମତଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

# କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମରଙ୍କ ଉପସ୍ଥିତିରେ ବିଶ୍ୱ ମହୁମାଛି ଦିବସ ପାଳିତ



ଭୁବନେଶ୍ୱର, ୧୯/୦୫ (ନି.ପ୍ର): ବିଶ୍ୱ ମହୁମାଛି ଦିବସ ଆଜି ବହୁତ ଉତ୍ସାହର ସହିତ ପାଳନ କରାଯାଇଛି । ଏହି ଅବସରରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂହ ତୋମରଙ୍କ ଉପସ୍ଥିତିରେ ଗୁଜୁରାଟର ନର୍ମଦା ସ୍ଥିତ ଏକତାନଗରର ଟେଣ୍ଟ ସିଟି-୨ରେ ଏକ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶ୍ରୀ ତୋମର କାର୍ଯ୍ୟକ୍ରମ ସ୍ଥଳରେ ପୁଲୱାମା, ବାନ୍ଦିପୁରା ଏବଂ ଜାମ୍ମୁ କାଶ୍ମୀରର ଜମ୍ମୁ, କର୍ଣ୍ଣାଟକର ତୁମକୁର, ଉତ୍ତରପ୍ରଦେଶର ସାହାରଣପୁର, ମହାରାଷ୍ଟ୍ରର ପୁଣେ ଏବଂ ଉତ୍ତରାଖଣ୍ଡରେ ମହୁ ପରୀକ୍ଷଣ ଲାବୋରେଟୋରୀ ଏବଂ ପ୍ରକ୍ରିୟାକରଣ କେନ୍ଦ୍ର ସହିତ ଏକ ପ୍ରଦର୍ଶନୀକୁ ଗୁଜୁରାଟରୁ ଭର୍ଚୁଆଲ ମୋଡରେ ଉଦଘାଟନ କରିଛନ୍ତି । ଶ୍ରୀ ତୋମର ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ଆଲୋଚନା ସମୟରେ ବିଭିନ୍ନ ରାଜ୍ୟର ମହୁଚାଷୀମାନେ କହିଛନ୍ତି ଯେ, ଏଭଳି ଅତିରିକ୍ତ କାର୍ଯ୍ୟକଳାପ ହେତୁ ସେମାନଙ୍କର ଆୟ ଯଥେଷ୍ଟ ବୃଦ୍ଧି ପାଇଛି । ଶ୍ରୀ ତୋମର କହିଛନ୍ତି, କ୍ଷୁଦ୍ର ଚାଷୀଙ୍କୁ ସଶକ୍ତ କରିବା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଲକ୍ଷ୍ୟ । ସେ କହିଛନ୍ତି ଯେ ଭାରତ ଜନସଂଖ୍ୟାର ପ୍ରାୟ ୫୫ ପ୍ରତିଶତ ଗ୍ରାମାଞ୍ଚଳରେ ରହୁଛନ୍ତି ଏବଂ ଗ୍ରାମାଞ୍ଚଳର ଅଧାରୁ ଅଧିକ ଲୋକଙ୍କର ପ୍ରଗତି ହୋଇପାରିଲେ ଆମ ଦେଶ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ସହିତ ଅଗ୍ରଗତି କରିବ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦେଶରେ କୃଷି କ୍ଷେତ୍ରରେ ବିପ୍ଳବ ଆଣିବା ପାଇଁ ସରକାର ଅତ୍ୟନ୍ତ ଗମ୍ଭୀରତାର ସହ କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ତୋମର କହିଛନ୍ତି । ଭାରତ ସରକାର ଦେଶରେ ବିଶ୍ୱ ସ୍ତରୀୟ ପରୀକ୍ଷାଗାରମାନ ସ୍ଥାପନ କରିଛନ୍ତି । କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଯୋଜନାରେ 'ଜାତୀୟ ମହୁମାଛିପାଳନ ଏବଂ ମହୁ ମିଶନ" ଅନ୍ତର୍ଗତ ୫ ଟି ବଡ ଆଞ୍ଚଳିକ ଏବଂ ୧୦୦ ଟି ଛୋଟ ମହୁ ଏବଂ ଅନ୍ୟାନ୍ୟ ମହୁମାଛି ଉତ୍ପାଦ ପରୀକ୍ଷଣ ଲାବୋରେଟୋରୀ ପ୍ରତିଷ୍ଠାପାଇଁ ଲକ୍ଷ୍ୟ ରହିଛି, ସେଥିମଧ୍ୟରୁ ୩ ଟି ବିଶ୍ୱ ସ୍ତରୀୟ ଅତ୍ୟାଧୁନିକ ଲାବୋରେଟୋରୀ ସ୍ଥାପନ କରାଯାଇଛି । ଅନ୍ୟ ୨୫ ଟି ଛୋଟ ଲାବୋରେଟୋରୀ ପ୍ରତିଷ୍ଠା ପ୍ରକ୍ରିୟାରେ ଅଛି । କ୍ଷୁଦ୍ର ଚାଷୀଙ୍କୁ ମହୁ ପରୀକ୍ଷା ପାଇଁ ଅଧିକ ଯାତ୍ରା କରିବାକୁ ପଡ଼ିବ ନାହିଁ ବୋଲି ଉଦ୍ୟମ କରାଯାଉଛି । ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ ପାଇଁ ଭାରତ ସରକାର ମଧ ସହାୟତା ପ୍ରଦାନ କରୁଛନ୍ତି । ଦେଶରେ ୧.୨୫ ଲକ୍ଷ ମେଟ୍ରିକ ଟନରୁ ଅଧିକ ମହୁ ଉତ୍ପାଦନ ହେଉଛି, ଯେଉଁଥିରୁ ୬୦ ହଜାର ମେଟ୍ରିକ ଟନରୁ ଅଧିକ ପ୍ରାକୃତିକ ମହୁ ରପ୍ତାନି ହେଉଛି । ବିଶ୍ୱ ବଜାରକୁ ଆକର୍ଷିତ କରିବା ପାଇଁ ଘରୋଇ ମହୁର ଗୁଣମାନରେ ଉନ୍ନତି ଆଣିବା ପାଇଁ ଭାରତ ସରକାର ଏବଂ ରାଜ୍ୟ ସରକାର ମିଳିତ ପ୍ରୟାସ କରୁଛନ୍ତି ଏବଂ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗ କରି ମହୁ ଉତ୍ପାଦନ ପାଇଁ ମହୁଚାଷୀଙ୍କ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦେଉଛନ୍ତି । ଶ୍ରୀ ତୋମାର କହିଛନ୍ତି ଯେ ଯେତେବେଳେ ଶ୍ରୀ ମୋଦୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ ସେ ଗୁଜରାଟର ବିକାଶରେ ନୂତନ ଦିଗ ସ୍ଥିର କରିଥିଲେ । ଦାରିଦ୍ର୍ୟ ଦୂରୀକରଣ, ରୋଜଗାର ସୃଷ୍ଟି, ସ୍ୱାସ୍ଥ୍ୟ ସୁବିଧା ବିକାଶ, କୃଷକମାନଙ୍କୁ ଜଳସେଚନର ପର୍ଯ୍ୟାପ୍ତ ଉପଲବ୍ଧତା ଦୃଷ୍ଟିରୁ ଗୁଜୁରାଟ ମୋଦୀ ଜିଙ୍କ ନେତୃତ୍ୱରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସଫଳ ହୋଇଥିଲା । ଅନ୍ୟମାନଙ୍କ ପାଇଁ ଗୁଜୁରାଟର ବିକାଶ ଏକ ଆଦର୍ଶ ପାଲଟିଛି । ଶ୍ରୀ ତୋମାର କହିଛନ୍ତି ଯେ ଦେଶରେ ଅସମାନତା ସମାପ୍ତ ହେବା ଉଚିତ ଏବଂ ସେଠାରେ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ବଢାଇବା ପାଇଁ ଗରିବ ଲୋକଙ୍କ ଜୀବନଧାରଣରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ଏବଂ ଏହି ଦିଗରେ କାର୍ଯ୍ୟ କରିବାକୁ ଭାରତ ସରକାର ପ୍ରତିବଦ୍ଧ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗୋଟିଏ ପରେ ଗୋଟିଏ ଗଠନମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନା କାର୍ଯ୍ୟକାରୀ ହେଉଛି । ଜନ ଧନ ଆକାଉଣ୍ଟ ଖୋଲିବା ପରେ ଆଜି ସୁଦ୍ଧା ବ୍ୟାଙ୍କରେ ୪୩ କୋଟିରୁ ଅଧିକ ଲୋକଙ୍କ ଆକାଉଣ୍ଟ ଖୋଲିବା ସହିତ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସାମିଲ ହୋଇଛନ୍ତି । ଏହି ଆକାଉଣ୍ଟଗୁଡିକ ଜିରୋ ବାଲାନ୍ସରେ ଖୋଲାଯାଇଥିଲା, ଯେଉଁଥିରେ ୧.୪୬ ଲକ୍ଷ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା, ଯାହା ଦେଶର ଅର୍ଥନୀତିକୁ ମଜବୁତ କରିଥିଲା । କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ସେହିଭଳି ଦେଶର କ୍ଷୁଦ୍ର ଚାଷୀମାନେ ଏଫ୍‌ପିଓ ଏବଂ ହନି ମିଶନ ଭଳି ଯୋଜନା ଉପରେ ଧ୍ୟାନ ଦେଇଛନ୍ତି ।

## ଏସିଆ ବୁକ୍ ଅଫ ରେକର୍ଡରେ ଅଢ଼େଇ ବର୍ଷର ବାଳକ ଆୟୁଷ

ନୀଳଗିରି, ୨୦/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରସାଲପୁର ପଂଚାୟତର ଚଣ୍ଡିପୁର ଗ୍ରାମର ହରିଶଚନ୍ଦ୍ର ଜେନା ଓ ସସ୍ମିତା ଜେନାଙ୍କ ଅଢ଼େଇବର୍ଷର ପୁଅ ଆୟୁଷ ୨୦୨୨ ମସିହା ଏପ୍ରିଲ ମାସରେ ଏସିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି । ଏହା ପୂର୍ବରୁ କୁନିପୁଅ ଆୟୁଷ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ମଧ ସ୍ଥାନ ପାଇ ଜିଲ୍ଲା ପାଇଁ ଗର୍ବ ଗୌରବ ଆଣିଥିଲେ । କୁନିପିଲା ଆୟୁଷର ମାମୁଁ ଘର ନୀଳଗିରି ବେଗୁନିଆ ତୋଟାପଡ଼ା ଗ୍ରାମର ହୋଇଥିବା ବେଳେ ମାଆ ଜଣେ ଗୃହିଣୀ , ବାପା ହରିଶ ଏକ ଘରୋଇ କମ୍ପାନୀରେ ଚାକିରି କରିଛନ୍ତି । ଅଢ଼େଇ ବର୍ଷର ଆୟୁଷ ୧୮ଟି ମହାମୃତ୍ୟୁଞ୍ଜୟ ମନ୍ତ୍ର, ଜାତୀୟ ସଂଗୀତ, ୧୮ଟି ପୌରାଣିକ ବହି, ୧୬ଟି ପ୍ରାଣୀଙ୍କ ନାମ, ଏ ରୁ ଜେଡ୍ ପର୍ଯ୍ୟନ୍ତ ୨୬ଟି ୱାର୍ଡ କହିବା ଆଦି ପ୍ରତିଯୋଗିତାରେ ସୀମିତ ସମୟ ଭିତରେ ନିଜ ପ୍ରତିଭାର ରେକର୍ଡ କରିଛନ୍ତି ।୨୧ ସେକେଣ୍ଡରେ ୨୮ଟି ରାଜ୍ୟର ରାଜଧାନୀ କହିଥିବା ବେଳେ ଏସିଆ ବୁକ୍ ଅଫ ରେକର୍ଡରେ ଗତ ଏପ୍ରିଲ ମାସରେ ସ୍ଥାନ ପାଇ ଅଚଂଳରଗୌରବ ଆଣିଥିବା ବେଳେ କୁନି ପୁଅ ଆୟୁଷର ଉତରତର କାମନା କରିଛନ୍ତି ।

## ଖୋଲିଲା ଧାନ ମଣ୍ଡି : ଜିଲ୍ଲାର ୩୫ହଜାର ଚାଷୀ ହେବେ ଉପକୃତ

ଜଳେଶ୍ୱର, ୨୦/୫ (ନି.ପ୍ର): ବାଲେଶ୍ୱର ଜିଲାରେ ୫ଟି କୃଷି ଜିଲା ଥିବା ବେଳେ ଜଳେଶ୍ୱର କୃଷି ଜିଲାରେ ସର୍ବାଧିକ ଧାନଚାଷ ହୋଇଥାଏ । ତଥ୍ୟ ଅନୁଯାୟୀ ଜଳେଶ୍ୱର ବ୍ଲକରେ ୮ହଜାର ହେକ୍ଟର, ଭୋଗରାଇରେ ୧୨୫୦୦ ହେକ୍ଟର ଓ ବାଲିଆପାଳରେ ୪ହଜାର ହେକ୍ଟର ଜମି ଚାଷ ହୋଇଛି । ଏଥିରେ ପ୍ରାୟ ୨୮ଶହ ଚାଷୀ ଧାନ ବିକ୍ରିଲାଗି ନାମ ପଂଜିକରଣ କରିଛନ୍ତି । ଏହି ୩ଟି ବ୍ଲକରୁ ପ୍ରାୟ ୧୪ଲକ୍ଷ କ୍ୱିଣ୍ଟାଲ ଧାନ ଅମଳ ହୋଇଥିବା ବେଳେ ସରକାର ସେଥିରୁ କେତେ କ୍ରୟ କରିବେ ତାହା ସ୍ପଷ୍ଟ ହୋଇ ନାହିଁ । କିନ୍ତୁ ବାଲେଶ୍ୱର ଜିଲାରେ ପ୍ରାୟ ୩୫ହଜାର ଚାଷୀ ପଂଜିକରଣ କରିଥିବା ଜଣାଯାଇଛି । ଏଥିରୁ ବାହାନଗା ବ୍ଲକରେ ୧୦ଟି ପ୍ୟାକ୍ସରେ ୭୩୦ ଜଣ, ବାଲିଆପାଳରେ ୨୬ଟି ପ୍ୟାକ୍ସ ୭୩୫୦ଜଣ, ବସ୍ତାରେ ୧୨ଟି ପ୍ୟାକ୍ସରେ ୪୭୫୦ଜଣ, ଭୋଗରାଇରେ ୧୯ଟି ପ୍ୟାକ୍ସରେ ୧୨୦୫୦ଜଣ, ଜଳେଶ୍ୱରରେ ୧୯ଟି ପ୍ୟାକ୍ସରେ ୮୦୦୦ ଜଣ, ଖଇରାରେ ୪ଟି ପ୍ୟାକ୍ସରେ ୪୫୪ଜଣ, ନୀଳଗିରିରେ ୨ଟି ପ୍ୟାକ୍ସରେ ୮୦ଜଣ, ଔପଦାରେ ୧ଟି ପ୍ୟାକ୍ସରେ ୧୬ଜଣ, ରେମୁଣାରେ ୧୦ଟି ପ୍ୟାକ୍ସରେ ୩୭୫ଜଣ, ବାଲେଶ୍ୱର ସଦରରେ ୧୪ଟି ପ୍ୟାକ୍ସରେ ୧୧୭୦ଜଣ, ସିମୁଳିଆରେ ୨ଟି ପ୍ୟାକ୍ସରେ ୭୫ଜଣ ଓ ସୋରରେ ୧ଟି ପ୍ୟାକ୍ସରେ ୬୫ଜଣ ଚାଷୀ ନାମ ପଂଜିକରଣ କରିଛନ୍ତି । ଧାନର ସରକାରୀ ସହାୟକ ମୂଲ୍ୟ ୧୮୬୫ଟଙ୍କା ଥିବା ବେଳେ ବଜାରରେ ଏହା ୧୨ଶହ ଟଙ୍କାରେ ବିକ୍ରି ହେଉଛି । ଆଜି ବିଭିନ୍ନ ପ୍ୟାକ୍ସ ଖୋଲା ଯାଇଥିବାରୁ ଚାଷୀଙ୍କ ମୁହଁରେ ହସ ଖେଳିଛି ।

## ସାଉଁଣ୍ଡିଆରେ ଯୁବ ମହୋତ୍ସବ : ଗୋଷ୍ଠୀ ସମ୍ପ୍ରଦାୟ ମଧ୍ୟରେ ସେତୁ ସୃଷ୍ଟି କରେ ମହୋତ୍ସବ



ଖଇରା, ୨୦/୦୫ (ନି.ପ୍ର): ଖଇରା ବ୍ଲକ ମାଖନପୁର ପଞ୍ଚାୟତ ସାଉଁଣ୍ଡିଆ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଚନ୍ଦନଯାତ୍ରା ପାଳନ ଉପଲକ୍ଷେ ଯୁବ ମହୋତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଯୁବନେତା ନୀଳମାଧବ ପଣ୍ଡା ମୁଖ୍ୟ ଅତିଥି ,ଭାଜପା ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ତୁଡିଗଡିଆ ମଣ୍ଡଳର ସଭାପତି ମହେଶ୍ୱର ନାଥ, ସିମୁଳିଆର ପୂର୍ବତନ ବ୍ଲକ ଅଧକ୍ଷ ରମୁ ପଟ୍ଟନାୟକ , ମଣ୍ଡଳ ପ୍ରଭାରି ଅଜୟ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଏଭଳି ମହୋତ୍ସବ ବିଭିନ୍ନ ଗୋଷ୍ଠୀ ସମ୍ପ୍ରଦାୟ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରେ ବୋଲି କହିଥିଲେ । ମାଖନପୁର ପଞ୍ଚାୟତ ସଭାପତି ଆନନ୍ଦ ନାୟକ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଜନସାଧାରଣଙ୍କର ମନୋରଞ୍ଜନ କାର୍ଯ୍ୟକ୍ରମ କରି ମନମୁଗୁଧ କରିଥିଲେ । ସୋର ପାଣ୍ଡବ ଭାଇଙ୍କ ଅନନ୍ୟା ଅର୍କେଷ୍ଟ୍ରା । କଳାକାର ନୃତ୍ୟ ସଙ୍ଗୀତ ବର୍ଷା ଦର୍ଶକଙ୍କୁ ଭରପୁର ଆନନ୍ଦ ଦେଇଥିଲା । ବିଜୟା ଲକ୍ଷ୍ମୀ ଦାସ ଓ ବର୍ଷା ଦାସ ସ୍ୱାଗତ ସଙ୍ଗୀତ ପରିବେଶନ କରିଥିବା ବେଳେ ଆୟିସା ଭୂଇଁୟା ଓଡଶୀ ନୃତ୍ୟ ପରିବେଷଣ କରିଥିଲେ । ମୃତ୍ୟୁଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସାଉଁଣ୍ଡିଆ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସମାଜସେବୀ ଇକ୍‌ବାଲ ଖାଁ ଥିଲେ ଭାଇଚାରାର ଅନ୍ୟତମ ବାର୍ତ୍ତାବହ

ଭଦ୍ରକ, ୨୦/୦୫ (ନି.ପ୍ର): ସମାଜସେବୀ ଇକ୍‌ବାଲ ଖାଁଙ୍କ ବିୟୋଗରେ ରୋଭର୍ସ କ୍ଲବ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଭଦ୍ରକ ପୁରୁଣାବଜାର ଠାରେ ଅନୁଷ୍ଠିତ ହୋଇଥିଲା । କବି ମୁସ୍ତାକ ଗହ୍ୱରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଭଦ୍ରକ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ । ସମାଜସେବୀ ସୁଧାକର ରାଉତ, ମୁଖ୍ୟଅତିଥି ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଡ. ଅଶୋକ ମହାପାତ୍ର, ଗାନ୍ଧି ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ପରିଚାଳକ ହୃଷିକେଶ ମହାନ୍ତି, ପୂର୍ବତନ କାଉନସିଲର ବସୁମିତ୍ରା ସାହୁ, ରୋଭର୍ସ କ୍ଲବର ସମ୍ପାଦକ ହରିପ୍ରସାଦ ନନ୍ଦୀ, ହାଜି ଅନ୍‌ୱର ହୁସେନ, ଲକ୍ଷ୍ମୀଧର ବାରିକ, ରୋଭର୍ସ କ୍ଲବର ସଭାପତି ଅବଦୁଲ କାସିମ, ସେଖ ଅହମ୍ମଦ, ଅବଦୁଲ ମୁକିତ୍, କିରଣ ଗୁଇଁ, ସବର ହାଜି, ସେଖ ନିଜାମୁଦ୍ଦିନ, ଇଂ ମନୱର ହୁସେନ, ସେଖ ହିଜିବୁର, ଇକ୍‌ବାଲ ଖାଁଙ୍କ ଭ୍ରାତା ଶେରଖାନ୍ ମଇବୁବ, ନାତି ମୀର୍ଜା । ଇଜାଜ, ସେକ୍ ଜୁଲଫୁକାର ପ୍ରମୁଖ ସ୍ମୃତିଚାରଣ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ଇକ୍‌ବାଲଙ୍କ ରାଜନୈତିକ ଓ ସାମାଜିକ ଜୀବନର ଅବତାରଣା କରିଥିଲେ ।

## ବରିଷ୍ଠ ନାଗରିକ ମଂଚର ରଜତ ସ୍ମୃତି ସଭା ଓ ନାମ ସଂଜିବନୀ ଆଲୋଚନା ଚକ୍ର



ଜଳେଶ୍ୱର, ୨୦/୫ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶାଳିକୋଠାସ୍ଥିତ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ବିଶିଷ୍ଟ ପଣ୍ଡିତ, ଆଲୋଚକ ଓ ଆଧ୍ୟାତ୍ମୀକ ଚିନ୍ତା ଚେତନାର ମଣିଷ ସ୍ୱର୍ଗତ ରଜତ କରଙ୍କ ପରଲୋକରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହା ସହିତ ଡ. ବୁଦ୍ଧେଶ୍ୱର ପତିଙ୍କ ସଂକଳିତ ନାମ ସଂଜିବନୀ ପୁସ୍ତକର ଆଲୋଚନା ସଭା ଅନୁଷ୍ଠିତ ହୋଇଛି । ରଜତ କରଙ୍କ ଚିନ୍ତା ଚେତନା ଓ ଆଲୋଚନା ଓଡିଆ ଭାଷା, ସାହିତ୍ୟ ଓ ପରମ୍ପରା ଓ ଆଧ୍ୟାତ୍ମିକତାର ପ୍ରତ୍ୟେକଙ୍କର ଚିରସ୍ମରଣୀୟ । ସେଭଳି ଜଣେ ଗୁଣିଗ୍ରାହି ବ୍ୟକ୍ତିଙ୍କ ପରଲୋକଯୋଗୁଁ ଓଡିଆ ସାହିତ୍ୟର ଅପୁରଣୀୟ କ୍ଷତି ହେଲା ବୋଲି ବକ୍ତାମାନେ କହିଛନ୍ତି । ପ୍ରତି ସୋମବାର ନାମ ସଂଜିବନୀ ପୁସ୍ତକର ଆଲୋଚନାଚକ୍ରରେ ବରିଷ୍ଠ ନାଗରିକମାନେ ବିଭିନ୍ନ ଦିଗ ଓ ଦିଗନ୍ତ ସଂପର୍କରେ ଆଲୋଚନା ହେବ ବୋଲି ସ୍ଥିର କରାଯାଇଛି । ଏହି ସଭାରେ ପ୍ରାଧ୍ୟାପକ ସୁଧାଂଶୁ ସେଖର ପ୍ରଧାନ ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ଡା. ପଦ୍ମଲାଭ ପ୍ରଧାନ, ଗଣେଶ ଚନ୍ଦ୍ର ପରିଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶଂକର୍ଷଣ ଭଂଜ, କେଦାର ଚରଣ ଗିରି, ରାମଚନ୍ଦ୍ର ସିଂହ, ଦେବେନ୍ଦ୍ର ନାଥ ଭୁୟାଁ, ଶଶିକାନ୍ତ ପ୍ରଧାନ, ଗଣେଶଚନ୍ଦ୍ର ଗିରି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।


**OFFICE OF THE SUPERINTENDING ENGINEER**
**SORO CANAL DIVISION, SORO**

*****

**TENDER CALL NOTICE NO.SCD-06/2020-21, Dt-21.05.2022**

The superintending Engineer, Soro Canal Division, Soro invites sealed tenders for the following work from the registered Service Providers of state of Odisha to be eventually drawn in PWD F-2 form of contract and will be sold & received in the office of the Superintending Engineer, Soro Canal Division, Soro from **21.05.2022 to 31.05.2022 up to 10.00 A.M.** and will be opened on **Dt. 31.05.2022 at 11.30 A.M.** in the presence of the tenderers or their authorized representatives who may like to be remain present. Tender documents also can be downloaded from Govt. website www.dowrodishagov.in.

| Sl. No. | Name of the work | Amount Put to Tender | E.M.D. cost | Cost of Tender Paper | Class of contractor | Period of Completion |
|---|---|---|---|---|---|---|
| 1 | Supply of labourers for different works for the period from 1st june/2022 to 31st March/2023. | 7,32,692.00 | Bid security declaration | Rs.4000.00 | Service Provider | 10 months |

Other details can be seen from the tender documents.

**Superintending Engineer**
**Soro Canal Division**
**Soro**

OIPR : 32265/11/0001/2223

ଧ୍ୱନି ପ୍ରତିଧ୍ୱନି



# ବାଲେଶ୍ୱର ଜିଲ୍ଲାରେ ରବିଧାନ ସଂଗ୍ରହ ଆରମ୍ଭ

ବାଲେଶ୍ୱର,୨୦/୦୫ (ନି.ପ୍ର): ବାଲେଶ୍ୱର ଜିଲାର ବିଭିନ୍ନ ମଣ୍ଡିରେ ଶୁକ୍ରବାରଠାରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ସଦର ବ୍ଲକ ଅନ୍ତର୍ଗତ ସାରଗାଁ ସମବାୟ ସମିତିରେ ଆୟୋଜିତ ଧାନକିଣା କାର୍ଯ୍ୟକ୍ରମକୁ ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ ଉଦଘାଟନ କରିଥିଲେ । ଚଳିତ ବର୍ଷ ପାଇଁ ଏହି ଧାନ ସଂଗ୍ରହ/କ୍ରୟ ପ୍ରକ୍ରିୟା ଜିଲ୍ଲାର ୧୦୯ଟି ମଣ୍ଡିରେ ଆସନ୍ତା ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲାର ମୋଟ ୩୪ହଜାର ୮୮୧ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଗତ ରବି ଋତୁରେ ଅମଳ ହୋଇଥିବା ଧାନକୁ ଚାଷୀମାନେ ନିକଟସ୍ଥ ମଣ୍ଡିରେ ବିକ୍ରି କରିପାରିବେ । ଧାନକ୍ରୟ କ୍ଷେତ୍ରରେ ସରକାରୀ ନିୟମର ଅନୁପାଳନ, ସମସ୍ତ ପର୍ଯ୍ୟାୟରେ ସ୍ୱଚ୍ଛତା ଅବଲମ୍ବନ ସହିତ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଜିଲାପାଳ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ମୋଟ ୪ଲକ୍ଷ ୩୬ହଜାର ୭୬୪ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏନେଇ ୨୨ଜଣ ମିଲର୍ସଙ୍କୁ ଏଥିରେ ସାମିଲ କରାଯାଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସୁବ୍ୟବସ୍ଥିତ ଶୈଳୀରେ ଧାନ ସଂଗ୍ରହ ସହ ଧାର୍ଯ୍ୟ ସମୟସୀମା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯେଭଳି ସିଧାସଳଖ ଟଙ୍କା ପହଞ୍ଚିବ, ସେ ସମ୍ପର୍କରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ସାରଗାଁ ଅଞ୍ଚଳର ଚାଷୀ ସର୍ବେଶ୍ୱର ଦାଶ ଓ ଅକ୍ଷୟ କୁମାର ଦାଶଙ୍କଠାରୁ ମୋଟ ୯୯.୯୫ କ୍ୱିଣ୍ଟାଲରୁ ଧାନକିଣା ଶୁଭାରମ୍ଭ କରାଯାଇଥିଲା । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାଏ, ପ୍ରାଥମିକ ସମବାୟ ସମିତି ସମୂହ ଉପ-ନିବନ୍ଧକସୀତାପତି କରୁଣାକର ମାଝୀ, ସହକାରୀ ନିବନ୍ଧକ ଗୋପବନ୍ଧୁ ଦାସ, ସାରଗା ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦିକା ଝୁନିଲତା ସାହୁ, ପୂର୍ବତନ ସମିତି ସଭାପତି ଘନଶ୍ୟାମ ପଣ୍ଡା, ଚାଷୀ କମିଟି ସଭାପତି ବଂଶୀଧର ଚୌଧୁରୀ, ଆଞ୍ଚଳିକ ବଜାର କମିଟି (ଆରଏମସି) ସମ୍ପାଦକ ଗୋପୀନାଥ ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।

# ନିସ୍ ଶିକ୍ଷାନୁଷ୍ଠାନରେ ଜାତୀୟ ସେମିନାର



ଭୁବନେଶ୍ୱର(୧୪/୫) : ଭୁବନେଶ୍ୱର ମଦନପୁର ସ୍ଥିତ ନିସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ ପରିସରରେ ଜାତୀୟ ସେମିନାର ଅନୁଷ୍ଠିତ ହୋଇଛି । ଏହାର ଶୀର୍ଷକ ରହିଛି '୪ର୍ଥ ଶିଳ୍ପ ବିପ୍ଳବ ଏବଂ ଏହି ଦିଗରେ ବାଣିଜ୍ୟ ଜଗତର କ୍ରମବର୍ଦ୍ଧିତ ଉନ୍ନତି' । ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ ସେମିନାରକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଆଇଆଇଏମର ଆସୋସିଏଟ ପ୍ରଫେସର ଡକ୍ଟର ରାମକୃଷ୍ଣ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଏମ୍ ଏସ ପି ଏଲର ଭାଇସ ପ୍ରେସିଡେଣ୍ଟ ଡକ୍ଟର ଦେବବ୍ରତ ଦାସ, କିଟ୍ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଡକ୍ଟର ସୁମନ ଭଟ୍ଟାଚାର୍ଯ୍ୟ, ଜାଭିୟର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ଡକ୍ଟର ଡବ୍ଲ୍ୟୁ ଏସ୍ ଉଇଲିୟମ୍ ପ୍ରମୁଖ ସମ୍ମାନିତ ଅତିଥୀ ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ନିସ୍ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେବା ସହର୍ଥ ଶିଳ୍ପ ବିପ୍ଳବ ଓ ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଉପଦେଷ୍ଟା ଡକ୍ଟର ପ୍ରତାପ କୁମାର ତ୍ରିପାଠୀ, ଉପନିର୍ଦ୍ଦେଶକ ଡକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡକ୍ଟର ରାଜେଶ ସ୍ୱାଇଁ, ଡିନ୍ ସାଧାରଣ ପ୍ରଶାସନ ପ୍ରଫେସର ବିଷ୍ଣୁ ପାଲ, ଯୁଗ୍ମ ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରମୁଖ ଯୋଗଦେଇଥିଲେ । ନିସ୍ ଶିକ୍ଷାନୁଷ୍ଠାନର ସହ ପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକ ଅତିଥୀମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିବା ବେଳେ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଏମବିଏ ବିଭାଗର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ରାଜଧାନୀରେ ଅସହ୍ୟ ଗୁଳୁଗୁଳ

ଭୁବନେଶ୍ୱର,୨୦/୦୫ (ନି.ପ୍ର): ଅସହ୍ୟ ଗୁଳୁଗୁଳିରେ ସନ୍ତୁଳି ହେଉଛି ରାଜ୍ୟ ରାଜଧାନୀ । ଆଦ୍ରତା ଅଧିକ ରହୁଥିବାରୁ ଗୁଳୁଗୁଳି ଅନୁଭୂତ ହେଉଥିବା ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସକାଳ ୯ ଟା ପରଠାରୁ ରାଜଧାନୀ ଭୁବନେଶ୍ୱର ସହରରେ ଆଦ୍ରତା କ୍ରମାଗତ ଭାବେ ୫୦% ରୁ ଅଧିକ ରହୁଥିବାରୁ ଗୁଳୁଗୁଳି ଅଧିକ ଅନୁଭୂତ ହେଉଛି । ଭୁବନେଶ୍ୱରରେ ୧୧ ଟା ୩୦ରେ ତାପମାତ୍ରା ୩୬ ଡିଗ୍ରୀ ଥିବାବେଳେ ଆଦ୍ରତା ଥିଲା ୫୫% । ସେହିପରି ଦିନ ୨ଟା ୩୦ ବେଳକୁ ତାପମାତ୍ରା ୩୭ ଡିଗ୍ରୀ ରହିଥିବା ବେଳେ ୫୬% ଆଦ୍ରତା ରହିଥିଲା । ଉଚ୍ଚ ଆର୍ଦ୍ରତା ମଣିଷ ଶରୀର ଉପରେ ଅନେକ ପ୍ରତିକୂଳ ପ୍ରଭାବ ପକାଇପାରେ । ଏହା କମ୍ ଶକ୍ତି ଏବଂ ଅଳସୁଆମୀ ଅନୁଭବ କୁ ବୃଦ୍ଧି କରାଏ, ଏହା ସହିତ, ଉଚ୍ଚ ଆର୍ଦ୍ରତା ହାଇପରଥର୍ମିଆ ସୃଷ୍ଟି କରିପାରେ ।

# ଆମ୍ବଳିଅଠା ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ



ଜଳେଶ୍ୱର, ୨୦/୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଥିବା ୧୯ଟି ମଣ୍ଡି ମଧ୍ୟରୁ ଆମ୍ବଳିଅଠାସ୍ଥିତ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ସଭାପତି ଅଶୋକ କୁମାର ଜେନା ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ୟାକ୍ସରେ ୪୦୨ଜଣ ଚାଷୀ ନାମ ପଂଜିକରଣ କରିଥିବା ବେଳେ ଆଜି ଶୁକ୍ରବାର ଅପରାହ୍ନରେ ଚାଷୀ ଗୋପାଳ ଚନ୍ଦ୍ର ଜେନା ଓ ସତ୍ୟପ୍ରିୟ ଜେନା ଧାନବିକ୍ରି କରିଥିଲେ । ଚାଷୀ କମିଟି ମଧ୍ୟରୁ ସୂର୍ଯ୍ୟ ଜେନା, ରାମେଶ୍ୱର ରାଜ, ବରେନ୍ଦ୍ର ପାତ୍ର, ମିହିର ଚାନ୍ଦ, ସୁଶିଲ ସେନାପତି, ନିୟନ୍ତ୍ରିତ ବଜାର କମିଟିର ଧାନ ମାନ ନିର୍ଦ୍ଧାରକ ଚନ୍ଦନ କୁମାର ଘୋଷ ଉପସ୍ଥିତ ଥିଲେ । ସଂପାଦକ ଦେବାଶିଷ ପାତ୍ର ଧାନ କ୍ରୟ ଆରମ୍ଭ କରିଥିବା ବେଳେ ସନ୍ୟାସି ପାତ୍ର ଓ କାଳିଚରଣ କର ସହଯୋଗ କରିଥିଲେ ।

## ଗୋଟିଏ ଦିନରେ ୧୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୩୪୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୦୫୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୮ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୭ ଜଣ ସଂଗରୋଧରୁ ଓ ୩ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଷ୍ଟେଟ ପୁଲରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୯ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ବାଲିମାଫିଆଙ୍କ ଗିରଫ ଦାବିରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ

ନୀଳଗିରି, ୨୦/୦୫ (ନି.ପ୍ର): ନୀଳଗିରି ଅଂଚଳର ସୋନ ନଦୀ ପୀଠରୁ ବିଭିନ୍ନ ସ୍ଥାନରୁ ବାଲିମାଫିଆ ଶହ ଶହ ଟ୍ରିପ ବାଲି ଚୋରା ରେ ବାହାରୁ ଚାଲାଣ କରୁଛନ୍ତି । ବ୍ୟାପକ ବାଲି ଚୋରାରେ ଚାଲାଣ ଫଳରେ ନଦୀ ତଟବର୍ତୀ ଅଂଚଳରେ ପଥର ପେକିଂ ଭୁଷୁଡ଼ିବା ସମ୍ଭାବନା ଓ କାଠପାଳ ପୋଲ ତଳୁ ବାଲି ଚୋରି ହେବା ଫଳରେ ପୋଲର ବିପଦ ବଢ଼ିବାକୁ ନେଇ ପାଖ ଅଂଚଳର ଲୋକେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରି ନୟାନ୍ତ ହୋଇପଡ଼ିଛନ୍ତି । ଏହାକୁ ରୋକିବା ପାଇଁ ପ୍ରଶାସନ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଲୁଟେରାମାନେ ଅବାଧରେ ବାଲି ଚୋରି କରି ମାଲେମାଲ ହେଉଛନ୍ତି । ଏହା ସହ ଚୋରା ବାଲି ଉତୋଳନକୁ ନେଇ ଅଭିଯୋଗକାରୀମାନେ ବାଲି ମାଫିଆଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି । ଏହାର ଏକ ନଗ୍ନ ଘଟଣା ଏହି ବର୍ଷ ମେ ମାସ ୭ତାରିଖରେ ଘଟିଯାଇଛି । ଏ ପର୍ଯ୍ୟନ୍ତ ଅଭିଯୋଗ ହୋଇଥିବା ସଂପୃକ୍ତ ଆସାମୀମାନଙ୍କ ଉପରେ କୌଣସି ପ୍ରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ପୋଲିସ ଆସାମୀମାନଙ୍କୁ ଖୋଜୁଛି ବୋଲି କହି ଦିନ ପରେ ଦିନ ଗଡ଼େଇ ଚାଲିଛି । ଏହିଭଳି ବିଷୟକୁ ନେଇ ଆଜି ପୂର୍ବାହ୍ନରେ ପ୍ରକୃତି ସୁରକ୍ଷା ମଂଚ ନରସିଂହପୁର ପଂଚାୟତର କିଛି ଲୋକ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀରେ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୋଲିସର ନିଷ୍କ୍ରିୟତା, ରାଜସ୍ୱ ଓ ପ୍ରଶାସନର ଉଦାସୀନତା ବିରୋଧରେ ଗଣ ବିକ୍ଷୋଭ କରିଥିଲେ । ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଦାବୀକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହେବା ସହିତ ପ୍ରଶାସନର ନିଷ୍କ୍ରିୟତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ପରେ ଧାରଣାସ୍ଥଳରେ ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ ପହଂଚି ଧାରଣାକରୀଙ୍କ ସହିତ ଆଲୋଚନା କରିଥିଲେ । ଧାରଣାକାରୀଙ୍କ ଠାରୀ ଦାବୀପତ୍ର ନେବା ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣାରେ ନୀଳଗିରି ପୂର୍ବତନ ବ୍ଲକ ଉପାଧକ୍ଷ ରମେଶ ମହାନ୍ତି, ରାଧାଗୋବିନ୍ଦ ଖଟୁଆ, ଗଙ୍ଗାଧର ମିଶ୍ର, ରାଜୀବ ଦାସବାବୁ, ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାର ପୁରାତନ ମନ୍ଦିର ନବୀକରଣ ଦାବି

ବାଲେଶ୍ୱର,୨୦/୦୫ (ନି.ପ୍ର): ବାଲେଶ୍ୱର ବରିଷ୍ଠ ନାଗରିକ ଫୋରମ ଏକ ବୈଠକ ସଭାପତି ନିରଞ୍ଜନ କୁମାର କରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ରାଜ୍ୟ ସରକାରଙ୍କ ମନ୍ଦିର ନବୀକରଣ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା । ତେବେ ବାଲେଶ୍ୱର ଜିଲାରେ ଥିବା ପୁରାତନ ମନ୍ଦିରର ନବୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଫୋରମ ପକ୍ଷରୁ ସ୍ମାରକପତ୍ର ପ୍ରଦାନ ପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେହିଭଳି ପ୍ରତ୍ୟେକ ୱାର୍ଡ଼ରେ କମ୍ୟୁନିଟି ସେଣ୍ଟର ନିର୍ମାଣ, ବରିଷ୍ଠ ନାଗରିକ ଆଶ୍ରୟସ୍ଥଳ ନିର୍ମାଣ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ ପାଇଁ ଉପସ୍ଥିତ ସଭ୍ୟମାନେ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫୋରମର ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ସଞ୍ଜୀବ କୁମାର ପତି, ବିଶ୍ୱନାଥ ଚକ୍ରବର୍ତ୍ତୀ, ଶ୍ରୀକାନ୍ତ ନାୟକ, ପରମାନନ୍ଦ ପଣ୍ଡା, ପଞ୍ଚାନନ ଦାସ, ଜୟନ୍ତ କୁମାର ଜେନା, ବିମଳ ଚନ୍ଦ୍ର ମାଇତି, ଜୟନ୍ତ କୁମାର ରଣଜିତ, ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କୋଟପା ଆଇନ କାର୍ଯ୍ୟାନ୍ୱୟନ ନେଇ ଧରପଗଡ଼

ଭଦ୍ରକ, ୨୦/୦୫ (ନି.ପ୍ର): କୋଟପା ଆଇନ୍‌ର କାର୍ଯ୍ୟକାରୀତା ପାଇଁ ଗତ ତା ୭-୫-୨୨ରିଖ ରେ ଏସ୍.ପି. ଚରଣ ସିଂ ମୀନାଙ୍କ ଅଧକ୍ଷତାରେ ତାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଥିବା ପ୍ରଶିକ୍ଷଣ ଶିବିରରେ ଆଲୋଚନା ଅନୁଯାୟୀ ଧରପଗଡ଼ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଏଥିପାଇଁ ପ୍ରସ୍ତୁତ ଯୋଜନା ମତେ ଆଜି ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଭଦ୍ରକ କଲେଜ ରାସ୍ତା ଅଞ୍ଚଳରେ ଦୋକାନ ମାନଙ୍କରେ ଚଢ଼ାଓ କରାଯାଇ ବିକ୍ରୟ କରାଯାଉଥିବା ନିଷିଦ୍ଧ ଥିବା ତମାଖୁ ଜାତୀୟ ଦ୍ରବ୍ୟ ସବୁ ଜବତ କରାଯାଇଛି ।



କୋଟପା ଆଇନ୍ ଉଂଲଘନକାରୀ ୧୬ ଜଣଙ୍କ ଠାରୁ ଜୋରିମାନା ବାବଦ ୨,୪୫୦ ଟଙ୍କା ଆଦାୟ କରାଯାଇଛି । ଟାଉନ୍ ପୋଲିସ ଏସ୍.ଆଇ. ସାଗର ପ୍ରସାଦ ଦାସ, ଏ.ଏସ୍.ଆଇ. ନୀଳମଣି ଦାସ, ଏପିଡ଼େମିଲୋଜିଷ୍ଟ ଡ଼ା କାଶିନାଥ ପଣ୍ଡା, ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ଅବକାରୀ ଇନିସ୍‌ପେକ୍ଟର ସ୍ୱାତୀ ପଟ୍ଟନାୟକ, ଅଣ ସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ କୁମାର ରାଉତ ଏବଂ ଡ୍ରଗ ଇନିସ୍‌ପେକ୍ଟର କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଏହି ଧରପଗଡ଼ ଦଳରେ ସାମିଲ ଥିଲେ । ଚଢ଼ାଓ ରେ ଜବତ କରାଯାଇଥିବା ସିଗାରେଟ୍, ଗୁଟ୍‌ଖା ଆଦି ତମାଖୁ ଜାତୀୟ ଦ୍ରବ୍ୟକୁ ସଂପୃକ୍ତ ଅଧିକାରୀମାନଙ୍କ ଉପସ୍ଥିତିରେ ଥାନା ପରିସରରେ ଅଗ୍ନି ସଂଯୋଗ କରି ପୋଡ଼ି ନଷ୍ଟ କରି ଦିଆଯାଇଥିଲା ।

# ଏସଆର୍ ଗ୍ରୁପର ନୂତନ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ

ଖଇରା, ୨୦/୦୫ (ନି.ପ୍ର): ଗଣ୍ଡିବେଡ-ମାର୍କୋଣା ରାସ୍ତାର ଖଇରା ବ୍ଲକ ଅଧୀନ ମାଟିଆଳପଦା ଛକ ନିକଟରେ ଏସ୍ଆର ଗ୍ରୁପର ନୂତନ ପେଟ୍ରୋଲ ପମ୍ପ ମହାକୁଡ ଫିଲିଂ ଷ୍ଟେସନ ବୁଧବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ଇଂ ରାଜେଶ ମହାକୁଡଙ୍କ ଉଦ୍ୟମରେ ନିର୍ମିତ ଏହି ପମ୍ପକୁ ବିଶିଷ୍ଟ ଓଡିଆ ଅଭିନେତ୍ରୀ ଜିନା ସାମଲ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ରାମଚନ୍ଦ୍ର ମହାକୁଡ,ଇଣ୍ଡିଆନ ଅଏଲ ସେଲ୍ସ ଅଫିସର ସୌମ୍ୟଜିତ ଦଳାଇ,ପେଟ୍ରୋଲିୟମ ଡିଲର ସଂଘର ସମ୍ପାଦକ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ । ୭ଦିନ ଧରି ତେଲ ପକାଇବାକୁ ଥିବା ସମସ୍ତ ଗ୍ରାହକ ମାନଙ୍କ ମାନଙ୍କ ପାଇଁ କୁପନ ପ୍ରଦାନ କରାଯିବା ସହ ଲକି ଡ୍ରର ବ୍ୟବସ୍ଥା କରାଯାଇଛି ।



# ଆଂଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ରକ୍ଷକ-୨ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୨୦/୦୫ (ନି.ପ୍ର): ଦିନକୁ ଦିନ ଭାରତ ଦୃତ ବିକାଶ ପଥରେ ଆଗେଇ ଚାଲିଛି । ଖଣି, ଶିଳ୍ପ ଓ କୃଷି କ୍ଷେତ୍ରରେ ଦୃତ ପ୍ରଗତି ବୃଦ୍ଧି ପାଉଛି । ପରିବହନ କ୍ଷେତ୍ରରେ ମଧ ପ୍ରଗତି ବୃଦ୍ଧି ପାଉଛି । ଏହାକୁ ନେଇ ସରକାର ରାସ୍ତାଘାଟ ,ସଡ଼କ ପଥରେ ମଧ ବିକାଶ ଘଟାଉଛନ୍ତି । ଯେତେ ପ୍ରଗତି ହେଲେ ମଧ୍ ?ଯ ସେହି ମାତ୍ରାରେ ରାସ୍ତା ଦୁର୍ଘଟଣା, କଳକାରଖାନାରେ ଦୁର୍ଘଟଣା ମାନ ବୃଦ୍ଧି ପାଉଛି । ଅକାଳରେ ଅମୁଲ୍ୟ ଜୀବନ ନଷ୍ଟ ହେଉଛି । ଦୁର୍ଘଟଣାକୁ ନେଇ ସରକାର ଚିନ୍ତିତ । ଏହାକୁ ନେଇ ସରକାର ଓଡ଼ିଶାର ୩୦ ଟି ଜିଲ୍ଲାରେ ରକ୍ଷକ ତାଲିମ କେନ୍ଦ୍ର ଖୋଲିଛନ୍ତି । ଆଜି ରାଇରଙ୍ଗପୁର ଆଂଚଳିକ ପରିବହନ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ରକ୍ଷକ ୨ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏଆରଟିଓ କେ ଭେଙ୍କଟେସ, ରାଇରଙ୍ଗପୁର ଟାଉନ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ?,ଏମସିଆଇ ଆଶୁତୋଷ ନାଏକ, ଜିଲ୍ଲା ଜୁନିଅରର ରେଡ଼କ୍ରସ ଅଧିକାରୀ ସ୍ମୃତି ରଂଜନ ପାଣି ,ମାଷ୍ଟର ଟ୍ରେନର ରାଇରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟାପକ ହଳଧର ବାରିକ, ମାଷ୍ଟର ଟ୍ରେନର ପାଂଚପିଢ ମହିଳା ବିଦ୍ୟାଳୟ ଅଧାପକ ମାନସ ରଂଜନ ବେହେରା, ମାଷ୍ଟର ଟ୍ରେନର ଶିକ୍ଷୟତ୍ରୀ ମିତା ହାଁସଦା ପ୍ରମୁଖ ଯୋଗ ଦେଇଥିଲେ । ଭାରତରେ ପ୍ରତ୍ୟେକ ବର୍ଷ ୬୦୦୦ ରୁ ଉର୍ଦ୍ଧ୍ୱ ଲୋକେ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ବରଣ କରୁଥିବାବେଳେ ପ୍ରତି ୨ ମିନିଟରେ ଜଣେ ଲେଖାଏଁ ମୃତ୍ୟୁ ବରଣ କରୁଛନ୍ତି । ତେଣୁ ମୃତ୍ୟୁ ହାରକୁ କମାଇବା ପାଇଁ ମୁଖ୍ୟତଃ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ତଦକ୍ଷଣାତ୍ ଆଶୁ ଚିକିତ୍ସା ଯୋଗାଇଲେ ରୋଗୀଟ୍ର ଆପାତତଃ ବଂଚିବାର ସମ୍ଭାବନା ରହିଥାଏ ବୋଲି ଅତିଥି ମାନେ କହିଛନନ୍ତି । ଆରଟିଓମାନେ ଦୁର୍ଘଟଣା ପ୍ରବଣ ଅଂଚଳ ଚିହ୍ନଟ କରି ସ୍ଥାନୀୟ ଯୁବକ ଯୁବତୀଙ୍କୁ ମାଷ୍ଟର ଟ୍ରେନରଙ୍କ ଦ୍ୱାରା ରକ୍ଷକ ତାଲିମ ପ୍ରଦାନ କରିବେ । ଯେଉଁମାନେ ଖବର ପାଇ ଦୁର୍ଘଟଣା ସ୍ଥାନରେ ପହଂଚି ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିକୁ ଆଶୁ ଚିକିତ୍ସା କରାଇ ନିକଟସ୍ଥ ଡ଼ାକ୍ତରଖାନାରେ ପହଂଚାଇବାର ବ୍ୟବସ୍ଥା କରିବେ ଏବଂ ସେହି ପ୍ରାଥମିକ ସେବାକାରୀଙ୍କୁ ପୁରସ୍କୃତ କରାଯିବ ବୋଲି ଜଣା ଯାଇଛି । ସେହିଭଳି ମଦ ପିଇ ଗାଡି ନଚଲାଇବା, ମୋବାଇଲ କାନରେ ରଖି ଗାଡି ନଚଲାଇବା, କମ ବୟସର ଯୁବକ ଯୁବତୀ ମାନେ ଗାଡି ନଚଲାଇବା, ଦୃତ ଗତିରେ ଅନ୍ୟ ଗାଡ଼ିକୁ ଅତିକ୍ରମ ନକରିବା, ହେଲମେଟ ପିନ୍ଧିବା, କାରରେ ସିଟବେଲଟ ଲଗାଇ ବସିବା ଇତ୍ୟାଦି ଉପରେ ମଧ ଗୁରୁତ୍ୱ ଦେଇ ଥାନା ଅଧିକାରୀ ଶ୍ରୀ ବାଗେ ଆଲୋଚନା କରିଥିଲେ ।

# ପରିବର୍ତ୍ତନ ଧାରାରେ ଭାରତୀୟ ଚଳଚ୍ଚିତ୍ର

ଭୁବନେଶ୍ୱର, ୨୦/୦୫ (ନି.ପ୍ର): ସମୟ ସହ ତାଳଦେଇ ଭାରତୀୟ ଚଳଚ୍ଚିତ୍ରର ପରିବର୍ତ୍ତନ ଘଟୁଛି ଏବଂ ଭବିଷ୍ୟତରେ ଓ.ଟି.ଟି. ପ୍ଲାଟଫର୍ମକୁ ଏହା ଆସିଯିବ ବୋଲି ପ୍ରଫେସର ହିମାଂଶୁ ଖଟୁଆ କହିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଆୟୋଜିତ 'ଭାରତୀୟ ଚଳଚ୍ଚିତ୍ର-୪ସି' ଶୀର୍ଷକ ୱେବିନାର ଆଲୋଚନାଚକ୍ରରେ ଯୋଗଦେଇ କିଟ୍ ବିଶ୍ୱବିଦ୍ୟାଳୟର ଫିଲ୍ମ ଏବଂ ଗଣମାଧ୍ୟମ ବିଭାଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫେସର ଖଟୁଆ ଭାରତୀୟ ଚଳଚ୍ଚିତ୍ରର ବିଭିନ୍ନ ଦିଗ ଉପରେ ଆଲୋଚନା କରି ପୌରାଣିକ ବିଷୟବସ୍ତୁରୁ ଆରମ୍ଭ ହୋଇଥିବା ଭାରତୀୟ ଚଳଚ୍ଚିତ୍ର ଐତିହାସିକ, ସାମାଜିକ ଏବଂ ପ୍ରେମକାହାଣୀର ଆଧାର ପରେ ପରୀକ୍ଷାମୂଳକ କାହାଣୀରେ ପହଞ୍ଚିଛି ବୋଲି କହିଛନ୍ତି । ମୋଟ ଉପରେ ଚଳଚ୍ଚିତ୍ର ଦର୍ଶକର ଅଂଶଗ୍ରହଣ ଉପରେ ନିର୍ଭର କରୁଥିବାରୁ ଦର୍ଶକ ହଲକୁ ନ ଆସିଲେ ଚଳଚ୍ଚିତ୍ର ଶିଳ୍ପ



ତିଷ୍ଠିବ ନାହିଁ ବୋଲି କହିଥିଲେ । ଚଳଚ୍ଚିତ୍ର ଶିଳ୍ପ ଟେଲିଭିଜନକୁ ଅନେକ କିଛି ଦେଇଛି ଏବଂ ଷ୍ଟୁଡିଓରୁ ବାହାରି ମୁକ୍ତ ବାତାବରଣକୁ ଆସିବା କ୍ଷେତ୍ରରେ ବୈଷୟିକ ପରିବର୍ତ୍ତନ ଓ ପ୍ରଗତିର ଭୂମିକା ରହିଛି ବୋଲି ମଧ କହିଥିଲେ । ପରସ୍ପର ସହ ଲୋକଙ୍କୁ ଯୋଡିବା, ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବା, ସୃଜନଶୀଳତା ଏବଂ ରୁଚି ଭାରତୀୟ ସିନେମାର ବୈଶିଷ୍ଟ୍ୟ ବୋଲି ମଧ କହିଥିଲେ । ଚଳଚ୍ଚିତ୍ର ଜଗତ ସମ୍ପର୍କରେ ଭଲଭାବରେ ଧାରଣା ନ ଥିବା ଲୋକମାନେ ଏହି ଶିଳ୍ପ ଭିତରକୁ ପ୍ରବେଶ କରୁଥିବାରୁ ଫିଲ୍ମ ଦେଖିବା ପ୍ରତି ଲୋକଙ୍କର ଆଗ୍ରହ କମିଯାଉଛି ବୋଲି ଓଡିଆ ଚଳଚ୍ଚିତ୍ର ତାରକା ଅନୁ ଚୌଧୁରୀ କହିଛନ୍ତି । ଏକ ଗଣମାଧମ ଭାବରେ ଏଥିରେ ଏକକାଳୀନ ଅନେକ ଲୋକଙ୍କର ଭୂମିକା ରହୁଥିବାରୁ ସମସ୍ତଙ୍କର ସମନ୍ୱୟ ରକ୍ଷା କରାଗଲେ ଚଳଚ୍ଚିତ୍ର ଲୋକପ୍ରିୟ ହୋଇପାରିବ ବୋଲି ସେ ମତ ଦେଇଥିଲେ ।

ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବା ସମୟରେ କାନ୍ ?ସ ଚଳଚ୍ଚିତ୍ର ଉତ୍ସବରେ ଭାରତର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଚଳଚ୍ଚିତ୍ର ମହୋତ୍ସବ ନିର୍ଦ୍ଦେଶାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଚୈତନ୍ୟ ପ୍ରସାଦ ଆଲୋଚନା ପ୍ରସଙ୍ଗରେ କହିଛନ୍ତି । ଲୋକଙ୍କୁ ପରସ୍ପର ସହିତ ଯୋଡିବା, ସକାରାତ୍ମକ ସୂଚନା ଦେବା, ସୃଜନଶୀଳତାର ପରିପ୍ରକାଶ ଏବଂ ଲୋକଙ୍କ ରୁଚି ମୁତାବକ ଭାରତୀୟ ଚଳଚ୍ଚିତ୍ର ଗୁଡିକ ନିର୍ମିତ ହେଉଥିବାରୁ ବିଶ୍ୱସ୍ତରରେ ଏଗୁଡିକ ଏକ ବ୍ରାଣ୍ଡ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଶ୍ରୀ ପ୍ରସାଦ କହିଥିଲେ । ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଆଲୋଚନାର ପ୍ରସଙ୍ଗ ସମ୍ପର୍କରେ ସୂଚନା ଦେଇ ସାମାଜିକ ପରିବର୍ତ୍ତନର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଚଳଚ୍ଚିତ୍ର ସହାୟକ ହୋଇଥାଏ ବୋଲି କହିଥିଲେ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁରଙ୍କର ଆଲୋଚନାର ପ୍ରସଙ୍ଗ ଉପରେ ରହିଥିବା ମନ୍ତବ୍ୟ ଉଦ୍ଧାର କରି ଦେଶକୁ ଯୋଡି ରଖିବାରେ, ଯୋଗାଯୋଗକୁ ଦୃଢ କରିବାରେ ତଥା ଲୋକଙ୍କୁ ରୁଚି ମୁତାବକ ଶିକ୍ଷା ଦେବାରେ ଚଳଚ୍ଚିତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସାମ୍ବାଦିକ ପ୍ରାଚୀ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କର ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୮ ତମ ଜୟନ୍ତୀ ପାଳିତ



ବାରିପଦା, ୨୦/୦୫ (ନି.ପ୍ର): ସାନ୍ତାଳ ଆଦିବାସୀ ସମ୍ପ୍ରଦାୟର ଭାଷା, ସାହିତ୍ୟର ବିକାଶ କ୍ଷେତ୍ର ରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଉଲ୍ଲେଖନୀୟ ଅବଦାନ । ସାନ୍ତାଳି ଭାଷା ଅଲଚିକି ଲିପିର ଉଦଭାବନ କରି ପଣ୍ଡିତ ରଘୁନାଥ ମୁର୍ମୁ ଏକ ସ୍ୱର୍ଣ୍ଣୀମ ଅଧ୍ୟାୟ ସୃଷ୍ଟିକରି ଯାଇଛନ୍ତି । ୧୯୦୫ ମସିହା ଚନ୍ଦନ ପୂର୍ଣ୍ଣିମାରେ ପଣ୍ଡିତ ରଘୁନାଥ ମୁର୍ମୁ ମୟୂରଭଂଜର ରାଇରଙ୍ଗପୁର ନିକଟସ୍ଥ ଦାଣ୍ଡବୋଷ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୨୫ ମସିହାରେ ସେ ଆଲଚିକି ଲିପି ପ୍ରସ୍ତୁତ କରିସାରିଥିବା ବେଳେ ୧୯୩୯ ମସିହାରେ ଏହି ଲିପି ମାଧ୍ୟମରେ ପ୍ରକାଶନ କାର୍ଯ୍ୟ କରିପାରିଥିଲେ । ତାଙ୍କ ପ୍ରଦତ ଅଲଚିକି ଲିପିଯୋଗୁଁ ସେ ଚିର ନମସ୍ୟ ହୋଇରହିଛନ୍ତି । ୧୯୫୬ ମସିହାରେ, ଜାମସେଦପୁର ନିକଟ କରାମଡିହିରେ ଅନୁଷ୍ଠିତ ଅଲ ଇଣ୍ଡିଆ ସାରନା ସମ୍ମିଳନୀରେ ବିଶିଷ୍ଟ ଆଦିବାସୀ ନେତା ଜୟପାଲ ସିଂ ତାଙ୍କୁ ଗୁରୁ ଗୋମକେ (ମହାନ ଶିକ୍ଷକ) ଉପାଧି ପ୍ରଦାନ କରିଥିଲେ । ପରବର୍ତୀ ମୁହୂର୍ତରେ ଅଲଚିକି ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଇଥିଲା । ଚଳିତ ବର୍ଷ ବୁଦ୍ଧ ପୂର୍ଣ୍ଣମୀ ଦିନଟିକୁ ତାଙ୍କର ଜନ୍ମଜୟନ୍ତୀ ଅବସରରେ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି । ସାରା ରାଜ୍ୟରେ ପଣ୍ଡିତ ରଘୁନାଥ ମୁର୍ମୁ ଙ୍କ ୧୧୮ତମ ଜୟନ୍ତୀକୁ ଧୁମଧାମରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି । ତାଙ୍କ ଜନ୍ମସ୍ଥାନ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ନିକଟ ଦାଣ୍ଡବୋଷ ଠାରେ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିବା ବେଳେ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଯୋଗ ଦେଇଥିଲେ । ସେହିପରି ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ କମିଟି ତରଫରୁ ଦୀର୍ଘ ୩୫ବର୍ଷ ଧରି ତାଙ୍କ ଜନ୍ମ ଦିବସ ଧୁମଧାମରେ ପାଳନ କରାଯାଇଥାଏ । ଗତ ୨ବର୍ଷ ମହାମାରୀ କରୋନା ଯୋଗୁଁ ଏହା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ପାଲବଣୀ ଅଂଚଳରେ ଏକ ବାର୍ଣ୍ଣାଢ୍ୟ ଉତ୍ସବ ରେ ତାଙ୍କର ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ମନ୍ତ୍ରୀ ସୁଦାମ ମାରାଣ୍ଡି , ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଅଲଚିକି ଲିପି ପାଇଁ ସେ ସବୁଦିନ ଆଦିବାସୀଙ୍କ ପୂଜ୍ୟ ହୋଇ ରହିବେ ବୋଲି କହିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo